

ଜ୍ୟାକ୍‌ଲିନ୍‌ଙ୍କ ଏଆଇ ଅବତାର

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-29 ◆THURSDAY ◆23 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୨୯ ◆ଗୁରୁବାର ◆୨୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସଡ଼କରୁ ସଂସଦ ହଙ୍ଗାମା

## ଛାତ୍ରଙ୍କ ସମର୍ଥନରେ ସାରାଦେଶରେ ବିକ୍ଷୋଭ; ବିଦେଶରେ ବି ବିରୋଧ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି । ବିଶେଷ କରି ଗତ ୨୦ ତାରିଖରେ ନିରସ୍ତ୍ର ଓ ନିରୀହ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ ଦମନଲୀଳା ଏହି ଆନ୍ଦୋଳନ ନିଆଁରେ ଘିଅ ଢାଳିବା ଭଳି କାମ କରିଛି । ସଡ଼କରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଅଶାନ୍ତ ହୋଇପଡ଼ିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହିତ ପୁଲିସର ବର୍ବରତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର୍ ଧରିଛି । ବିଦେଶରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ଛାତ୍ରଛାତ୍ରୀମାନେ ପୁଲିସ ବର୍ବରତାର ପ୍ରତିବାଦ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ।



ସଂସଦ ପରିସରରେ କଳା ପୋଷାକ ପିନ୍ଧି ବିରୋଧୀ ସାଂସଦଙ୍କ ପ୍ରତିବାଦ

ଆନ୍ଦୋଳନ କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ରାଜ୍ୟ ରାଜଧାନୀ ଏହି ଦାବି ଗର୍ଜନରେ ଥରି ଉଠିଛି । ଆନ୍ଦୋଳନକାରୀ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବା ବେଳେ ସଂସଦରେ ମଧ୍ୟ ବିରୋଧୀ ଦଳ ସ୍ପଷ୍ଟ କରିଦେଇଛନ୍ତି ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଗୃହକୁ ଚଳାଇ ଦିଆଯିବ ନାହିଁ । ଏହି ଦାବିରେ ସଂସଦ ଆଜି ତୃତୀୟ ଦିନ ଧରି ଅଚଳ ରହିଥିବା ବେଳେ ବିରୋଧୀ ▶ପୃଷ୍ଠା-୭

## ମନାକଲେ ସୁପ୍ରିମକୋର୍ଟ; ନୋଟିସ୍ ଦେଲେ ହାଇକୋର୍ଟ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ସଂସଦ ମାର୍ଚ୍ଚ ସମୟରେ ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ ଓ ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଇ ଆବେଦନକାରୀ ସୁପ୍ରିମ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୁପ୍ରିମ କୋର୍ଟ ତୁରନ୍ତ ଶୁଣାଣି ପାଇଁ ମନା କରିଦେଇଥିବା ବେଳେ ହାଇକୋର୍ଟ ପିଟିସନ ଗ୍ରହଣ କରି କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି । ଏହି ବର୍ବରତା ଦେଶର ବିବେକକୁ ଦୋହଲାଇ ଦେଇଛି ବୋଲି କୋର୍ଟ ମନ୍ତବ୍ୟ ▶ପୃଷ୍ଠା-୭

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ୍: ନବୀନ



ବିରୋଧୀ ଦଳ ନେତାଙ୍କ ପ୍ରତି ପୁଲିସର ରୁକ୍ଷ ବ୍ୟବହାରକୁ ନିନ୍ଦା

ଆଘାତ ଦେଇଛି ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗ

■ ଭୁବନେଶ୍ୱର, ୨୨।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ପ୍ରସଙ୍ଗରେ ଦିଲ୍ଲୀରେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟକୁ ଓଡ଼ିଶାରେ ଦୋହରାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଗୁରୁବାର ଦିଲ୍ଲୀରୁ ଫେରିବା ସମୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ ବର୍ତ୍ତମାନ ପରୀକ୍ଷାକୁ ନେଇ ଯାହା ସବୁ ଘଟିଛି, ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ପ୍ରଦାନ କରିବା ଉଚିତ୍ । ଏହି ଅବସରରେ ସେ ଦିଲ୍ଲୀରେ ଗତକାଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତଥା ଅନ୍ୟ ନେତାଙ୍କୁ ପୁଲିସର ବ୍ୟବହାରକୁ ମଧ୍ୟ ସେ ଦୃଢ଼ ଶବ୍ଦରେ ନିନ୍ଦା କରିଛନ୍ତି ।

ନବୀନ କହିଛନ୍ତି ଯେ ସାରା ଦେଶରେ ଛାତ୍ରଛାତ୍ରୀମାନଙ୍କ ବିଶେଷକରି କଲେଜ ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ନେଇ ଯାହା ଘଟିଛି, ସେଥିପାଇଁ ଆନ୍ଦୋଳନ ଚାଲିଛି । ଏହି ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ଆମେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରୁଛୁ ଓ ଓଡ଼ିଶାରେ ମଧ୍ୟ ଆନ୍ଦୋଳନ କରିବୁ । ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ କି ନୁହେଁ ଆପଣମାନେ ପଚାରିଥିଲେ । ସମଗ୍ର ▶ପୃଷ୍ଠା-୭

## କାର ସହ ସ୍କୁଟି ଧକ୍କା; ୨ ମୃତ, ଜଣେ ଗୁରୁତର

■ ଢେଙ୍କାନାଳ, ୨୨।୭ (ସମିସ): ୫୫ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ନିରୁପମା ହୋଟେଲ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଇନୋଭା କାର ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଆହତ ବ୍ୟକ୍ତି ଜଣକ ଗଁଦିଆ ବ୍ଲକ ଯୋରନ୍ଦା ଥାନା ଅନ୍ତର୍ଗତ କାବରା ଗ୍ରାମର ବିଶ୍ୱଜିତ୍ ଦାଶ ବୋଲି ଜଣାପଡ଼ିଛି । ବିଶ୍ୱଜିତଙ୍କୁ କଟକ ଏସ୍‌ସିବି



ମେଡିକାଲ ସ୍ଥାନାନ୍ତର କରାଯାଇଛି । ଇନୋଭା କାର ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୁଟିରେ ତିନି ଜଣ ବସି ଆସୁଥିଲେ । ନିରୁପମା ହୋଟେଲ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା ।

## ହାତୀ ଆକ୍ରମଣରେ ପୁଣି ଗଲା ଜୀବନ

■ ରାସଗୋବିନ୍ଦପୁର, ୨୨।୭ (ସମିସ): ରାସଗୋବିନ୍ଦପୁର ବ୍ଲକ୍ ନଳଗଜା ପଞ୍ଚାୟତ ପୁଡ଼ାପଡ଼ା ଗ୍ରାମର ହାତୀ ଆତଙ୍କରେ ପୁଣି ଏକ ନିରୀହ ଜୀବନ ଯାଇଛି । କାଳିଆ ହେମ୍ବ୍ରମ ନାମକ ଜଣେ ଦିନ ମଜୁରିଆ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି । ସୂଚନା ଅନୁସାରେ, କାଳିଆ ହେମ୍ବ୍ରମ କାମ ସାରି ଘରକୁ ଫେରୁଥିବା ସମୟରେ ଏକ ଜଙ୍ଗଲୀ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ମାରିଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଘଟଣା ପରେ ଦୀର୍ଘ ସମୟ ଧରି ହାତୀଟି ମୃତଦେହ ନିକଟରେ ଜଗି ରହିଥିଲା । ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର କାଳିଆ ହେମ୍ବ୍ରମଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ପୁଡ଼ାପଡ଼ା ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ହାତୀ ଉପଦ୍ରବ ରୋକିବା ସହ ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି

## ୧୫ ବିଇଡି କଲେଜକୁ ସାନି ନୋଟିସ୍

**ଏମ୍‌ଇଡି ଯୋଗ୍ୟତା ନ ଥାଇ ପାଇଛନ୍ତି ଅଧ୍ୟାପକ ଚାକିରି**

**ନୋଟିସ୍ ପରେ ବଢ଼ିଲା ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା**

■ ଭୁବନେଶ୍ୱର, ୨୨।୭ (ସମିସ): ଯୋଗ୍ୟତା ନ ଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ପ୍ରଦାନକୁ ନେଇ ଅଡୁଆରେ ପଡ଼ିଛନ୍ତି ରାଜ୍ୟର ଅନେକ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ । ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ ଶିକ୍ଷାଗତ ଯୋଗ୍ୟତାକୁ ଉଲ୍ଲଂଘନ କରି ଏହି ନିଯୁକ୍ତି ଦିଆଯାଇଥିବାରୁ ୧୫ ବିଇଡ଼ି କଲେଜକୁ ନୋଟିସ ଦିଆଯାଇଛି । ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବାବେଳେ କେବଳ ସ୍ନାତକୋତ୍ତର ଓ ବିଇଡ଼ି କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି ।

ଏ ନ୍ ସି ଟି ଇ ପକ୍ଷରୁ କେନ୍ଦୁଝରସ୍ଥିତ ଆନନ୍ଦପୁର ପ୍ରଶିକ୍ଷଣ ମହାବିଦ୍ୟାଳୟ, ବଲାଙ୍ଗିରର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବ୍ରହ୍ମପୁରର ଦିବାକର ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନସଡ୍ ଷ୍ଟଡିଜ୍, କଟକର ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ଭବାନୀପାଟଣା ଓ ବାଲେଶ୍ୱରରେ ଥିବା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କନ୍ଧମାଳର କଳିଙ୍ଗାରେ ଥିବା ସରକାରୀ ବିଇଡି ପ୍ରଶିକ୍ଷଣ ମହାବିଦ୍ୟାଳୟ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମ୍ବଲପୁରର ଡ. ପର୍ଶୁରାମ ମିଶ୍ର ଇଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍, ରାଉରକେଲା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କୋରାପୁଟ୍‌ର ଡିଏଭି ଶିକ୍ଷା ମହାବିଦ୍ୟାଳୟ, ଫୁଲବାଣୀର ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ କଟକର ରାଧାନାଥ ଇଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍ ପରି ସମୁଦାୟ ୧୫ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ୧୫ ଦିନ ମଧ୍ୟରେ ଅର୍ଥାତ୍ ଚଳିତ ମାସ ଶେଷ ସୁଦ୍ଧା ନୋଟିସର ଉତ୍ତର ଦେବାକୁ ସମ୍ପୃକ୍ତ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଏନ୍‌ସିଟିଇ ।

ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଏନ୍‌ସିଟିଇ ନିକଟରେ ବହୁ ପୂର୍ବରୁ ଅଭିଯୋଗ ହୋଇଛି । ଏହା ଜାଣିବା ପରେ ଗତ ବର୍ଷ ସେପ୍ଟେମ୍ବର ମାସରେ ଓଡ଼ିଶା ସରକାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା । ୧୫ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ସେତେବେଳେ କୁହାଯାଇଥିଲେ ମଧ୍ୟ ସରକାର କୌଣସି କାରଣ ଦର୍ଶାଇ ନ ଥିଲେ । ଅଦୃଶ୍ୟ ଚାପ ପକାଇ ସ୍ୱୀକୃତି ପ୍ରତ୍ୟାହାର ▶ପୃଷ୍ଠା-୭


4001/216/2627



ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ ଏବଂ ମହାପ୍ରଭୁଙ୍କ ଯାତ୍ରା ସୁରକ୍ଷିତରେ କରନ୍ତୁ ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ କରାନ୍ତୁ ଏବଂ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4025/2/26-27/0003





ଯନ୍ତର ମନ୍ତରରେ ଡେଲିଭରି ବୟଙ୍କ ଭିଡ଼



ଦିଲ୍ଲୀ ଯନ୍ତର ମନ୍ତରରେ ଧାରଣା



ପାଟନାରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ

# ତେଜୁଛି କକ୍ରୋଚ୍ ଆନ୍ଦୋଳନ, ବଢୁଛି ସମର୍ଥନ

- ପୁଲିସ କାର୍ଯ୍ୟାନୁଷ୍ଠାନ ପରେ ବଢୁଛି ଜନଆକ୍ରୋଶ
- ମୁମ୍ବାଇରୁ ଆନ୍ଦୋଳନକାରୀଙ୍କ ପାଇଁ ଖାଦ୍ୟ ପଠାଇଲେ
- ପ୍ରବଳ ବର୍ଷାରେ ପହଞ୍ଚାଇଲେ ଡେଲିଭରି କର୍ମୀ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଜନ୍ତର ମନ୍ତରରେ ଚାଲିଥିବା ପ୍ରତିବାଦ ୨୪ତମ ଦିନରେ ପହଞ୍ଚିଛି। ଜୁଲାଇ ୨୦ରେ ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ପରେ ପ୍ରତିବାଦ ଥମିବା ବଦଳରେ ଆହୁରି ଜୋରଦାର ହୋଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ, ପୁଲିସର କାର୍ଯ୍ୟାନୁଷ୍ଠାନରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଅଧିକ ସଂଖ୍ୟାରେ ଯୁବପିଢ଼ି, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରୁଛନ୍ତି। ଅନ୍ୟପକ୍ଷରେ, ପୁଲିସ କହିଛି ଯେ ଘଟଣାରେ ପ୍ରାୟ ୧୨୦ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ ଏବଂ ଅନେକ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିଲା। ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଦିଲ୍ଲୀର ଜନ୍ତର ମନ୍ତରରେ ଚାଲିଥିବା ପ୍ରତିବାଦ ମଧ୍ୟରେ ମାନବିକତାର ଏକ ଉଦାହରଣ ସାମ୍ନାକୁ ଆସିଛି। ମୁମ୍ବାଇର ଜଣେ ଯୁବକ ଅନଲାଇନ୍‌ରେ ଖାଦ୍ୟ ଅର୍ଡର କରି ପ୍ରତିବାଦକାରୀଙ୍କ ପାଇଁ ପଠାଇଥିବାବେଳେ, ପ୍ରବଳ ବର୍ଷା ସତ୍ତ୍ୱେ ଜଣେ ଖାଦ୍ୟ ବିତରଣ କର୍ମୀ ସେହି ଖାଦ୍ୟ ଜନ୍ତର ମନ୍ତରରେ ପହଞ୍ଚାଇଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ଡେଲିଭରି କର୍ମୀ କହୁଛନ୍ତି ଯେ, ମୁମ୍ବାଇର ଅନୁଜ ରାଓ୍ୱତ ନାମକ ଜଣେ ବ୍ୟକ୍ତି ଅନଲାଇନ୍‌ରେ ଅର୍ଥ ପ୍ରଦାନ କରି ଜନ୍ତର ମନ୍ତରରେ ଭୋକିଲା ଥିବା ଯେକୌଣସି ଆନ୍ଦୋଳନକାରୀଙ୍କୁ ଏହି ଖାଦ୍ୟ ଦେବାକୁ ଅନୁରୋଧ କରିଥିଲେ। ଖାଦ୍ୟ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀମାନେ ଦାତା ଏବଂ ଡେଲିଭରି କର୍ମୀଙ୍କୁ କୃତଜ୍ଞତା ଜଣାଇଥିଲେ। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ପ୍ରସାରିତ ହେବା ପରେ ଅନେକ ବ୍ୟବହାରକାରୀ ସାଧାରଣ ଲୋକଙ୍କ ଏଭଳି ସହଯୋଗୀ ମନୋଭାବକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଜନ୍ତର ମନ୍ତରରେ ପ୍ରତିବାଦ ଜାରି ରହିଛି। ଏହି ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ପ୍ରତିବାଦକାରୀଙ୍କ ପାଇଁ ଚା', ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପଠାଇ ସହଯୋଗ କରୁଛନ୍ତି।



## ହସ୍ପିଟାଲ୍‌ରେ ଭେଟିଲେ ଦୁଇ କେନ୍ଦ୍ରମନ୍ତ୍ରୀ
# ଅନଶନ ଭାଙ୍ଗିବାକୁ ୱାଙ୍ଗଚୁକ୍‌ଙ୍କ ସର୍ତ୍ତ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ଜାଲିଆତି ବିରୋଧରେ ଜନ୍ତର ମନ୍ତରଠାରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ଅନ୍ଦୋଳନ ଆଜି ଅଧିକ ତୀବ୍ର ହୋଇଛି। ଗୁରୁତର ଅସୁସ୍ଥତା କାରଣରୁ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆନ୍ଦୋଳନକାରୀ ନେତା ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଅନଶନ ପ୍ରତ୍ୟାହାର କରିବା ପାଇଁ ୫୦ ଜଣ ବିରୋଧୀ ସାଂସଦ ଦସ୍ତଖତ କରି ଏକ ଆବେଦନ ପତ୍ର ପଠାଇଛନ୍ତି। ସିଜେପି ସମର୍ଥକମାନେ ପୁନର୍ବାର ସେଠାରେ ଏକାଠି ହୋଇ ସେମାନଙ୍କ ପ୍ରତିବାଦ ଜାରି ରଖିଛନ୍ତି। ନୂଆଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ସୁରକ୍ଷା ଦୃଷ୍ଟିରୁ ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ ରଖାଯାଇଛି। ଆନ୍ଦେଳନକାରୀ ନେତା ସୌରଭ ଦାସ ଜଣାଇଛନ୍ତି ଯେ ସେମାନେ କୌଣସି ନେତାଙ୍କ ବାସଭବନକୁ ଯିବେ ନାହିଁ, ବରଂ କେନ୍ଦ୍ରମନ୍ତ୍ରୀମାନେ ଜନ୍ତର ମନ୍ତର କିମ୍ବା କୌଣସି ନିରପେକ୍ଷ ସ୍ଥାନକୁ ଆସି ନିରପେକ୍ଷ ଆଲୋଚନା କରନ୍ତୁ। ଇତିମଧ୍ୟରେ ସରକାର ସଂସଦରେ ଏହି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ୱାଙ୍ଗଚୁକ୍ ନିଜର ଅନିର୍ଦ୍ଧିଷ୍ଟକାଳୀନ ଅନଶନ ପ୍ରତ୍ୟାହାର ପାଇଁ ବଡ଼ ସର୍ତ୍ତ ରଖିଛନ୍ତି। ଅନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ ପ୍ରତିଶ୍ରୁତି ଦେଲେ ସେ ନିଜର ଅନଶନ ଭାଙ୍ଗିବେ ବୋଲି ଜଣାପଡ଼ିଛି।

ୱାଙ୍ଗଚୁକ୍‌ଙ୍କ ଅନିର୍ଦ୍ଧିଷ୍ଟକାଳୀନ ଅନଶନ ଆଜି ୨୫ଶ ଦିନରେ ପହଞ୍ଚିଛି। ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ ପରେ ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ହସ୍ପିଟାଲରେ ପହଞ୍ଚି ୱାଙ୍ଗଚୁକ୍‌ଙ୍କ ସହ ଆଲୋଚନା କରିଛନ୍ତି। ରାତି ପ୍ରାୟ ୧୧.୩୦ ସମୟରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂହ ମେଦାନ୍ତ ହସ୍ପିଟାଲର ଆଇସିୟୁ ଭିତରକୁ ଯାଇ ୱାଙ୍ଗଚୁକ୍‌ଙ୍କ ସହ ପ୍ରାୟ ୧୦ ମିନିଟ୍ ଆଲୋଚନା କରିଥିଲେ। ତେବେ ଏହି ବୈଠକରେ କ'ଣ ଆଲୋଚନା ହୋଇଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତାଙ୍କ ଶରୀରରେ ସୋଡିୟମ୍ ଏବଂ ପୋଟାସିୟମ୍ ସ୍ତର ଉପରେ ଡାକ୍ତରୀ ଦଳ ବିଶେଷ ନଜର ରଖିଛନ୍ତି। ବୁଧବାର ରକ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ତାଙ୍କୁ ଆଇସିୟୁରୁ ସାଧାରଣ ୱାର୍ଡକୁ ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ଥିଲେ ମଧ୍ୟ ସୋନମ୍ ୱାଙ୍ଗଚୁକ୍ ନିଜର ଆନ୍ଦୋଳନ ଓ ଅନଶନ ଜାରି ରଖିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

# ୧୦ ବର୍ଷରେ ୧୫୨ ପେପର ଲିକ୍: ରାହୁଲ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭାରତର ଶିକ୍ଷା ବ୍ୟବସ୍ଥା ଏକ 'ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା'ରେ ପରିଣତ ହୋଇଛି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ବିଗତ ଦଶନ୍ଧି ମଧ୍ୟରେ ପ୍ରାୟ ୧୫୨ଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ କାହାରିକୁ ଦଣ୍ଡିତ କରାଯାଇନାହିଁ। ହାରାହାରି ପ୍ରତି ମାସରେ ଗୋଟିଏ ପ୍ରଶ୍ନପତ୍ର ଲିକ୍ ହେଉଛି ଏବଂ ଏହାଦ୍ୱାରା ପ୍ରାୟ ୭.୫ କୋଟି ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦ ପାଇଁ ଅଯୋଗ୍ୟ ବୋଲି କହିବା ସହ ଶିକ୍ଷାମନ୍ତ୍ରୀ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ବା ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ରାହୁଲ ଜୁଲାଇ ୨୦ରେ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ କଡ଼ା ନିନ୍ଦା କରିଥିଲେ। ସେ କହିଛନ୍ତି ଯେ ପ୍ରତିବାଦକାରୀ ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ନୁହନ୍ତି, ସେମାନେ ଆମ ଦେଶର ଭବିଷ୍ୟତ। ଏହି ମାମଲାରେ ସେ ୩ଟି ମୁଖ୍ୟ ଦାବି ରଖିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବହିଷ୍କାର କରାଯାଉ, ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ରାହୁଲ କହିଛନ୍ତି ଯେ ଏହି ବ୍ୟବସ୍ଥା କେବଳ ଜାଲିଆତି ନୁହେଁ, ବରଂ ଅତ୍ୟନ୍ତ ବ୍ୟୟବହୁଳ ମଧ୍ୟ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତିବର୍ଷ ନିଟ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପରିବାର ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା ଦେଶର ସମଗ୍ର ଶିକ୍ଷା ବଜେଟ୍ ସହ ପ୍ରାୟ ସମାନ। ସେ ଏହାକୁ ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ପକେଟରୁ ଏକ ପ୍ରକାରର ଚୋରି ବୋଲି ବର୍ଣ୍ଣନା କରିଛନ୍ତି।

## ଆମେରିକାଠାରୁ ୧୦ ବିଲିୟନ ଡଲାର ସହାୟତା ମାଗିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପୁଣିଥରେ ଆମେରିକାଠାରୁ ଆର୍ଥିକ ସହାୟତା ଲୋଡ଼ିଛି। ଇରାନ ଯୁଦ୍ଧ ସମୟରେ କୂଟନୈତିକ ମଧ୍ୟସ୍ଥତା କରିବା ପରେ ପାକିସ୍ତାନ ୧୦ ବିଲିୟନ ଆମେରିକୀୟ ଡଲାରର 'ବିନିମୟ ସ୍ଥିରତା ସୁବିଧା' (ଏକ୍ସଚେଞ୍ଜ ଷ୍ଟାବିଲାଇଜେସନ୍ ଫାସିଲିଟି) ମାଗିଛି। ପାକିସ୍ତାନ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ଓ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଆମେରିକା ନିକଟରେ ଏହି ଆବେଦନ କରିଛି। ପାକିସ୍ତାନର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆମେରିକା ରାଜକୋଷ ସଚିବ ସ୍କଟ୍ ବେସେଣ୍ଟଙ୍କୁ ୫ ବର୍ଷିଆ ଅବଧି ପାଇଁ ଏହି ଦ୍ୱିପାକ୍ଷିକ ଆର୍ଥିକ ସହାୟତା ଯୋଗାଇଦେବାକୁ ଅନୁରୋଧ କରାଯାଇଛି। ଯଦି ଏହି ପ୍ରସ୍ତାବ ମଞ୍ଜୁର ହୁଏ, ତେବେ ପାକିସ୍ତାନୀ ମୁଦ୍ରା 'ରୁପି' ଉପରୁ ଚାପ କମିବ, ବୈଦେଶିକ ମୁଦ୍ରା ଗଚ୍ଛିତ ପାଣ୍ଠି ବୃଦ୍ଧି ପାଇବ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଉପରେ ଏହାର ନିର୍ଭରଶୀଳତା ହ୍ରାସ ପାଇବ। ଟ୍ରମ୍ପ ପ୍ରଶାସନ ସହ ସମ୍ପର୍କ ସୁଧାରିବା ପାଇଁ ପାକିସ୍ତାନ ଡିଜିଟାଲ ମୁଦ୍ରା, ହୋଟେଲ ପୁନଃନିର୍ମାଣ ଏବଂ ଖଣି କ୍ଷେତ୍ରରେ ମଧ୍ୟ ବାଣିଜ୍ୟିକ ଚୁକ୍ତି ଆଡ଼କୁ ଅଗ୍ରସର ହେଉଛି।

# ଦୁର୍ନୀତି ଓ ବୁଲ୍‌ଡୋଜର୍‌କୁ ନେଇ ବର୍ଷିଲେ ହାଇକୋର୍ଟ

ପ୍ରୟାଗରାଜ, ୨୨।୭(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଅତୁଲ ଶ୍ରୀଧରନ୍ ଦେଶରେ ବ୍ୟାପିଥିବା ଦୁର୍ନୀତି ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି। ଭାରତୀୟ ସମାଜରେ ଦୁର୍ନୀତି ଏକ ସାଧାରଣ ଚଳଣିରେ ପରିଣତ ହୋଇଛି ବୋଲି କହିବା ସହ ଏହାକୁ ରୋକିବା ପାଇଁ ସେ ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଅଯୋଧ୍ୟା ରାମ ମନ୍ଦିର ପାଇଁ ମିଳିଥିବା ଦାନ ଅର୍ଥର ଚୋରି ବା ହେରଫେରକୁ ଜଷ୍ଟିସ ଶ୍ରୀଧରନ୍ 'ଭାରତୀୟଙ୍କ ସାଧୁତାର ଚରମ ଅଧୋପତନ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ରାମ ମନ୍ଦିର ଭଳି ପବିତ୍ର ସ୍ଥାନରେ ଚୋରି କରି ମଧ୍ୟ ବିଚଳିତ ହେଉନାହାନ୍ତି, ସେମାନଙ୍କୁ କୌଣସି ଜିନିଷ ଲଜ୍ଜିତ କରିପାରିବ ନାହିଁ। ଦୁର୍ନୀତି ନିବାରଣ ଆଇନରେ ସଂଶୋଧନ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା କରାଯାଉଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ଜଷ୍ଟିସ ଶ୍ରୀଧରନ୍ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏଭଳି କାର୍ଯ୍ୟାନୁଷ୍ଠାନ କେବଳ ସମାଜର ରକ୍ତ ପିପାସା ମେଣ୍ଟାଇବା

**ଦୁର୍ନୀତି ପାଇଁ ମୃତ୍ୟୁଦଣ୍ଡ ବିଚାର କରିବାକୁ ପରାମର୍ଶ**

ପାଇଁ ଉଦ୍ଦିଷ୍ଟ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ଏଭଳି ଭାବେ ଘର ଭାଙ୍ଗୁଛି, ଯେମିତି କୌଣସି ଆଇନର ଅସ୍ତିତ୍ୱ ନାହିଁ। ଅନଧିକୃତ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀ କରି ଜଷ୍ଟିସ ଶ୍ରୀଧରନ୍ କହିଛନ୍ତି ଯେ, କୌଣସି ନିର୍ମାଣ ରାତାରାତି ହୋଇନଥାଏ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ରାଜନୈତିକ ସମର୍ଥନ ଯୋଗୁଁ ଏଭଳି ବେଆଇନ କାର୍ଯ୍ୟ ହେଉଛି। ରାଜ୍ୟ ସରକାର ଏଭଳି ସ୍ଥାନକୁ ବିଜୁଳି ଓ ପାଣି ଯୋଗାଇ ଦେଉଥିବାରୁ ସେ ସରକାରଙ୍କୁ ମଧ୍ୟ ଏହି ଅପରାଧର ସହଭାଗୀ ବୋଲି କହିଛନ୍ତି। କ୍ରମାଗତ ଭାବେ ବଢୁଥିବା ଦୁର୍ନୀତି ଯୋଗୁଁ ଦେଶରେ ଅଳ୍ପ କିଛି ଲୋକଙ୍କ ପାଖରେ ଅମାପ ସମ୍ପତ୍ତି ଠୁଳ ହେବାରେ ଲାଗିଛି। ଏହା ଫଳରେ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବ, ଯାହା ଆଗାମୀ ଦିନରେ ଗୃହଯୁଦ୍ଧ ବା ଗଣଅସନ୍ତୋଷର କାରଣ ସାଜିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ୨୦୨୫ ରିପୋର୍ଟ ଅନୁଯାୟୀ ଭାରତ ୧୮୨ଟି ଦେଶ ମଧ୍ୟରୁ ୯୧ତମ ସ୍ଥାନରେ ରହିବା ମଧ୍ୟ ଆମ ପାଇଁ ଚିନ୍ତାର ବିଷୟ ବୋଲି ସେ ମତ ଦେଇଛନ୍ତି।

# ଉପଗ୍ରହ ଚିତ୍ରରେ ଦେଶର ୯୫% ଭୂଭାଗ ମୌସୁମୀ ମେଘାଚ୍ଛନ୍ନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଉପଗ୍ରହ ଜୁଲାଇ ୨୨ ତାରିଖ ସକାଳେ ଉତ୍ତୋଳନ କରିଥିବା ଚିତ୍ରରୁ ଜଣାପଡ଼ିଛି ଯେ ସମଗ୍ର ଭାରତୀୟ ଭୂଖଣ୍ଡର ପ୍ରାୟ ୯୫ ପ୍ରତିଶତ ଅଞ୍ଚଳ ଏବେ ଘନ ମୌସୁମୀ ମେଘମାଳା ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରକାଶିତ 'ଇନସାଟ୍' ଉପଗ୍ରହର ଚିତ୍ର ଅନୁଯାୟୀ, ବଙ୍ଗୋପସାଗରରୁ ଆରମ୍ଭ ହୋଇ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଗୁଜରାଟ ଦେଇ ଆରବ ସାଗର ପର୍ଯ୍ୟନ୍ତ ଏକ ବିଶାଳ ମେଘଖଣ୍ଡ ବିସ୍ତାରିତ ହୋଇ ରହିଛି। କେବଳ ପଶ୍ଚିମ ରାଜସ୍ଥାନ ଓ କଚ୍ଛ ଅଞ୍ଚଳକୁ ଛାଡ଼ି ଦେଲେ ସାରା ଦେଶରେ ମେଘୁଆ ପାଗ ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ମେଘର ଉପରିଭାଗର ତାପମାତ୍ରା ଅତ୍ୟନ୍ତ କମିଯାଇ ପ୍ରାୟ ବିଯୁକ୍ତ ୬୦ ରୁ ବିଯୁକ୍ତ ୮୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ବିହାର, ଉତ୍ତର-ପୂର୍ବ ଭାରତ ଏବଂ ହିମାଳୟ ପାଦଦେଶ ଅଞ୍ଚଳରେ ମେଘଗୁଡ଼ିକ ଭୂପୃଷ୍ଠରୁ ପ୍ରାୟ ୧୨ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବୃଦ୍ଧି ପାଇଛନ୍ତି। ଏହିପରି ଅତି ଉଚ୍ଚ ଓ ଥଣ୍ଡା ମେଘ ସାଧାରଣତଃ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ମୁଷଳଧାରାରେ ବର୍ଷା କରାଇଥାଏ। ଉତ୍ତରାଖଣ୍ଡ ଏବଂ ମେଘାଳୟର କେତେକ ସ୍ଥାନରେ ସମ୍ପ୍ରତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନ ମୌସୁମୀ ନିମ୍ନଚାପ ରେଖା ନିଜର ସାଧାରଣ ଅବସ୍ଥାନରେ ରହିଛି। ପଞ୍ଜାବ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ ଓ ଆସାମ ଉପରେ କ୍ରାନ୍ତିୟ ଆବର୍ତ୍ତ ସୃଷ୍ଟି ହୋଇଛି। ଏଥିସହ ବଙ୍ଗୋପସାଗରରୁ ଆରବ ସାଗର ପର୍ଯ୍ୟନ୍ତ ବାୟୁମଣ୍ଡଳର ମଧ୍ୟଭାଗରେ ଏକ ନିମ୍ନଚାପ ରେଖା ସକ୍ରିୟ ରହିଛି। ଆଗାମୀ ୪ ରୁ ୫ ଦିନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଏବଂ ଉତ୍ତର-ପୂର୍ବ ଭାରତରେ ମୌସୁମୀ ଅଧିକ ସକ୍ରିୟ ରହିବ, ଯାହା ଫଳରେ ଏହି ଅଞ୍ଚଳଗୁଡ଼ିକରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ତେବେ କେବଳ ଏହି ବର୍ଷା ଦ୍ୱାରା ଦେଶର ମୋଟ ବର୍ଷା ନିଅଣ୍ଟିଆ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିଯିବ ନାହିଁ।

# ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଲୋକସଭାରୁ ନିଲମ୍ବିତ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଜଣେ ମହିଳା ସାଂସଦଙ୍କ ବିରୋଧରେ ଅସଂସଦୀୟ ଭାଷା ବ୍ୟବହାର କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଚଳିତ ବର୍ଷାକାଳୀନ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ତେନ୍ନେଟି କହିଛନ୍ତି, କଲ୍ୟାଣ ବାନାର୍ଜୀଙ୍କ ମନ୍ତବ୍ୟ ସଦନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଏହାପରେ ସଦନରେ ଆଗତ ପ୍ରସ୍ତାବକୁ ବାଚନିକ ଭୋଟରେ ଗୃହୀତ କରାଯାଇ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହାପୂର୍ବରୁ ଲୋକସଭା ମୁଲତବି ହେବା ପରେ କଲ୍ୟାଣ ବାନାର୍ଜୀଙ୍କର ତାଙ୍କର ପୂର୍ବତନ ଦଳୀୟ ସହଯୋଗୀ ଏବଂ ବର୍ତ୍ତମାନ ଏନ୍‌ସିପିଆଇର ସାଂସଦ ମିତାଲି ବାଘ, ଶତାବ୍ଦୀ ରାୟ ଓ କାକୋଲି ଘୋଷ ଦସ୍ତିଦାରଙ୍କ ସହ ବାକ୍‌ବିତଣ୍ଡା ହୋଇଥିଲା। ପରେ ବିରୋଧୀ ସାଂସଦମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷାକାଳୀନ ସଂସଦ ଅଧିବେଶନ ଆସନ୍ତା ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଶରଦ ପାୱାର ଓ ସୁପ୍ରିୟା ସୁଲେ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ସଂସଦ ବାହାରେ ବିରୋଧୀ ଦଳ ସରକାରଙ୍କ ବିରୋଧରେ ପ୍ରତିବାଦ କରୁଥିବାବେଳେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଓ ସାଂସଦ ସୁପ୍ରିୟା ସୁଲେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ବୈଠକ ପରେ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ବୈଠକରେ ଶରଦ ପାୱାର କୃଷକଙ୍କ ସମସ୍ୟା, ସେଚ ବ୍ୟବସ୍ଥା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସାକ୍ଷାତକାର ଏଭଳି ସମୟରେ ହୋଇଛି, ଯେତେବେଳେ କେନ୍ଦ୍ର ସରକାର ସଂସଦରେ ପୁଣି ଥରେ ପରିସୀମନ (ଡିମିଲିଟେସନ) ବିଲ୍ ଆଣିବା ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏନ୍‌ସିପି (ଏସ୍‌ପି)ର ୮ ଜଣ ସାଂସଦ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଉଛନ୍ତି। ସେପଟେ ଶରଦ ପାୱାରଙ୍କ ଗୋଷ୍ଠୀ ଏନ୍‌ଡିଏରେ ସାମିଲ ହେବା କିମ୍ବା ଏନ୍‌ସିପିର ଦୁଇ ଶିବିରର ପୁନଃମିଳନକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ବିଷୟରେ କୌଣସି ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ।

# ଆସାମ ବନ୍ୟା ଗୋଟିଏ ଦିନରେ ୨୧ ମୃତ, ମୋଟ୍ ମୃତ୍ୟୁସଂଖ୍ୟା ୩୧

ଗୌହାଟୀ, ୨୨।୭(ଏଜେନ୍ସି): ଲଗାଣ ବର୍ଷା ଯୋଗୁଁ ଆସାମର ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ବନ୍ୟାଜନିତ ବିଭିନ୍ନ ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତ ବର୍ଷ ବନ୍ୟାରେ ମୋଟ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଛି। ଏହି ସମୟରେ ରାଜ୍ୟର ୧୨ଟି ଜିଲ୍ଲାର ପ୍ରାୟ ୫.୬୫ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏଏସ୍‌ଡିଏମ୍‌ଏ) ଅନୁସାରେ, ସର୍ବାଧିକ ୧୩ ଜଣଙ୍କ ମୃତ୍ୟୁ ଶିବସାଗର ଜିଲ୍ଲାରେ ଘଟିଛି। ଚରାଇଦେଓରେ ୫ ଜଣ, ଗୋଲାଘାଟରେ ୨ ଜଣ ଓ ଜୋରହାଟରେ ଜଣେ ମହିଳାଙ୍କ ପ୍ରାଣହାନି ଘଟିଛି। ଶିବସାଗର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବାବେଳେ ସେଠାରେ ପ୍ରାୟ ୩.୬ ଲକ୍ଷ ଲୋକ ବନ୍ୟା କବଳରେ ଅଛନ୍ତି। ବ୍ରହ୍ମପୁତ୍ର ନଦୀ ନିମାତିଘାଟରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ଉପନଦୀ ବୁରିଡିହିଙ୍ଗ, ଧନଶିରୀ, ଦିଖୌ ଓ ଦିସାଙ୍ଗ ନଦୀ ମଧ୍ୟ ବିପଜ୍ଜନକ ସ୍ତର ଅତିକ୍ରମ କରିଛି। ରାଜ୍ୟର ୮୭୨ଟି ଗ୍ରାମ ଜଳମଗ୍ନ ହୋଇଥିବାବେଳେ ପ୍ରାୟ ୨୪ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୨୭୩ଟି ରିଲିଫ୍ ଶିବିର ଓ ସହାୟତା କେନ୍ଦ୍ର ଖୋଲାଯାଇଛି। ସେଠାରେ ୧୨ ହଜାରରୁ ଅଧିକ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ସେନା, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଅନ୍ୟ ସଂସ୍ଥାଙ୍କ ସହଯୋଗରେ ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପଟେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆସାମ ପାଇଁ ୟେଲୋ ଆଲର୍ଟ ଜାରି କରି ଆସନ୍ତା ଚାରି ଦିନ ଧରି ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛି।



## ବାହୁଡ଼ାରେ ଛେଚିପାରେ ବର୍ଷା

ଭୁବନେଶ୍ୱର,୨୨।୭ (ସମିସ): ମୌସୁମୀ ନିମ୍ନଚାପ ରେଖା ଏବେ ରାଜ୍ୟ ଉପରେ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି । ସାରା ଓଡିଶାରେ ମେଘୁଆ ପାଗ ସାଙ୍ଗକୁ ରାଜ୍ୟର ଅଧିକାଂଶ ସ୍ଥାନରେ ଡୁହାକୁ ଡୁହା ବର୍ଷା ହେଉଛି । ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ବାହୁଡ଼ାରେ ମଧ୍ୟ ବର୍ଷା ହେବା ନେଇ ଆକଳନ କରାଯାଇଛି । ବାହୁଡ଼ା ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ୨୫ ତାରିଖରେ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି । ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ ଆଦିରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ଅନ୍ୟପଟେ ଗତ ୨୪ ଘଣ୍ଟାରେ ଯଦିଓ ପୂର୍ବାପେକ୍ଷା ବର୍ଷାର ପ୍ରଭାବ ସାମାନ୍ୟ କମିଛି, ହେଲେ ଦିନ ତମାମ ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି । ବୁଧବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ଭଦ୍ରକରେ ସର୍ବାଧିକ ୧୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଯାଜପୁର ୧୬, ଢେଙ୍କାନାଳ ୧୧ ଓ ବାଲେଶ୍ୱରରେ ୧୨ ମିମି ବର୍ଷା ରେକର୍ଡ ହୋଇଛି ।

## ସୁଭଦ୍ରା ଯୋଜନା ବିରୋଧରେ ଜନସ୍ୱାର୍ଥ ମାମଲାରେ ହସ୍ତକ୍ଷେପ କଲେନି ହାଇକୋର୍ଟ

କଟକ,୨୨।୭ (ସମିସ): ସୁଭଦ୍ରା ଯୋଜନା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିବା ସହ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ରମାକାନ୍ତ ନାୟକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଏହି ଯୋଜନା କାର୍ଯ୍ୟକାରୀ ପ୍ରସଂଗରେ କୌଣସି ଆଇନଗତ ବ୍ୟବସ୍ଥା ଉଲ୍ଲଂଘନ ହୋଇ ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଦାୟର ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ସାମ୍ବିଧାନିକ ବ୍ୟବସ୍ଥା ଓ ବଜେଟ ପରିଚାଳନା ଆଇନ, ୨୦୦୫ର ଉଲ୍ଲଂଘନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କରାଯାଇଛି । କାର୍ଯ୍ୟପାଳିକା ନିର୍ଦ୍ଦେଶରେ ଏହି ଦୁଇ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ବ୍ୟବସ୍ଥାପକ ସଭା ବିନା ଅନୁମୋଦନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ । ଏହି ଯୋଜନାରେ ବ୍ୟୟ କରାଯାଉଥିବା ଅର୍ଥକୁ ସ୍ୱାସ୍ଥ୍ୟ, ଶିକ୍ଷା, ଅପପୁଷ୍ଟିର ମୁକାବିଲା, ଜଳସେଚନ, ଭିତ୍ତିଭୂମି ବିକାଶ ଭଳି ଦୀର୍ଘ ସୂତ୍ରୀ କାର୍ଯ୍ୟରେ ବିନିଯୋଗ କରାଗଲେ ରାଜ୍ୟର ଜନସାଧାରଣ ଲାଭବାନ ହୁଅନ୍ତେ । ଏହି ଯୋଜନା ଜନସ୍ୱାର୍ଥ ବିରୋଧୀ ହୋଇଥିବାରୁ ଏହା ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା ।

# ନାକଚଣା ଦ୍ୱାରରେ ତିନିରଥ

## ଆଜି ନବମୀ ସନ୍ଧ୍ୟା ଦର୍ଶନ



ପୁରୀ,୨୨।୭ (ସମିସ): ଆଡ଼ପ ମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା । ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି । ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ । ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ୭ଟା ପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ତେବେ ଭକ୍ତମାନେ କିପରି

### ଆଡ଼ପ ମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି । ପରମ୍ପରା ଅନୁଯାୟୀ, ମଙ୍ଗଳବାର ରଥର ଦକ୍ଷିଣମୋଡ଼ କରାଯାଇଥିଲା । ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥିଲା । ପ୍ରବଳ ବର୍ଷା ଯୋଗୁଁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଧା ଟଣାଯାଇ ବନ୍ଦ ରହିଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ି ନ ଥିଲା । ବୁଧବାର ସକାଳେ ପ୍ରଥମେ ତାଳଧ୍ୱଜ ରଥ ଓ ପରେ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖକୁ ଅଣାଯାଇଥିଲା । ଏବେ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ । ଅପରପକ୍ଷେ ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ । ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି । ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ । ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ । ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ । ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ ସେ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଠ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି ।

ତେବେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି । ଚୂଡ଼ାନ୍ତ ହୋଇଥିବା ନୀତି ଅନୁଯାୟୀ, ଭୋର୍ ୪ଟାରେ ଦ୍ୱାରଫିଟା, ମଙ୍ଗଳଆଳତି ୪ଟା ୩୦, ମଇଲମ ତଡ଼ପଲାଗି ଭୋର୍ ୫ଟା, ଅବକାଶ ସକାଳ ୬ଟା, ରୋଷହୋମ ୬ଟା ୧୫, ସୂର୍ଯ୍ୟପୂଜା ୬ଟା ୩୦, ଦ୍ୱାରପାଳ ପୂଜା ୬ଟା ୪୫, ବେଶ ଶେଷ ୭ଟା, ଗୋପାଳବଲ୍ଲଭ ୭ଟା ୩୦, ସକାଳ ଧୂପ ୮ଟାରୁ ୯ଟା ୩୦, ଭୋଗମଣ୍ଡପ ୮ଟା ୩୦ରୁ ପୂର୍ବାହ୍ଣ ୧୦ଟା ୩୦, ମଇଲମ ୧୦ଟା ୪୫, ଯାତ୍ରାଙ୍ଗୀ ମହାସ୍ନାନ ୧୧ଟା ୩୦, ସର୍ବାଙ୍ଗ ମଧ୍ୟାହ୍ନ ୧୨ଟା, ନୂଆ ଲୁଗାଲାଗି ଓ ବେଶ ଅପରାହ୍ଣ ୧ଟା, ମଧ୍ୟାହ୍ନ ଧୂପ ୧ଟା ୩୦ରୁ ୩ଟା, ଦ୍ୱିତୀୟ ଭୋଗମଣ୍ଡପ ୨ଟାରୁ ୩ଟା ୩୦, ମଇଲମ, ବେଶ ୩ଟା ୪୫ରୁ ୪ଟା ୪୦, ସନ୍ଧ୍ୟା ଆଳତି ଅପରାହ୍ଣ ୫ଟା, ସନ୍ଧ୍ୟା ଧୂପ ୫ଟା ୩୦ରୁ ସନ୍ଧ୍ୟା ୭ଟା, ତୃତୀୟ ଭୋଗମଣ୍ଡପ ୫ଟା ୪୫ରୁ ୭ଟା ୩୦, ରାହାସକୁ ଦିଅଁ ବିଜେ ରାତି ୮ଟା, ମଇଲମ ୮ଟା ୧୫, ଚନ୍ଦନଲାଗି ୮ଟା ୩୦, ବଡ଼ସିଂହାର ବେଶ ୯ଟା, ବଡ଼ସିଂହାର ଭୋଗ ୯ଟା ୩୦, ପହୁଡ଼ ଆଳତି ୧୦ଟା, ଶ୍ରୀମୁଖ ଖଣ୍ଟୁଆ ୧୦ଟା ୧୫, ବାହୁଟକଣ୍ଠ ୧୦ଟା ୩୦, ଚାରବନ୍ଧା ରାତି ୧୧ଟାରୁ ୨ଟା ଏବଂ କୁସୁମୀଲାଗି ରାତି ୨ଟା ୩୦ରୁ ୪ଟା । ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିସରି ଆସୁଥିବାବେଳେ ବୁଧବାର ପ୍ରବଳ ଭିଡ଼ ହୋଇଥିଲା । ସକାଳୁ ଏହି ଭିଡ଼ ଲାଗି ରହିଥିଲା ।


## ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ଟ୍ରାଏଲ୍ ଲ୍ୟାଣ୍ଡିଂ

ମାଲକାନଗିରି,୨୨।୭ (ସମିସ): ଆଜି ମାଲକାନଗିରି ଏୟାରଷ୍ଟ୍ରିପ୍‌ଠାରେ ପରୀକ୍ଷାମୂଳକ ବିମାନ ଉଡ଼ାଣ ବା ଟ୍ରାଏଲ୍ ରନ୍ ସଫଳତାର ସହ ସମ୍ପନ୍ନ ହୋଇଛି । ମେସର୍ସ ଇଣ୍ଡିଆଓନ୍ ଏୟାର୍‌ର ସ୍ୱତନ୍ତ୍ର ସେସନା ଗ୍ରାଣ୍ଡ କାରାଭାନ ୨୦୮ ବି ଇଏକ୍ସ ବିମାନଟି ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଜୟପୁରରୁ ବାହାରି ଦିନ ୨ଟା ୨୦ରେ ମାଲକାନଗିରି ରନ୍‌ୱେରେ ଅବତରଣ କରିଥିଲା । ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଭବ୍ୟ ୱାଟର କ୍ୟାନନ୍ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା । ଏହି ସଫଳ ପରୀକ୍ଷଣ ପରେ ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାରୁ ପ୍ରାରମ୍ଭିକ ଭାବେ ୯ ସିଟ୍ ବିଶିଷ୍ଟ ନନ-ସେଡ୍ୟୁଲ୍ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ଆଜିର ସଫଳ ଟ୍ରାଏଲ୍ ଲ୍ୟାଣ୍ଡିଂ ମାଲକାନଗିରିର ଯୋଗାଯୋଗ ବିପ୍ଳବ କ୍ଷେତ୍ରରେ ଏକ ମାଇଲଖୁଣ୍ଟ । ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ

### ମାସକ ମଧ୍ୟରେ ନିୟମିତ ଉଡ଼ାଣ



ରକ୍ଷା କରି ଏକ ମାସ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ନିୟମିତ ଉଡ଼ାଣ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଏହା କେବଳ ପରିବହନ ସୁବିଧା ଯୋଗାଇବ ନାହିଁ, ବରଂ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶର ନୂତନ ଦ୍ୱାର ଉନ୍ମୋଚନ କରିବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ରାସ୍ତା ଓ କୋଠାବାଡ଼ି ସୁପରିଟେଣ୍ଡିଂ ଇଞ୍ଜିନିୟର ରବୀନ୍ଦ୍ର କୁମାର ବେହେରା ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାର ସୁଚାରୁ ପରିଚାଳନା କରିଥିଲେ । ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ ପ୍ରେମ କୁମାର ଗର୍ଗ ଏବଂ କୋ-ପାଇଲଟ୍ ସତୀଶ ଏସ୍‌କେ ବିମାନ ବନ୍ଦରର ରନ୍‌ୱେ ସମେତ ସମସ୍ତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଉପଯୁକ୍ତ ବୋଲି ଦର୍ଶାଇଛନ୍ତି । ଭୁବନେଶ୍ୱରରୁ ଆସିଥିବା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ (ସୁରକ୍ଷା) ମନୋଜ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (ଏରୋ ସେଫ୍ଟି) ନିରଜ କୁମାର ନାୟକ ଏବଂ ବିମାନବନ୍ଦର ଆକାଉଣ୍ଟେବଲ୍ ମ୍ୟାନେଜର ଅଶୋକ କୁମାର ରାଉତ ଏହି ପ୍ରସ୍ତୁତି ଏବଂ ସଫଳ ଟ୍ରାଏଲ୍ ରନ୍‌ର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି । ସରକାରଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିମାନ ଚଳାଚଳ ବ୍ୟବସ୍ଥା ନନ-ସେଡ୍ୟୁଲ୍ ଭିତ୍ତିରେ କାର୍ଯ୍ୟ କରିବ । ଯେଉଁଠାରେ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଟିକେଟ୍ ବୁକିଂ ନିଶ୍ଚିତ ହେବା ପରେ ହିଁ ବିମାନ ଉଡ଼ାଣ ଭରିବ । ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସ୍ୱତନ୍ତ୍ର ନୋଡାଲ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ନିୟମିତ ପ୍ୟାସେଞ୍ଜର ଅପଡେଟ୍ ପାଇଁ ପର୍ଯ୍ୟଟନ ବିଭାଗକୁ ମଧ୍ୟ ସାମିଲ କରାଯାଇଛି । ବର୍ତ୍ତମାନର ୧୫୦୦ ମିଟର ରନ୍‌ୱେକୁ ଆହୁରି ୩୦୦ ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ୧୮୦୦ ମିଟରର ରନ୍ ୱେ ତିଆରି କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି । ଯାହା ଭବିଷ୍ୟତରେ ଏଠାରେ କମର୍ସିଆଲ ଜେଟ୍ ଏୟାରକ୍ରାଫ୍ଟର ଅବତରଣ ସହ ମାଲକାନଗିରି ଜିଲ୍ଲାର ଅର୍ଥନୀତି, ପରିବହନ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ।



ସୌଜନ୍ୟ: ବିବିସି (ହିନ୍ଦୀ)

## ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ପ୍ରଧାନଶିକ୍ଷକ

ଥୁଆମୂଳ ରାମପୁର,୨୨।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାକାନ୍ତ ରଣାଙ୍କୁ ବୁଧବାର ଓଡ଼ିଶା ଭିଜିଲାନ୍ସ ଟିମ୍ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ କରିଛି । ବିଦ୍ୟାଳୟରେ ପରିଷ୍କାର-ପରିଚ୍ଛନ୍ନତା କାର୍ଯ୍ୟ କରୁଥିବା ମା'ଧରଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୨୦୨୬-୨୭ ଆର୍ଥିକ ବର୍ଷର ୩ ମାସର ବକେୟା ବିଲ୍ ମୁକ୍ତ କରିବା ପାଇଁ ପ୍ରଧାନଶିକ୍ଷକ ସୀତାକାନ୍ତ ରଣା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଲ୍ ପାସ୍ ନ କରି ଲାଞ୍ଚ ଦେବାକୁ ଚାପ ପକାଯାଉଥିବାରୁ ସମ୍ପୃକ୍ତ ଏସ୍‌ଏଚ୍‌ଜି କର୍ମକର୍ତ୍ତା ଓଡ଼ିଶା ଭିଜିଲାନ୍ସର ଶରଣାପନ୍ନ ହୋଇଥିଲେ । ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ଅଧିକାରୀମାନେ ଏକ ଯୋଜନା କରିଥିଲେ । ପୂର୍ବ ଯୋଜନା ଅନୁଯାୟୀ ଅଭିଯୋଗକାରୀ ପ୍ରଧାନଶିକ୍ଷକଙ୍କୁ ୧୦ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ଅଭିଯୁକ୍ତଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରାଯାଇଛି । ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ସୀତାକାନ୍ତ ରଣାଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଚଢ଼ଉ ଜାରି ରହିଛି । ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି । ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ତଦନ୍ତ ଶେଷ ହେବାପରେ ଘଟଣା ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରାଯିବ ।



### ସାରା ରାଜ୍ୟରେ ରାସାୟନିକ ସାରର ଘୋର ଅଭାବ

## ପ୍ରଶାସନିକ ବିଫଳତା ଓ କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ: ବିଜେଡି

ଭୁବନେଶ୍ୱର,୨୨।୭ (ସମିସ): ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଏବଂ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଳବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ବୁଧବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ୩ ଉପସଭାପତି ଡ. ଅରୁଣ କୁମାର ସାହୁ, ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା ସରକାରଙ୍କ ଉପରେ ବର୍ଷିଛନ୍ତି ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୩୯ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଏ । ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ ସାରର ଆବଶ୍ୟକତା ରହିଛି । କିନ୍ତୁ ୧୭ ଜୁଲାଇ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ ସାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକରେ ପହଞ୍ଚିଛି । ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ ସାର ବଣ୍ଟନ କରାଯାଇଛି । ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି । ଡବଲ ଇଞ୍ଜିନ ସରକାର ବାସ୍ତବରେ ଓଡ଼ିଶାର ଚାଷୀଙ୍କ ପାଇଁ ଟ୍ରବୁଲ ଇଞ୍ଜିନ ସରକାରରେ ପରିଣତ ହୋଇଛି । କେନ୍ଦ୍ରରେ ବିଜେପି ସରକାର ପ୍ରାୟ ୧୨ ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ତାଳଚେର ସାର କାରଖାନାରେ ଏପର୍ଯ୍ୟନ୍ତ ସାର ଉତ୍ପାଦନ ହୋଇପାରିଲା ନାହିଁ । ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିବା ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ଉପରେ ଆର୍ଥିକ ବୋଝକୁ ଦ୍ୱିଗୁଣିତ କରୁଛନ୍ତି ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ରାଜ୍ୟରେ ସାରର କୌଣସି ଅଭାବ ନଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ । ସରକାର ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ବିକଳ୍ପ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ, ଚାଷୀଙ୍କ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ । ସରକାରଙ୍କ



ନିର୍ଦ୍ଧାରିତ ୪୫ କେଜି ୟୁରିଆ ବସ୍ତାର ଖୁଚୁରା ମୂଲ୍ୟ ୨୬୬.୫୦ ଟଙ୍କା ଥିବାବେଳେ ସାର ଅଭାବ ଯୋଗୁଁ ଚାଷୀମାନେ ଖୋଲା ବଜାରରୁ ଏହାକୁ ୫୦୦ରୁ ୬୦୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି । ସୁଲଭ ମୂଲ୍ୟରେ ୟୁରିଆ ଯୋଗାଇବା ପରିବର୍ତ୍ତେ ସରକାର ଚାଷୀଙ୍କୁ ଅଧିକ ମୂଲ୍ୟର କମ୍ପ୍ଲେକ୍ସ ସାର କିଣିବାକୁ ବାଧ୍ୟ କରି ସେମାନଙ୍କ ଉପରେ ଆର୍ଥିକ ବୋଝ ବଢ଼ାଉଛନ୍ତି ।

ସଞ୍ଜୟ ଦାସବର୍ମା କହିଥିଲେ ଯେ ରାଜ୍ୟରେ ସାରର କୌଣସି ଅଭାବ ନ ଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ୬୦ ପ୍ରତିଶତ ସାର ପ୍ୟାକ୍ସ, ଲ୍ୟାମ୍ପସ୍ ଓ ସମବାୟ ସମିତି ମାଧ୍ୟମରେ ବଣ୍ଟନ କରାଯାଉଥିବା ବେଳେ ଅବଶିଷ୍ଟ ୪୦ ପ୍ରତିଶତ ହୋଲସେଲରଙ୍କ ମାଧ୍ୟମରେ ଯୋଗାଣ କରାଯାଉଛି । ସମବାୟ ସମିତିରେ ହଜାର ହଜାର ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଦୈନିକ ମାତ୍ର ୩୦ରୁ ୭୦ ଜଣ ଚାଷୀଙ୍କୁ ସାର ବଣ୍ଟନ କରାଯାଉଛି । ଫଳରେ ଚାଷୀମାନେ ସାର ପାଇବା ପାଇଁ ରାତିସାରା ଅପେକ୍ଷା କରୁଛନ୍ତି । ଜଣେ

- ଆବଶ୍ୟକ ୧୧.୪୩ ଲକ୍ଷ ଟନ୍, ବଣ୍ଟନ ହୋଇଛି ମାତ୍ର ୧.୧୪ ଲକ୍ଷ ଟନ୍
- ଡବଲ ଇଞ୍ଜିନ ଓଡ଼ିଶାର ଚାଷୀଙ୍କ ପାଇଁ ଟ୍ରବୁଲ ଇଞ୍ଜିନରେ ପରିଣତ ହୋଇଛି

ଚାଷୀଙ୍କୁ ଦିଆଯାଉଥିବା ବସ୍ତାଏ ୟୁରିଆ କେଉଁ କାମରେ ଲାଗୁନାହିଁ । ଓଡ଼ିଶା ପାଇଁ ଆସୁଥିବା ସାରକୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି । ସମବାୟ ସମିତିଗୁଡ଼ିକ ଚାଷୀଙ୍କୁ ୟୁରିଆ ସହିତ ବାଧ୍ୟତାମୂଳକ ଭାବେ ନାନୋ ୟୁରିଆ, ଜିଙ୍କ ଓ ଅନ୍ୟାନ୍ୟ ଉତ୍ପାଦ କିଣିବାକୁ ବାଧ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ କୃଷି, ସମବାୟ, ଖାଦ୍ୟ ଯୋଗାଣ ଏବଂ ମାର୍କଫେଡ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକି ରାଜ୍ୟରେ ସାର ଆବଶ୍ୟକତାର ଆକଳନ କରନ୍ତୁ ଏବଂ ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ସାର ଯୋଗାଣ ସୁନିଶ୍ଚିତ କରନ୍ତୁ । ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜେଡି ତାର ଲଢ଼େଇକୁ ଆହୁରି ତୀବ୍ରତର କରିବ ବୋଲି ସେ କହିଛନ୍ତି ।

### ସମ୍ବେଦନହୀନ, ନିଷ୍ଠୁର ସରକାର ଗାଦି ଛାଡ଼ିବା ଉଚିତ୍

## ପୁଲିସର ଗୁଣ୍ଡାଗର୍ଦ୍ଦୀ ସରକାରଙ୍କ ଭୀରୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୨୨।୭ (ସମିସ): ନିଟ୍ ପ୍ରଶ୍ନପତ୍ର ମାମଲାକୁ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ ଏବଂ ଛାତ୍ରମାନଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତିବାଦ ଏବଂ ଶ୍ରୀ ଗାନ୍ଧୀଙ୍କ ଉପରେ କେନ୍ଦ୍ର ସରକାର ଇଙ୍ଗିତରେ ଅମାନୁଷିକ ବ୍ୟବହାର ଆଦିକୁ ନେଇ ବର୍ଷିଛି କଂଗ୍ରେସ । ବୁଧବାର କଂଗ୍ରେସ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ



ପ୍ରବକ୍ତା ଡକ୍ଟର ହମିଦ୍ ହୁସେନ କହିଛନ୍ତି, ସାମ୍ପ୍ରତିକ ପ୍ରଶ୍ନପତ୍ର ଲିକ୍ ମାମଲା ଦେଶର କେବଳ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୁହେଁ, ବରଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଠନମୂଳକ ବିରୋଧୀ ନେତୃତ୍ୱଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିଛି । ସାରା ଦେଶରେ ଛାତ୍ରଛାତ୍ରୀମାନେ ଏହା ବିରୋଧରେ ପ୍ରତିବାଦ କରିଛନ୍ତି ଏବଂ ଏହା ପରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।

ଡଃ ହୁସେନ କହିଛନ୍ତି ଯେ ସଂସଦ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମରାଯାଇଛି, ଆହତ କରାଯାଇଛି ଏବଂ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି । ଛାତ୍ରୀମାନଙ୍କ ବସ୍ତ୍ରହରଣ କରାଯିବା ସହ ସେମାନଙ୍କୁ ଚୁଟି ଧରି ଘୋଷାଡ଼ି ପ୍ରତାଡ଼ିତ କରାଯାଇଛି । ପୁଲିସ ଓ ବିଜେପିର ଗୁଣ୍ଡା ହାତରେ ଲାଠି ଧରି ଏହି କାଣ୍ଡ ଭିଆଇଛନ୍ତି । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ଏହାକୁ ବିରୋଧ କରି ଧାରଣା ଦେଇଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବା ବହିଷ୍କାର ଏବଂ ସଂସଦରେ ଏହି ବିଷୟରେ ଆଲୋଚନା ପାଇଁ ଏଠାରେ ଦାବି କରାଯାଇଥିଲା । ହେଲେ ଦିଲ୍ଲୀ ପୁଲିସ ବଳପ୍ରୟୋଗ କରି ସେମାନଙ୍କୁ ଥାନାକୁ ନେଇଯାଇଥିଲା । ପୁଲିସ ଦ୍ୱାରା ଏଭଳି ଗୁଣ୍ଡାଗର୍ଦ୍ଦୀ କରାଇବା ସରକାରଙ୍କ ଭୀରୁତାର ପରିଚୟ ବୋଲି ସେ କହିଛନ୍ତି ।

ଦଳ ପକ୍ଷରୁ କୁହାଯାଇଛି, ପ୍ରଶ୍ନପତ୍ର ଲିକ୍ ଏକ ମହାପାପ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଯଦି ଏହା ସତ୍ୟ, ତେବେ ଏହି ପାପର ମହାପାପୀଙ୍କୁ ପଦରୁ ବିଦା କରିବା ଦରକାର । ଆନ୍ଦୋଳନକାରୀ ଛାତ୍ରଛାତ୍ରୀ, ରାହୁଲ ଗାନ୍ଧୀ ଓ ବିରୋଧୀ ଦଳର ସାଂସଦମାନଙ୍କ ସହ ପୁଲିସର ବର୍ବରତା ଏବଂ ପିସିସି ସଭାପତିଙ୍କୁ ଅଟକ ରଖିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଫାସିବାଦୀ ଆଭିମୁଖ୍ୟ ବୋଲି ଦଳ ଅଭିହିତ କରିଛନ୍ତି । ଆରଜିପିଆରଏସ୍ ସୁଦର୍ଶନ ଦାସ ଏବଂ ପିସିସି ପ୍ରବକ୍ତା ସୋନାଲୀ ସାହୁ ସାମ୍ବାଦିକ ସମ୍ମିଳନୀରେ କରିଥିଲେ ।

# କେନ୍ଦୁଝରର ମାଟି ସାଜିଛି ସୁନ୍ଦରଗଡ଼ ଜିଲ୍ଲାର ଡମ୍ପିଂ ୟାର୍ଡ

## ଜରିମାନା ଆଦାୟରେ ନାହିଁ ଆନ୍ତରିକତା; ସମନ୍ୱୟର ଅଭାବ

କେନ୍ଦୁଝର,୨୨।୭ (ସମିସ): କଳକାରଖାନା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଡମ୍ପିଂୟାର୍ଡ ରହିଛି; ମାତ୍ର ଅନେକ ଶିଳ୍ପ ବର୍ଜ୍ୟବସ୍ତୁ ଡମ୍ପିଂୟାର୍ଡରେ ନ ପକାଇ ଅନଧିକୃତ ସ୍ଥାନରେ ପକାଉଥିବାରୁ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ୫୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଭଦ୍ରସାହି-ରୁଗୁଡି-ଗୁଆଲି-ଟଣ୍ଡୋ ଆଦି ଅଞ୍ଚଳରେ ଥିବା ସରକାରୀ ଜମି, ଜଙ୍ଗଲ ଜମି ଏବଂ ବେସରକାରୀ ଜମିରେ ଶିଳ୍ପ ଆବର୍ଜନା ନିୟମିତ ପଡୁଛି । ପ୍ରତିଦିନ ବିଭିନ୍ନ ଶିଳ୍ପରୁ ବହୁ ସଂଖ୍ୟାରେ ହାଇୱା ଗାଡିରେ ପାଉଁଶ ଆସି ପଡୁଛି । ଶିଳ୍ପ ବର୍ଜ୍ୟବସ୍ତୁ ପଡିବା ଦ୍ୱାରା ବାୟୁ ଏବଂ ଜଳ ପ୍ରଦୂଷଣ ହେଉଛି । ଏଭଳି ଏକ



ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଉ ନ ଥିବାରୁ ପରିବେଶବିତ୍‌ମାନେ ଚିନ୍ତା ବ୍ୟକ୍ତ କରିଛନ୍ତି । ସୁନ୍ଦରଗଡ ଜିଲ୍ଲା କୋଇଡା ତହସିଲ ଅଞ୍ଚଳରେ ଥିବା ଏକ ଷ୍ଟିଲ କାରଖାନାରୁ ଦୈନନ୍ଦିନ ଶହ ଶହ ଗାଡିରେ କାରଖାନା ପାଉଁଶ ଆସି ବଡବିଲ ତହସିଲର ବିଭିନ୍ନ ଅଞ୍ଚଳରେ

- ଚିଠିରେ କାମ ସାରିଦେଲା ପିସିବି; ଜିଲ୍ଲା ପ୍ରଶାସନ ଚୁପ୍
- ବିଷାକ୍ତ ହେଉଛି ପରିବେଶ; ବଢୁଛି ଶିଳ୍ପ ବର୍ଜ୍ୟବସ୍ତୁର ବିପଦ

ପଡୁଛି । ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଦିଆଯାଇଥିଲେ ମଧ୍ୟ ଫଳ ଶୂନ୍ । ଶିଳ୍ପ ଆବର୍ଜନା ବର୍ଷା ଜଳ ସହ ମିଶି ଭୂତଳ ଜଳ, ଚାଷ ଜମି ଓ ନଦୀନାଳକୁ ପ୍ରଦୂଷିତ କରୁଛି । ମାଟିର ଉର୍ବରତା ହ୍ରାସ ସହ ପାନୀୟଜଳ ଦୂଷିତ ହେଉଛି । ବର୍ଜ୍ୟ କଳାଗୁଣ୍ଡ ଏବଂ ପାଉଁଶ ବର୍ଷାରେ ଧୋଇ ଚାଷ ଜମି, ଜଙ୍ଗଲ ଜମି ଏବଂ ଗୋଚର ଜମିରେ ପଡୁଛି । ଫଳରେ ଗୋରୁଗାଈ ଏବଂ ବନ୍ୟପ୍ରାଣୀ ଏହାକୁ ଖାଇ ରୋଗରେ ପଡୁଛନ୍ତି । ଏପରି କାର୍ଯ୍ୟକଳାପ ଯୋଗୁଁ ପରିବେଶର ଭୟଙ୍କର କ୍ଷତି ହେବା ସହ ଚାଷ ଜମି ଓ ଜଳସ୍ରୋତ ପ୍ରଦୂଷିତ ହେଉଛି ଏବଂ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ଟାସ୍କ ଫୋର୍ସ ଗଠନ ସହିତ ସଂପୃକ୍ତ କଂପାନୀ ଓ ପରିବହନକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବାକୁ ମତ ପ୍ରକାଶ ହୋଇଛି ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ବାଞ୍ଛା ପୋଲ

ହାଟଡ଼ିହୀ, ୨୨।୭ (ସମିସ)

ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ହାଟଡ଼ିହୀ ଅଞ୍ଚଳର ଅନେକ ଲୋକଙ୍କ କ୍ଷୟକ୍ଷତି କରିଥିବା ବେଳେ ବିଭିନ୍ନ ସ୍ଥାନର ଘରଦ୍ୱାର, ପୋଲ ସହ ରାସ୍ତାଘାଟ ଆଦି ନଷ୍ଟ କରିଦେଇଛି। ଗତକାଲି (ମଙ୍ଗଳବାର) ରାତି ପ୍ରାୟ ସାକ୍ଷଇ ୯ଟା ସମୟରେ ହାଟଡ଼ିହୀ ବ୍ଲକ ବାଲିବରେଇ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଥିବା ବହୁବର୍ଷ ପୁରୁଣା ପୋଲଟି ଭୁଶୁଡ଼ି ଯାଇଛି। ଏହି ପୋଲଟି ନିକଟସ୍ଥ ରାମକୃଷ୍ଣପୁର ଶାସନ ଗ୍ରାମର ବାଞ୍ଛାନିଧି ଶତପଥୀ ନିର୍ମାଣ କରିଥିବାରୁ ଏହା ବାଞ୍ଛା ପୋଲ ନାମରେ ନାମିତ ହୋଇଥିଲା। ଏହି ପୋଲ ଦେଇ ପଡ଼ିଆରିପଲ୍ଲୀ ଓ କେ.ବାଲିପାଳ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରତିଦିନ ଯାତାୟାତ କରିଥାନ୍ତି। ପୋଲଟି ଭୁଶୁଡ଼ିବା ସମୟରେ ଖୁବ୍ ଜୋରରେ ବର୍ଷାହେଉଥିଲା ଏବଂ ସେ ସମୟରେ କେହି ଯା'ଆସ କରୁ ନଥିଲେ। ବର୍ତ୍ତମାନ ସେହି ପୋଲ ରାସ୍ତାଦେଇ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଗାଁ ଲୋକ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ସମସ୍ତେ ବାଲିବରେଇ ଗ୍ରାମର ତଳମୁଣ୍ଡରେ ଥିବା ଏକ ପାଦଚଲା ପୋଲ ଦେଇ ଗମନାଗମନ ଆରମ୍ଭ କରିଛନ୍ତି। ଉକ୍ତ ପାଦଚଲା ପୋଲଟି ଅଣଓସାରିଆ ହୋଇଥିବାରୁ ବଡ଼ ଗାଡ଼ି ଯିବା ସମ୍ଭବ ନୁହଁ। ପୋଲର ଦୁଇପାର୍ଶ୍ୱ ସଂକୀର୍ଣ୍ଣ ହୋଇଥିବାରୁ ସେଠାରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ପଞ୍ଚାୟତକୁ ମୁଖ୍ୟରାସ୍ତା ହୋଇଥିବାରୁ ଏହି ପୋଲ ଦେଇ ଜରୁରିକାଳୀନ ଯାନବାହନ ସହିତ ପଞ୍ଚାୟତକୁ ପିଡ଼ିଏସ୍ ସାମଗ୍ରୀ, ସ୍କୁଲ ଗାଡ଼ି, ବିଭିନ୍ନ ବିଭାଗୀୟ ଗାଡ଼ି ଯା'ଆସ କରିଥା'ନ୍ତି। ପୋଲ ରାସ୍ତାଦେଇ ବାଲିବରେଇ, ରାମକୃଷ୍ଣପୁର, ଦନେଇପୁର ଆଦି ଗାଁ ଲୋକେ ବିଦ୍ୟାଧରପୁର ବଜାର ଉପରେ ନିର୍ଭର କରି କିଣାବିକା କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ୨ ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ନୂତନ ରାସ୍ତା ନିର୍ମାଣ ବେଳେ ପୋଲଟି ଦୁର୍ବଳ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିଥିଲେ। ଏହାକୁ ଭିତ୍ତି କରି ସେତୁ ଦୁର୍ବଳ ହେବାନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ସେତୁ ଦୁର୍ବଳ ବୋଲି ଏକ ସତର୍କ ସୂଚନା ଫଳକ ମଧ୍ୟ ଲଗାଯାଇଥିଲା। ସେ ସମୟରେ ଯଦି ବିଭାଗ ପକ୍ଷରୁ ନୂତନ ସେତୁ ନିର୍ମାଣ ପାଇଁ ଟେଣ୍ଡର କରାଯାଇ ଆଉ ଏକ ନୂତନ ସେତୁ ନିର୍ମାଣ ହୋଇଥାନ୍ତା; ତା'ହେଲେ ଆଜିର ଦିନରେ ଅଞ୍ଚଳବାସୀଙ୍କୁ ଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ି ନଥାନ୍ତା ବୋଲି କୁହାଯାଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏକ ନୂତନ ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ହୋଇଛି କରିଛନ୍ତି।



**୨୦ଟି ଗାଁର ବାସିନ୍ଦା ପ୍ରଭାବିତ**

# ତେଲ ନଦୀ ପୋଲରେ ବନ୍ୟାଜଳ

ତୁରୁମୁଙ୍ଗା, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ୩ ଦିନ ହେବ ଲଘୁଚାପଜନିତ ବର୍ଷା ଜାରି ରହିଛି। ଅବିଶ୍ରାନ୍ତ ବର୍ଷା ଫଳରେ ସାହାରପଡା ବ୍ଲକ ଅଞ୍ଚଳ ବେହାଲ ହୋଇ ପଡିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ କୁମୁଳା ବାହାଳି ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର ଜିଲ୍ଲାର ସାହାରପଡା ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ପୋଲ ଉପରେ ପାଣି ଚାଲୁଥିବା ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡି ମୋଟର ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା।



**ଯାତାୟାତ ବ୍ୟାହତ**

# ସୁଷମ ସାର ବଣ୍ଟନ ପାଇଁ ବିଜେପି ପ୍ରତିନିଧି ଦଳର ଦାବି



ଆନନ୍ଦପୁର, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନରେ ସ୍ୱଚ୍ଛତାର ସହିତ ସାରର ସୁଷମ ବଣ୍ଟନ ପାଇଁ ଆଜି ଆନନ୍ଦପୁର ଜିଲ୍ଲା କୃଷି ଅଧିକାରୀଙ୍କୁ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ଆନନ୍ଦପୁର କୃଷି ଜିଲ୍ଲାର ଆନନ୍ଦପୁର ବ୍ଲକ, ହାଟଡିହି ବ୍ଲକ ଓ ଘସିପୁରା ବ୍ଲକ୍‌ରେ ୧୭୩ ଲାଇସେନ୍ସପ୍ରାପ୍ତ ଡିଲରଙ୍କ ମାଧ୍ୟମରେ ଚାଷୀଙ୍କୁ ଖରିଫ ଚାଷ ପାଇଁ ସାର ଯୋଗାଇବାର ବ୍ୟବସ୍ଥା ରହିଛି। ଚଳିତ ଖରିଫ ଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ସାର ମହଜୁଦ ଥିବା ପ୍ରତିନିଧି ଦଳ ନିକଟରେ ପ୍ରକାଶ କରିଛନ୍ତି ଜିଲ୍ଲା କୃଷି ଅଧିକାରୀ ନୀଳମାଧବ ଦାଶ। ଏହି ସାର କିଭଳି ଚାଷୀମାନେ ପାଇପାରିବେ ସେଥିପାଇଁ ସରକାରଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ସବଡିଭିଜନର ୩ ବ୍ଲକରେ ସାର ବଣ୍ଟନକୁ ତଦାରଖ କରିବା ପାଇଁ ୩ଟି ସ୍କ୍ୱାଡ ଗଠନ କରାଯାଇଛି। ସାର ବଣ୍ଟନ ପ୍ରକ୍ରିୟାରେ ଯେଉଁ ସମବାୟ ସମିତି ତଥା ଲାଇସେନ୍ସପ୍ରାପ୍ତ ଡିଲର ଅସାଧୁ ଉପାୟ ଅବଲମ୍ବନ କରିବେ କିମ୍ବା ବାଧା ସୃଷ୍ଟି କରିବେ ସେମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷି ଅଧିକାରୀ ପ୍ରକାଶ କରିଛନ୍ତି। ଏହି ବିଜେପି ପ୍ରତିନିଧି ଦଳରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱପ୍ରତାପ ଜେନା, କୈଳାସଚନ୍ଦ୍ର ନାୟକ, ରାଜେନ୍ଦ୍ର ସାହୁ, ନିରଞ୍ଜନ ଜେନା, ଅଧିରାମ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ବୁଢ଼ୀକୁଦ ଗୋଠରେ ରହିଲା ଝାଡ଼ଖଣ୍ଡୀ ହାତୀ

# ଗୌଡ଼ଡିହାରେ ଘର ଭାଙ୍ଗିଲେ ହାତୀପଲ; ବନବିଭାଗ ନାକେଦମ୍

ଆନନ୍ଦପୁର, ୨୨।୭ (ସମିସ): ଆନନ୍ଦପୁର ବନଖଣ୍ଡ ଅଞ୍ଚଳକୁ ପଶିଆସିଥିବା ଝାଡ଼ଖଣ୍ଡର ଏକ ଦନ୍ତା ହାତୀ ବୁଢ଼ୀକୁଦ ଜଙ୍ଗଲରେ ଥିବା ହାତୀଗୋଠରେ ମିଶିବା ପରେ ହାତୀପଲଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଅଖପାଖ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଅସହ୍ୟ ହେବାରେ ଲାଗିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ କୋଡପଡା ପଞ୍ଚାୟତର ଗୌଡ଼ଦିହା ଗ୍ରାମରେ ୩ଟି ହାତୀ ଥିବା ଏକ ଦଳ ବ୍ୟାପକ ଫସଲ ହାନି କରିଥିବା ବେଳେ ଉକ୍ତ ଗ୍ରାମର କୀର୍ତନ ପାତ୍ରଙ୍କ ଘର ଭାଙ୍ଗି ନଷ୍ଟ କରିଦେଇଥିବା ଜଣାଯାଇଛି। ଗରିବ ଲୋକଙ୍କ ଘରଦ୍ୱାର ଓ ବାଡି ବଗିଚାରେ ପନିପରିବା ମଧ୍ୟ ନଷ୍ଟ ହେଉଥିବାରୁ ଅଞ୍ଚଳବାସୀଙ୍କ ଦୁଃଖ ଯାଉନି। ଜଙ୍ଗଲ ବିଭାଗ ପକ୍ଷରୁ ଏହି ହାତୀକୁ ଘଉଡ଼ାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଦୁର୍ଦ୍ଦାନ୍ତ ହାତୀପଲ ଗାଁମୁହାଁ ହୋଇ ଫେରିଆସୁଥିବାରୁ କ୍ଷୟକ୍ଷତି ହେଉଛି। ସାତକୋଶିଆରୁ ଫେରିଆସି ତିନିଦିନ ଧରି ଆନନ୍ଦପୁର ଅଞ୍ଚଳରେ ହାତୀ ଘୂରି ବୁଲୁଥିବା ଝାଡଖଣ୍ଡ ହାତୀ ଯୋଗୁଁ ଏପରି ବିଶୃଙ୍ଖଳା ହୋଇଥିବାରୁ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବିଳମ୍ବ ହେବ ବୋଲି ସୂଚନା ମିଳିଛି। ଆନନ୍ଦପୁର ଡୀଏଫ୍‌ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରତ୍ୟେକ ସ୍ଥାନରେ ଜଙ୍ଗଲ ବିଭାଗ କର୍ମଚାରୀ ସବୁଜ ବାହିନୀ ବନସୁରକ୍ଷା ସମିତି ହାତୀଙ୍କ ଗତିବିଧି ଉପରେ ନଜର ରଖି ଜଙ୍ଗଲକୁ ଘଉଡ଼ାଇବା ପାଇଁ ଉଦ୍ୟମ ଚାଲିଛି। ରେଞ୍ଜର ମାନକ ତଦନ୍ତ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ହେବ। ହାତୀ ଉପଦ୍ରବ ସ୍ଥାନରେ ବନ ବିଭାଗର କର୍ମଚାରୀ ତୀକ୍ଷଣ ନଜର ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।



# ଭିଣୋଇଙ୍କୁ ଆକ୍ରମଣ; ଶଳା ଗିରଫ

ତୁରୁମୁଙ୍ଗା, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପଡ଼ିଆପଶି ଗ୍ରାମରେ ଭିଣୋଇଙ୍କୁ ଟାଙ୍ଗିଆରେ ମାଡ଼ ମାରିଥିବା ଅଭିଯୁକ୍ତ ଶଳାକୁ ତୁରୁମୁଙ୍ଗା ପୁଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଡିଆପଶି ଗ୍ରାମର ନିରାକାର ମହାନ୍ତଙ୍କ ପୁଅ ମୋହନ ବିଜୟ ମହାନ୍ତ (୨୪)। ଗତ ୮ ମାସ ତଳେ ବାରିଆ ଥାନା ଉଖୁଣ୍ଡା ଢ଼ିପାସାହିର ସନ୍ତୋଷ ମହାନ୍ତ ତାଙ୍କ ସ୍ତ୍ରୀ ଓ ପିଲାଛୁଆ ଶଶୁର ଘର ପଡ଼ିଆପଶି ବୁଲିବାକୁ ଆସିଥିଲେ। ଏହି ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଶଳା ଉତ୍‌କ୍ଷିପ୍ତ ହୋଇ ଭିଣୋଇର ମୁଣ୍ଡକୁ ଟାଙ୍ଗିଆ ପସାରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ କରଞ୍ଜିଆ, ପରେ କେନ୍ଦୁଝର ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ କରାଯାଇ ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଘଟଣାର ତଦନ୍ତ କରି ଆକ୍ରମଣ କରିଥିବା ଶଳାକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଚୋରି ବାଇକ୍ ଉଦ୍ଧାର; ଅଭିଯୁକ୍ତ ଗିରଫ

ହାଟଡ଼ିହୀ, ୨୨।୭ (ସମିସ): ସୋସୋ ଥାନା ଅନ୍ତର୍ଗତ ସୋସୋ ଗ୍ରାମରୁ ଗତ ୯/୬/୨୬ରେ କେହି ଗ୍ରାମର କାଳିଆ ଜେନାଙ୍କ ପୁଅ ରୁଦ୍ର ଜେନାଙ୍କ ଓଡ଼ି୦୧-ଜି-୩୩୬୪ ନମ୍ବର ବିଶିଷ୍ଟ ବାଇକ୍ ଚୋରି କରିଥିବା ନେଇ ରୁଦ୍ର ସୋସୋ ଥାନାରେ ଅଭିଯୋଗ କରିଥିଲେ। ସୋସୋ ପୁଲିସ୍ କେସ୍ ନଂ ୧୧୯/୨୬ ଏକ ମାମଲା ରୁଜୁ କରି ଚୋରି ସମ୍ପର୍କରେ ତଦନ୍ତ ଚଳାଇଥିଲା। ଗତକାଲି ୨୧/୭/୨୬ ରିଖରେ ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ରାଉତରାପୁର ଗ୍ରାମର ସ୍ୱର୍ଗତ ବାବାଜୀ ଦାସଙ୍କ ପୁଅ ଅଶୋକ ଦାସ(ଗୋପାଳ) ବାଇକ୍ ଚୋରି କରିଥିବା ନେଇ ପୁଲିସ ଜାଣିବାକୁଥିଲା। ପୁଲିସ୍ ଅଶୋକ ଘରେ ତଲାସୀ କରିବା ସମୟରେ ରୁଦ୍ର ଜେନାଙ୍କ ବାଇକ୍ ସହିତ ଅନ୍ୟ ଏକ ବାଇକ ଓ ସାଇକଲ ଉଦ୍ଧାର କରି ଅଶୋକକୁ ଗିରଫ୍ କରିଛି। ଗିରଫ୍ ଅଭିଯୁକ୍ତ ଜଣକ ଏକ ହତ୍ୟା ମାମଲାର ଦୋଷୀ ବୋଲି ଆନନ୍ଦପୁର ଆରକ୍ଷୀ ଅଧିକାରୀ କମଳ ପଣ୍ଡା ସୂଚନା ଦେଇଛନ୍ତି।



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କର୍ମଶାଳା

ଚମ୍ପୁଆ, ୨୨।୭ (ସମିସ): ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ଜିଲ୍ଲା ଅଧିକାରୀ ନନ୍ଦିତା ଜେନା, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ଶାରଦା ହାସଦା, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସାଂସଦଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ ଓ ପହିଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ କୃଷି ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ଅଧିକରୁ ଅଧିକ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରିବା, ବୀମାର ସୁବିଧା ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି କରିବା ଏବଂ ଚାଷୀମାନଙ୍କ ପାଖରେ ଯୋଜନାର ସଠିକ୍ ସୂଚନା ପହଞ୍ଚାଇବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କୃଷି ଜିଲ୍ଲା ଅଧିକାରୀ ନନ୍ଦିତା ଜେନା ଚାଷୀମାନଙ୍କୁ ଜମିର ମୃତ୍ତିକାର ଆବଶ୍ୟକତା ଅନୁଯାୟୀ ସଠିକ୍ ପରିମାଣରେ ସାର ପ୍ରୟୋଗ କରିବା, ସନ୍ତୁଳିତ ସାର ବ୍ୟବହାର ଏବଂ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ କହିଥିଲେ ଯେ ଗ୍ରାମାଞ୍ଚଳରେ ନିୟମିତ ସଚେତନତା ଶିବିର ମାଧ୍ୟମରେ ସୂଚନା ପ୍ରଦାନ କରାଗଲେ ଚାଷୀମାନେ ଅଧିକ ସଫଳ ଓ ଆର୍ଥିକ ଭାବେ ସଶକ୍ତ ହୋଇପାରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ନାମ ପଞ୍ଜୀକରଣ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆର୍ଥିକ ସୁରକ୍ଷାର ଲାଭ ଉଠାଇବାକୁ ଆହ୍ୱାନ କରାଯାଇଥିଲା।



# ବଜ୍ରପାତରେ ଜଳିଗଲା ୩ ବଖରା ଘର



ହାଟଡ଼ିହୀ, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ମରେଇଗାଁ ପଞ୍ଚାୟତ କୁଆଗଡ଼ିଆ ସାହିରେ ବଜ୍ରପାତ ଯୋଗୁଁ ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଏକ ପରିବାରର ତିନି ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ବହୁ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁଯାୟୀ, ଗତରାତିରେ ପରିବାରର ସମସ୍ତ ସଦସ୍ୟ ଘରେ ଶୋଇଥିବା ସମୟରେ ବଜ୍ରପାତ ଘଟି ଘରେ ନିଆଁ ଲାଗିଥିଲା। ନିଆଁ ବ୍ୟାପିଯିବା ପରେ ପରିବାର ଲୋକେ କୌଣସି ପ୍ରକାରେ ଘରୁ ବାହାରକୁ ପଳାଇ ଆସି ନିଜ ଜୀବନ ରକ୍ଷା କରିଥିଲେ। ତେବେ ଘର ଭିତରେ ରହିଥିବା ଗୋଟିଏ ବାଇକ, ୨ଟି ସାଇକଲ ସହ ଆସବାବପତ୍ର, ଘରୋଇ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ**

# ଆଇନ ପ୍ରାଧିକରଣର ସଚେତନତା ମଣ୍ଡପରେ ଲୋକଙ୍କୁ ସହାୟତା

କେନ୍ଦୁଝର, ୨୨।୭ (ସମିସ): କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ସୌଜନ୍ୟରୁ ସଚେତନତା ମଣ୍ଡପ ଖୋଲାଯାଇ ପ୍ରତିଦିନ ପାରା ଆଇନ ସ୍ୱେଚ୍ଛାସେବୀ ଓ ପାନେଲ ଅଧିବକ୍ତାଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରାଯିବା ସହ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଲୋକମାନେ ଯୋଜନାର ସୁଫଳ ପାଇ ପାରିଛନ୍ତି। ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ବିଭାଗ ଦ୍ୱାରା ଲୋକମାନଙ୍କୁ ମାଗଣା ଚାରା ବଣ୍ଟନ କରାଯାଇଥିବାବେଳେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ତରଫରୁ ଶ୍ରମ ପଞ୍ଜିକୃତ କାର୍ଡ ବିଭିନ୍ନ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ସଦର ବ୍ଲକ ତରଫରୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଟ୍ରାଏ ସାଇକଲ ଓ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ପ୍ରାଧିକରଣର ପାନେଲ ଅଧିବକ୍ତା ପ୍ରମୁଖ ସହଯୋଗ କରୁଛନ୍ତି।



# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ



ଆନନ୍ଦପୁର, ୨୨।୭ (ସମିସ): ନିଜ ଅଞ୍ଚଳକୁ ନିଜେ ସଫା କରି ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଏବଂ ମା' ତାରିଣୀ ଅଟୋ ରିଫିଲ୍‌ସ୍‌ର କର୍ମକର୍ତ୍ତା। ଘସିପୁରା ବ୍ଲକ ସାଇଁକୁଳ ୨୦ନଂ ଜାତୀୟ ରାଜପଥ କଡରେ ଥିବା ପେଟ୍ରୋଲ ପମ୍ପ ପରିସରରେ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଡ଼ଃ ବିପିନ ବିହାରୀ ମିଶ୍ର, ଡ଼ଃ ସୁକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧନରେ ଔଷଧୀୟ ଏବଂ ଫଳନ୍ତି ଗଛ ଲଗାଇବା ସହିତ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫା ରହିଲେ ନିରୋଗୀ ରହିବାର ବାର୍ତ୍ତା ଦେଇ ଏହି କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇଥିବା ବେଳେ ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କର୍ମଚାରୀ ତଥା ତିବ୍ରତ କୁମାର ଚକ୍ର, ଜିତେନ୍ଦ୍ର ମହାନ୍ତି, ଜଗନ୍ନାଥ ନାୟକ, ଦିଲ୍ଲୀପ ପାଢ଼ୀ, ଅମୂଲ୍ୟ ମଲ୍ଲିକ, ରବୀନ୍ଦ୍ର ତ୍ରିପାଠୀ, ସୋମ୍ୟରଞ୍ଜନ ବାରିକ, ନୀଳମାଧବ ଦାସ, ପ୍ରଦୀପ ବେହେରା ଶପଥ ନେଇଛନ୍ତି।

# ରଥଯାତ୍ରା ଅବସରରେ ସତ୍ୟବୈକୁଣ୍ଠ ପକ୍ଷରୁ ଭଜନ ସମାରୋହ

କେନ୍ଦୁଝର, ୨୨।୭ (ସମିସ)

କେନ୍ଦୁଝରର ପ୍ରସିଦ୍ଧ ରଥଯାତ୍ରା ଅବସରରେ ସାଂସ୍କୃତିକ ନଗରୀ ପୁରୁଣା ବଜାର ବଡ଼ଦାଣ୍ଡ ଶ୍ରୀ ଗୁଣ୍ଡିଚା ମାଉସୀ ମା' ମନ୍ଦିର ନିକଟରେ ପାରମ୍ପରିକ ତଥା ଭକ୍ତି ରସାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ମଙ୍ଗଳବାର ଭଜନ ମଣ୍ଡପରେ ଜ଼ିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସତ୍ୟବୈକୁଣ୍ଠ ଫାଉଣ୍ଡେସନ ପକ୍ଷରୁ ରାଜ୍ୟ ତଥା ଜ଼ିଲ୍ଲାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନ ଅଧ୍ୟକ୍ଷ ମୋହିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ବନଖଣ୍ଡ ଅଧିକାରୀ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ମୁଖ୍ୟଅତିଥି, କେନ୍ଦୁଝର ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ, ଜ଼ିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ମିଶ୍ର, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶତାବ୍ଦୀର ନିର୍ଦ୍ଦେଶକ ସଂଗ୍ରାମ ଦାସ ମଞ୍ଚ ପରିଚାଳନା କରିଥିଲେ। ଆକାଶବାଣୀ କେନ୍ଦୁଝରର ଭାସ୍କର ମିଶ୍ର ଭଜନ ସମାରୋହକୁ ଉପସ୍ଥାପନ କରିଥିଲେ। କଣ୍ଠଶିଳ୍ପୀ କେଡି କୁଳଦୀପ, ଅମିତ କୁମାର, ଜ୍ୟୋତ୍ସ୍ନା ମହାନ୍ତି, ସୋନମ ଦାସ, ମାନସ ପଲେଇ, ବିନୋଦ ବିହାରୀ ମହାନ୍ତ ଓ ଶିଶୁ କଳାକାର ଶୁଭାଶିଷ ମିଶ୍ର ଓ ସିଦ୍ଧିକା ଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସତ୍ୟବ୍ରତ ପାତ୍ର, ଦୀପନ ସାହୁ, ଆକାଶ ଜେନା, ମାନସିଂ ବେହେରା ସହଯୋଗ କରିଥିଲା ବେଳେ କାର୍ଯ୍ୟକ୍ରମକୁ ସାଂସ୍କୃତିକ କମିଟି ସଦସ୍ୟ ଜିତେନ୍ଦ୍ର ସାହୁ, ସନ୍ତୋଷ ଦାସ, ଜ୍ଞାନରଞ୍ଜନ ପତି, ସନ୍ତୋଷ ଚାଟାର୍ଜି, ଆଦିତ୍ୟ ପ୍ରକାଶ ବେଜ, ବଳଭଦ୍ର ପାଢ଼ୀ, ସତ୍ୟଜିତ ମିଶ୍ର, ସନ୍ଦୀପ ସାହୁ, ସଞ୍ଜୟ ବେହେରା ସହଯୋଗ କରିଥିଲେ।



# ଅକ୍ଟୋବର ୯ ରେ ଦୁଇଦିନିଆ ଆଞ୍ଚଳିକ ଭାଷା ଜାତୀୟସ୍ତରୀୟ କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍

କେନ୍ଦୁଝର, ୨୨।୭ (ସମିସ): କେନ୍ଦୁଝର ଇତିହାସରେ ପ୍ରଥମ ଥର ପାଇଁ ଜାତୀୟସ୍ତରୀୟ 'କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍' ଆସନ୍ତା ଅକ୍ଟୋବର ୯ ଓ ୧୦ ତାରିଖରେ ଆୟୋଜିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି ମହୋତ୍ସବରେ ଦେଶର ବିଭିନ୍ନ ଆଞ୍ଚଳିକ ଭାଷାର ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର ନିର୍ମାତାମାନେ ଯୋଗଦେବେ। ଏହାସହ ବଲିଉଡ୍, ଓଲିଉଡ୍ ଓ ଦେଶର ଅନ୍ୟାନ୍ୟ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନେ ମଧ୍ୟ ଏହି ଐତିହାସିକ ପ୍ରୟାସକୁ ସମର୍ଥନ ଓ ଉତ୍ସାହ ପ୍ରଦାନ କରିବା ପାଇଁ ଉପସ୍ଥିତ ରହିବେ। ଜୁମାକ୍ସ ଷ୍ଟୁଡିଓର ଆୟୋଜନରେ ନିରାକାନ୍ତ ଆର୍ଟ ଫାଉଣ୍ଡେସନ୍ ଏବଂ ବ୍ରୋଭାଣ୍ଟା ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଆୟୋଜନ କରାଯାଉଛି। ଆୟୋଜକ ଅବିନାଶ ରାଉତଙ୍କ କହିବାନୁସାରେ, ଏହି ମହୋତ୍ସବ ନବାଗତ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର କ୍ଷେତ୍ରର ବିଭିନ୍ନ ଟେକ୍ନିସିଆନଙ୍କ ପାଇଁ ନିଜ ପ୍ରତିଭା ପ୍ରଦର୍ଶନ କରିବା ସହ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। ଏହି ଫିଲ୍ମ ଫେଷ୍ଟିଭାଲ୍ ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ କେକି କାକଲି, ସହପ୍ରତିଷ୍ଠାତା ଶୁଚିସ୍ମିତା ରାଉତ ଏବଂ ନିର୍ଦ୍ଦେଶକ ଅବିନାଶ ରାଉତ ଉପସ୍ଥିତ ଥିଲେ।



# ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




ସୋର, ୨୨।୭ (ସମିସ): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଡାକ୍ତରଖାନା ଅଧିକ୍ଷକ କାଶିନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଓ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଅନୁସୟା ମଲ୍ଲିକ ଉପସ୍ଥିତ ରହି ଡାକ୍ତରଖାନାର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଉପସ୍ଥିତ ଅନ୍ୟ ସଭ୍ୟସଭ୍ୟା ରୋଗୀମାନଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହିତ ଡାକ୍ତରମାନେ ରୋଗୀ ଓ ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟଙ୍କୁ ଉଚିତ ବ୍ୟବହାର ଦେଖାଇବାକୁ କହିଥିଲେ। ଡାକ୍ତରଖାନାରେ ଚାଲିଥିବା ଦଲାଲ ରାଜକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ମତବ୍ୟକ୍ତ କରିଥିଲେ। ଶେଷରେ ଡାକ୍ତରଖାନାର ବିପିଏମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବକଳେବର ଖୁବ୍ ଶୀଘ୍ର

ବାଲେଶ୍ୱର(ଉତ୍ତର), ୨୨।୭ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଜୀବନ ରେଖା କୁହାଯାଉଥିବା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବକଳେବର ଖୁବ ଶୀଘ୍ର ହେବାକୁ ଯାଉଛି। ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଆଜି ଆୟୋଜିତ ସମୀକ୍ଷା ବୈଠକ ପରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ତତ୍କାଳୀନ ନବୀନ ସରକାରଙ୍କ ସମୟରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ ହୋଇଥିଲା। ପ୍ରାୟ ବର୍ଷେ ତଳେ ଏହାର ହସ୍ତାନ୍ତର ହୋଇ ସାରିଥିଲେ ହେଁ, ଏସି, ଫର୍ଣ୍ଣିଚର ଓ ଆନୁସଂଗିକ ସୁବିଧା ଉପଲବ୍ଧ ନ ଥିବାରୁ ଏହି ନୂତନ ବିଲ୍ଡିଂକୁ ହସ୍ପିଟାଲ ସ୍ଥାନାନ୍ତର ହୋଇପାରୁ ନଥିଲା। ଏ ସଂକ୍ରାନ୍ତରେ ବିଧାୟକ ଶ୍ରୀ ଦାସ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ, ଏନ୍ଏଚଏମ୍ ନିର୍ଦ୍ଦେଶକଙ୍କଠୁ ନେଇ ସିଡିଏମଓଙ୍କ



ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ଏଯାଏ ସମସ୍ୟାର ସମାଧାନ ହୋଇପାରୁନଥିଲା। ପରିଶେଷରେ 'ଆମ ହସ୍ପିଟାଲ' ଯୋଜନାରେ ପ୍ରାପ୍ତ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଏହିସବୁ ସୁବିଧା ସାଙ୍ଗକୁ ସମଗ୍ର ହସ୍ପିଟାଲ ପରିସରର ନବକଳେବର କରିବା ପାଇଁ ଆଜିର ବୈଠକରେ ସ୍ଥିର ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଆଜି ବିଧାୟକ ଶ୍ରୀ ଦାସ, ବ୍ଲକ ଅଧକ୍ଷ ପ୍ରବୀର ଗିରି, ଏନଏଚଏମ ବିଭାଗର ଯନ୍ତ୍ରୀ, 'ଆମ ହସ୍ପିଟାଲ' ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ଏଚଏସସିଏଲ ସଂସ୍ଥାର ମ୍ୟାନେଜର, ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ, ବିପିଏମ, ଆରକେଏସ୍‌ର କିଛି ସଭ୍ୟ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ସିଏଚ୍ଏସି ପରିଦର୍ଶନ କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସିଏଚସିର ନବକଳେବର ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ସହମତି ହେଲା ଏବଂ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଥିବା କିଛି ବିଲ୍ଡିଂକୁ ଭଙ୍ଗାଯାଇ ନୂତନ ହସ୍ପିଟାଲର ବିଲ୍ଡିଂକୁ ପ୍ରଶସ୍ତ ରାସ୍ତା ନିର୍ମାଣ, ରୋଗୀ

**ହସ୍ପିଟାଲ ପରିଦର୍ଶନ କରି ଯୋଜନାର ସମୀକ୍ଷା କଲେ ବିଧାୟକ**

ତଥା ସମ୍ପର୍କୀୟଙ୍କ ପାଇଁ ପ୍ରତୀକ୍ଷାଳୟ ଓ ଶୌଚାଳୟ, ଉଦ୍ୟାନ, ପାଚେରୀ, ଫାଟକ ନିର୍ମାଣ ଏବଂ ଡ୍ରେନେଜ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ନୂତନ ବିଲ୍ଡିଂ ପାଇଁ ଆସବାବପତ୍ର କ୍ରୟ ତଥା ଏକ ନୂତନ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ନିମନ୍ତେ ମଧ୍ୟ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ସ୍ଥିର ହୋଇଥିବା ଜଣାପଡ଼ିଛି।

# ଫାଇନାନ୍ସ କମ୍ପାନୀରୁ ଋଣ ନେଇ ଅଡୁଆରେ ହିତାଧିକାରୀ

**● ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ**

ଚନ୍ଦନେଶ୍ୱର, ୨୨।୭ (ସମିସ): ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ଗ୍ରହଣ କରିବା ପରେ ବୀମା ବାବଦରେ ବିପୁଳ ପରିମାଣର ଅର୍ଥ କଟାଯାଇଥିଲେ ମଧ୍ୟ ସମ୍ପର୍କିତ ବୀମା କାଗଜପତ୍ର ନ ମିଳିବା ସହ ଏହାକୁ ନେଇ ସନ୍ତୋଷଜନକ ଉତ୍ତର ନ ପାଇ ଜଣେ ଋଣଗ୍ରହୀତା ଅଡୁଆରେ ପଡ଼ିଥିବା ଅଭିଯୋଗ ହୋଇଛି। ଏହାର ନ୍ୟାୟସଙ୍ଗତ ସମାଧାନ ପାଇଁ ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଅଧୀନ ଖଗେଶ୍ୱରପୁର ଗ୍ରାମର ରାଜେନ୍ଦ୍ର ସାହୁଙ୍କ କ୍ଷେତ୍ରରେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ରାଜେନ୍ଦ୍ର ସାହୁ ୨୦୨୩ ମସିହା ନଭେମ୍ବର ୩୦ ତାରିଖରେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ କରମଣ୍ଡଳମ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍‌ର ବାଲେଶ୍ୱର ଶାଖାରୁ ୨୦ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଥିଲେ। ଋଣ ମଞ୍ଜୁରୀ ସମୟରେ ଜୀବନ ବୀମା ବାବଦରେ ୧, ୧୬, ୦୦୦ ଟଙ୍କା ଏବଂ ଅନ୍ୟ ବୀମା ବାବଦରେ ୨୬, ୯୫୯ ଟଙ୍କା କାଟି ତାଙ୍କୁ ୧୮, ୨୮, ୭୨୧ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଋଣର ସର୍ତ୍ତାନୁଯାୟୀ ଶ୍ରୀ ସାହୁ ପ୍ରତିମାସ ୩୨, ୨୬୭ ଟଙ୍କା ହିସାବରେ ନିୟମିତ କିସ୍ତି ପରିଶୋଧ କରୁଥିଲେ। ପ୍ରାୟ ୧୮ ଟି କିସ୍ତି ପରିଶୋଧ କରିବା ପରେ ସେ ବୀମା ସମ୍ପର୍କିତ କାଗଜପତ୍ର ମାଗିଥିଲେ। ମାତ୍ର ଏ ନେଇ ସନ୍ତୋଷଜନକ ସ୍ପଷ୍ଟୀକରଣ କିମ୍ବା ଦଲିଲ ନ ମିଳିବାରୁ ସେ କିସ୍ତି ପ୍ରଦାନ ବନ୍ଦ କରିଦେଇଥିଲେ। ଏହାପରେ ଫାଇନାନ୍ସ କମ୍ପାନୀର ଏଜେଣ୍ଟମାନେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ଏବଂ ମାନସିକ ଚାପ ପ୍ରୟୋଗ କରୁଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଶେଷରେ ସେ ନ୍ୟାୟ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁ.ପି.(ସି) ନଂ୨୨୦୧୩/୨୦୨୬ ମାମଲା ଦାଖଲ କରିଛନ୍ତି। ଏହି ଘଟଣା ଯୋଗୁଁ ସେ ମାନସିକ ଓ ଆର୍ଥିକ ଭାବେ ବହୁ କ୍ଷତିଗ୍ରସ୍ତ ହୋଇଥିବା ଦାବି କରିବା ସହ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ନିବେଦନ କରିଛନ୍ତି।

# ପୌରପାଳିକାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୋର, ୨୨।୭ (ସମିସ): ସୋର ପୌରପାଳିକା ପକ୍ଷରୁ ପଞ୍ଚଦଶ ତମ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପୌରପାଳିକା ଅନ୍ତର୍ଗତ ଏନଏସି ବାପୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶରେ ସୋର ପୌର ପାଳିକା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମେଡ଼ିସିନ ବିଶେଷଜ୍ଞ ଭାବେ ଡାକ୍ତର ସୁବାଷ ଦାସ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଶୁଭମ ଚୌଧୁରୀ, ଚକ୍ଷୁ ବିଭାଗ ଡାକ୍ତର ସୁଜିକ୍ତ ନାରାୟଣ ମହାପାତ୍ର ଓ ମାନସିକ ବିକାରଗ୍ରସ୍ତ ବିଭାଗ ଡାକ୍ତର ବ୍ରଜକିଶୋର ଗିରିଙ୍କ ଦ୍ୱାରା ଭିନ୍ନକ୍ଷମ ମାନଙ୍କର ଶାରିରୀକ ପରୀକ୍ଷା କରାଯାଇଥିଲା। ଏଥିରେ ଭାଗ ନେଇଥିବା ମୋଟ ୧୦୬ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଚକ୍ଷୁ ବିଭାଗରେ ୧୭ଜଣ, ମାନସିକ ରୋଗ ବିଭାଗର ୧୨ଜଣ ଓ ଅସ୍ଥିଶଲ୍ୟ ବିଭାଗର ୭୭ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ପୌର କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାର୍ଜର ପ୍ରତିବାଦ

ବାଲେଶ୍ୱର(ଉତ୍ତର), ୨୨।୭(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦ୍ଧା ଥାନାଛକ ଠାରେ ଆଜି ଏଆଇଡିଏସଓ, ଏ ଆଇ ଡି ୱାଇ ଓ, ଏଆଇଏମଏସଏସ ଭୋଗରାଇ ଶାଖା ପକ୍ଷରୁ ଦିଲ୍ଲୀ ଠାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ବର୍ବର ଲାଠିଚାଳନାକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ତରଫରୁ ଏହାକୁ ଦୃଢ଼ ନିନ୍ଦା କରିବା ସହିତ 'ନିଟ୍' ପ୍ରଶ୍ନପତ୍ର ଲିକ୍ ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଅପରପକ୍ଷରେ ଚଳିତ ଶିକ୍ଷା ବର୍ଷରେ ପୁରୁଣା ବହିରେ ପଢ଼ା ଯିବା ଏବଂ ବିଜ୍ଞାନ ଭିତ୍ତିକ, ଯୁକ୍ତିବାଦୀ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ଦାବିରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନକୁ ଦମନ କରିବା ପାଇଁ ବିଜେପି ସରକାର ର ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ପ୍ରୟାସକୁ ତୀବ୍ର ବିରୋଧ କରାଯାଇଛି। ସର୍ବଭାରତୀୟ ପରୀକ୍ଷା ଗୁଡ଼ିକରେ ବ୍ୟାପକ ଦୁର୍ନୀତିର ସମାଧାନ କରିବା ପରିବର୍ତ୍ତେ ସରକାର ଦମନଲୀଳାର ଆଶ୍ରୟ ନେଇ ଛାତ୍ର ସମାଜ ପ୍ରତି ନିଜର ସମ୍ପୂର୍ଣ୍ଣ ଅବହେଳାକୁ ପଦାରେ ପକାଇଛନ୍ତି। ଜାତୀୟ ସ୍ତରର ପରୀକ୍ଷା ଗୁଡ଼ିକର ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ନିଜର ଚରମ ବିଫଳତା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା, ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ)କୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବା ଏବଂ ସମସ୍ତ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଏକ ଉଚ୍ଚସ୍ତରୀୟ ତଥା ଉଚ୍ଚ ଅଦାଲତଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବାକୁ ଏହି ପ୍ରତିବାଦ ସଭାରେ ଏଆଇଡିଏସଓର ଜିଲ୍ଲା ସଭାପତି ହରେକୃଷ୍ଣ ଦାସ ଦାବି କରିଛନ୍ତି। ଏକଛତ୍ରବାଦୀ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦବାଇ ପାରିବ ନାହିଁ ଏବଂ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସମଗ୍ର ଦେଶରେ ଏହି ସଂଗ୍ରାମକୁ ଆହୁରି ତୀବ୍ର କରା ଯିବ। ଏକ ବ୍ୟାପକ ଗଣଆନ୍ଦୋଳନ ପାଇଁ ଏକଜୁଟ ହୋଇ ପ୍ରସ୍ତୁତ ରହିବାକୁ ଏଆଇଡିଏସଓର ଛାତ୍ର ନେତା ରୂପଶ୍ରୀ ମାଝୀ ସାଧାରଣ ଜନତା, ବୁଦ୍ଧିଜୀବୀ, ଶିକ୍ଷକ, ଅଧ୍ୟାପକ, ପ୍ରାଧ୍ୟାପକ, ଶିକ୍ଷାବିତ୍, ଅଭିଭାବକ




ଏବଂ ଛାତ୍ର ସମାଜଙ୍କୁ ନିବେଦନ କରିଛନ୍ତି। ପ୍ରତ୍ୟେକ ସ୍କୁଲ, କଲେଜ ଏବଂ ଅଞ୍ଚଳରେ ସଂଗ୍ରାମ କମିଟି ଗଠନ କରିବାକୁ ଏ ଆଇ ଡି ୱାଓ ଇ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସସ୍ମିତା ମହାନ୍ତି ଓ ବାଲେଶ୍ୱର ଜିଲ୍ଲାର ମହିଳା ସଂଗଠନର ନେତ୍ରୀ ସରୋଜିନୀ ମହାନ୍ତି ପ୍ରସ୍ତାବ ରଖିଥିଲେ। ଏଆଇ ଡିୱାଇଓର ପୂର୍ବତନ ରାଜ୍ୟ ଉପସଭାପତି ନିରାକାର ପାଣ୍ଡବ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରତୀ ମଲ୍ଲିକ, ସିପୁନ ମାଝୀ, ଶୁଭଙ୍କର ମାଝୀ, ଆରତୀ ମଲିକ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ

ବାଲେଶ୍ୱର, ୨୨।୭(ସମିସ): ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ କେନ୍ଦ୍ରର ବିଜେପି ସରକାରର ଦମନ ଲୀଳା ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ଏବଂ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ



ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, କେଶବ ନାୟକ, ଗୁରୁପ୍ରସନ୍ନ ମିଶ୍ର, ବିଜୟ ମହାନ୍ତି, ନିଶିଥ ବାରିକ, ସମ୍ପାଦକ ସାହେବା ଅକତର, ସୌଭିକ ଜେନା, ସେକ୍ ନିଜାମୁଦ୍ଦିନ, ପଶୁପତି ଉପାଧ୍ୟାୟ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ରେମୁଣା ବ୍ଲକ ସଭାପତି କହ୍ନେଇ ବେହେରା, ପିସିସି ସଭ୍ୟ ତରୁଣ ଦାସ, ସେକ ଅଜଗର ଅଲ୍ଲୀ, ଜୀବନ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ତାନାସାହି ଶାସନକୁ କଡ଼ା ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ୍ ଶାହ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଦୁର୍ବଳ ସୁବର୍ଣ୍ଣରେଖା ନଦୀବନ୍ଧକୁ ନେଇ ଭୟଭୀତ ବେଣାପୁରାବାସୀ

ରାଜଘାଟ, ୨୨।୭(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ରହିଥିବା ସନ୍ତୋଷପୁର ପଞ୍ଚାୟତର ବେଣାପୁରା ଗ୍ରାମର ୩ ନମ୍ବର ୱାର୍ଡରୁ ଏକ ବଡ଼ଧରଣର ବିପଦ ସଙ୍କେତ ଆସିଛି। ଗ୍ରାମରେ ଦୁଇ ହଜାରରୁ



ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବାବେଳେ ସୁବର୍ଣ୍ଣରେଖା ନଦୀ ଏବେ ସେମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗତବର୍ଷ ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ବିଭିନ୍ନ ସ୍ଥାନରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି ଏବଂ କ୍ରମାଗତ ଭାବେ ଅତଡ଼ା ଖସିବାରେ ଲାଗିଛି। ଯଦି ଏହି ଦୁର୍ବଳ ନଦୀବନ୍ଧ ଭାଙ୍ଗେ, ତେବେ ବେଣାପୁରା ଗାଁ ସମେତ ୪ ରୁ ୫ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ ହେବା ଆଶଙ୍କା ରହିଛି। ଏହାଦ୍ୱାରା ଶହ ଶହ ହେକ୍ଟର ଚାଷଜମି ମଧ୍ୟ ନଷ୍ଟ ହୋଇଯିବ। ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇବା ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତବର୍ଷର ବନ୍ୟା କ୍ଷତିର ସ୍ମୃତି ମନରୁ ନଲିଭୁଣୁ, ଏବେ ଦୁର୍ବଳ ନଦୀବନ୍ଧ ଲୋକଙ୍କ ନିଦ ହଜିଯାଇଛି। ବର୍ଷା ଦିନ ଆସିଲାଣି ଛୋଟ ପିଲା ରୁଗଣା ବୃଦ୍ଧବୃଦ୍ଧାମାନଙ୍କୁ ଧରି କୁଆଡ଼େ ଯିବା ନେଇ ଚିନ୍ତାରେ ଅଛନ୍ତି ଅଞ୍ଚଳବାସି। ଏହି ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ବେଣାପୁରା ଗ୍ରାମବାସୀ ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ବନ୍ୟା ପ୍ରକୋପରୁ ରକ୍ଷା ପାଇବା ପାଇଁ ବର୍ଷାଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ନଦୀବନ୍ଧର ମରାମତି ଓ ସୁଦୃଢ଼ୀକରଣ କରାଯିବାକୁ ଦାବି ଜୋର ଧରିଛି।

# ଆଡ଼ପ ମଣ୍ଡପରେ ରାମ ପର୍ଶୁରାମ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି, ୨୨।୭ (ସମିସ): ଭାବର ଠାକୁର ଶ୍ରୀଜଗନ୍ନାଥ ଏହି ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଶ୍ରୀଜୀଉ ଦୈନନ୍ଦିନ ନୂଆ ନୂଆ ଅବତାରରେ



ଦର୍ଶନ ଦେଉଛନ୍ତି। ମନ୍ଦିର ସେବାୟତମାନେ ମହାପ୍ରଭୁଙ୍କୁ ପ୍ରତିଦିନ ନୂଆ ନୂଆ ବେଶ କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ଜନ୍ମବେଦିରେ ଶ୍ରୀବିଗ୍ରହ ମାନଙ୍କର ରାମ ପର୍ଶୁରାମ ବେଶ ହୋଇଥିବା ଦେଖିବାକୁ ମିଳିଛି। ବଡ଼ଠାକୁର ବଳଭଦ୍ରଙ୍କୁ ପର୍ଶୁରାମ ବେଶରେ ଦେଖିବାକୁ ମିଳିଥିବା ବେଳେ ଜଗନ୍ନାଥ ମହାପ୍ରଭୁଙ୍କୁ ରାମ ଅବତାର ବେଶରେ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭.୩୦ ସମୟରେ ଠାକୁରଙ୍କ ନୀତି ସମାପନ ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ କରିବାର ସୁଯୋଗ ମିଳିଥିଲା। ଆଜି ମହାପ୍ରଭୁ କଳ୍କୀ ଅବତାରରେ ଦର୍ଶନ ଦେବେ।


# ୩ ବାଇକ୍‌କୁ ଧକ୍କା ଦେଲା କାର୍



ଜଳେଶ୍ୱର, ୨୨।୭(ସମିସ): ୫୭ ନଂ ରାଜ୍ୟ ରାଜପଥ ଆମ୍ବଲିଅଠା ପେଟ୍ରୋଲ ପମ୍ପ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯାଇଛି। ବୁଧବାର ଅପରାହ୍ନରେ ଏକ ଓଲା ସ୍କୁଟି ଖରାପ ହୋଇଥିବାରୁ ଅନ୍ୟ ଏକ ବାଇକ ଦଉଡି ଦ୍ୱାରା ଜଳେଶ୍ୱର ପଟୁ ଆମ୍ବଲିଅଠା ଅଭିମୁଖେ ଟାଣି ନେଉଥିଲା। ବିପରୀତ ଦିଗରୁ ଏକ କାର ସେମାନଙ୍କୁ ଧକ୍କା ଦେବା ସହ ଅନ୍ୟ ଏକ ବାଇକ୍ ମଧ୍ୟ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆହତ ମାନଙ୍କୁ ନିକଟସ୍ଥ ଜିକେ ଭଟର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ପଶ୍ଚିମବଂଗ ଖଡ଼ିକା ଅଞ୍ଚଳର ଗେରଜ ମେକାନିକ ରାମଚନ୍ଦ୍ର ମହାନ୍ତ ନାମକ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଗୋଡ଼ ରେ ଗଭୀର ଆଘାତ ଲାଗିଥିବା ବେଳେ ସଙ୍କଟାପନ୍ନ ଭାବେ ବାଲେଶ୍ୱର ରେଫର କରାଯାଇଛି। ନେତୁଆ ପଞ୍ଚାୟତ ଆଡିନଗା ଗାଁର ବାବାଜୀ ଚରଣ ଜେନା ସାମନ୍ୟ ଆହତ ହୋଇଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି କାର ଓ ବାଇକ୍‌କୁ ଜବତ୍ କରି ଚାଳକକୁ ଥାନାରେ ଅଟକ ରଖିଛି।

# ମଦ ଦୋକାନ ଖୋଲିବାକୁ ୱାର୍ଡବାସୀଙ୍କ ବିରୋଧ

ଜଳେଶ୍ୱର, ୨୨।୭ (ସମିସ): ଜଳେଶ୍ୱର ପୌରାଞ୍ଚଳର ୯ ନଂ ୱାର୍ଡରେ ଏକ ସରକାରୀ ମଦ ଦୋକାନ ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶ ମିଳିଥିବା ଜଣାପଡ଼ିବା ପରେ ୱାର୍ଡ ବାସିନ୍ଦାଙ୍କ ପକ୍ଷରୁ ଦୃଢ ବିରୋଧ କରାଯିବା ସହିତ ଜଳେଶ୍ୱର ବିଡିଓଙ୍କ ନିକଟରେ ଦାବୀ ପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଏହି ମଦ ଦୋକାନଟି ପୂର୍ବରୁ ପୌରାଞ୍ଚଳର ଏହି ୱାର୍ଡରେ ଥିବା ସତ୍‌ସଙ୍ଗ ବିହାର ମନ୍ଦିର ନିକଟରେ ଖୋଲାଯାଇଥିଲା। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଇବା ସହିତ ନିୟମିତ ରାସ୍ତା ଦୁର୍ଘଟଣା, ଚୋରୀ ଛିନ୍ତାଇ ଇତ୍ୟାଦି ବୃଦ୍ଧିପାଇଥିଲା। ଫଳରେ



ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ୱାର୍ଡବାସୀ ତୀବ୍ର ଦାବି କରିଥିଲେ। ଫଳରେ ଚଳିତ ଆର୍ଥିକ ବର୍ଷରେ ଏଠାରେ ମଦ ଦୋକାନ ଖୋଲିବାକୁ କେହି ଆବେଦନ କରିନଥିଲେ। ମାତ୍ର ଜିଲ୍ଲା ପ୍ରଶାସନ ଦ୍ୱାରା ପୁଣି ସେହି ୱାର୍ଡରେ ମଦ ଦୋକାନ ଖୋଲିବାପାଇଁ ଅନୁମତି ଦେବାକୁ ମସୁଧା କରାଯାଇଥିବା ଜଣାପଡ଼ିଛି। ଏହି ଦୋକାନଠାରୁ ମାତ୍ର ୪ଶହ ମିଟର ଦୂରରେ ଶିକ୍ଷାନୁଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ବହୁ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ରହିଛି। ପୁଣି ଲକ୍ଷ୍ମଣନାଥ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଏହି ଦୋକାନକୁ ପୌରାଞ୍ଚଳରେ ଖୋଲିବା ବେଆଇନ ବୋଲି ଦାବୀ କରିବା ସହିତ ଦୋକାନ ନ ଖୋଲିବା ପାଇଁ ଜଳେଶ୍ୱର ବିଡିଓଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜଳଧର ସାହୁ, ଅଜୟ କୁମାର ଦାସ, ଦୁର୍ଗାଶଙ୍କର ଆଶ, ବବିତା ପାତ୍ର, ମୋନାର ସଭାପତି ଅଶୋକ କୁମାର ଜେନା, ଉମାଶଙ୍କର ଦାସ, ନଗେନ୍ଦ୍ର କର, ଦୀପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଇଞ୍ଜିନିୟର ରଶ୍ମିରଞ୍ଜନଙ୍କ ସନ୍ଦେହଜନକ ମୃତ୍ୟୁ**

# ଘଟଣାକୁ ୭ ଦିନ ବିତିଲା; ରହସ୍ୟ ଉପରୁ ପରଦା ଉଠିବ କେବେ

ବାଲେଶ୍ୱର, ୨୨।୭ (ସମିସ)

ବାଲେଶ୍ୱର ସହରର ସହଦେବଖୁଣ୍ଟା ଥାନା ଅଧୀନ ଆଜିମାବାଦ ବିଜୁ ପଟ୍ଟନାୟକ କଲୋନୀରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ରହସ୍ୟ ଉପରୁ ପରଦା ଉଠିପାରିନାହିଁ। ଓଲଟା ପ୍ରତ୍ୟେକ ଦିନ ମାମଲା ନୂଆ ନୂଆ ମୋଡ଼ ନେଉଥିବା ବେଳେ, ଏବେ ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ଦୁଇଟି ଅଗ୍ରୀମ ଜାମିନ ଆବେଦନ ଏହି ଘଟଣାକୁ ଆହୁରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଛି। ଘଟଣାର ସୂତ୍ରପାତ ହୋଇଥିଲା ୧୬ ଜୁଲାଇରେ। ସେଦିନ ବାଲେଶ୍ୱର ଏନଏଚଏମ୍‌ରେ କାର୍ଯ୍ୟରତ ଯନ୍ତ୍ରୀ ରଶ୍ମିରେଖା ଭୂୟାଁଙ୍କ ଜନ୍ମଦିନ ଥିବାରୁ ତାଙ୍କ ସ୍ୱାମୀ ତଥା ପୂର୍ତ୍ତ ବିଭାଗର କଟକ ଡିଭିଜନର ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠୀ କଟକରୁ ବାଲେଶ୍ୱର ଆସି ଭଡ଼ାଘରେ ଜନ୍ମଦିନ ପାଳନ କରିଥିଲେ। ପରିବାରର ଅଭିଯୋଗ ଅନୁସାରେ, ସେହି ଜନ୍ମଦିନ କାର୍ଯ୍ୟକ୍ରମରେ ସ୍ତ୍ରୀଙ୍କ ଜଣେ ପୁରୁଷ ବନ୍ଧୁ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଜନ୍ମଦିନ ପାଳନର କିଛି ଘଣ୍ଟା ପରେ ସେହି ଘର ଭିତରୁ ରଶ୍ମି ରଞ୍ଜନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପ୍ରଥମେ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ ମୃତକଙ୍କ ପରିବାର ଏହାକୁ ସିଧାସଳଖ ଖଣ୍ଡନ କରି ଯୋଜନାବଦ୍ଧ ହତ୍ୟା ବୋଲି ସହଦେବଖୁଣ୍ଟା ଥାନାରେ ଏତଲା ଦାଖଲ କରିଥିଲେ। ପରିବାର ପକ୍ଷରୁ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇପଡ଼ିଥିଲା। କରଞ୍ଜିଆରେ କାର୍ଯ୍ୟରତ ସମୟରେ ସ୍ତ୍ରୀଙ୍କର ଜଣେ ପୁରୁଷ ସହକର୍ମୀଙ୍କ ସହ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା ବୋଲି ପରିବାର ଦାବି କରିଛି। ଏହାକୁ ନେଇ ବାରମ୍ବାର ପାରିବାରିକ ବିବାଦ ଲାଗି ରହୁଥିଲା ଏବଂ ଘଟଣା ଦିନ ସେହି ସମ୍ପର୍କକୁ କେନ୍ଦ୍ର କରି ସ୍ତ୍ରୀ ଏବଂ ପୁରୁଷ ବନ୍ଧୁ ମିଶି ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବାର ପରିବାର ଲୋକେ ଅଭିଯୋଗ



ଆଣିଛନ୍ତି। ତେବେ ପୋଲିସ ଏହି ଘଟଣାରେ ମୁହଁ ଖୋଲିନାହିଁ। ସେପଟେ, ଏହି ମାମଲାର ସବୁଠାରୁ ରୋଚକ ଦିଗ ହେଉଛି, ମୃତକଙ୍କ ପରିବାର ସହଦେବଖୁଣ୍ଟା ଥାନାରେ ଦାଖଲ କରିଥିବା ଏତଲାରେ କୌଣସି ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିନଥିଲେ। ଏତଲାରେ କେବଳ ସ୍ତ୍ରୀଙ୍କ 'ଜଣେ ପୁରୁଷ ବନ୍ଧୁ' ସହ ମିଶି ହତ୍ୟା କରାଯାଇଥିବାର ଅଭିଯୋଗ ଥିଲା। କିନ୍ତୁ ହଠାତ୍ ସେହି ଏଫଆଇଆର ନଂ୩୧୫/୨୦୨୬ ସମ୍ପର୍କିତ ମାମଲାରେ ବାଲେଶ୍ୱର ଏନଏଚଏମ୍‌ର ଆସିଷ୍ଟାଣ୍ଟ ଇଞ୍ଜିନିୟର ଦେବାଶିଷ ନାୟକ ଓଡ଼ିଶା ହାଇକୋର୍ଟରେ ମାମଲାରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିବା ବେଳେ, ମୃତକଙ୍କ ସ୍ତ୍ରୀ ରଶ୍ମିରେଖା ଭୂୟାଁ ମଧ୍ୟ ମାମଲାରେ ଅଗ୍ରୀମ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆଇନ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଅଗ୍ରୀମ ଜାମିନ ପାଇଁ ଆବେଦନ କରିବା ଜଣେ ବ୍ୟକ୍ତିଙ୍କ ଆଇନଗତ ଅଧିକାର। ଏହାକୁ ଦୋଷ ସ୍ୱୀକାର କିମ୍ବା ଅପରାଧର ପ୍ରମାଣ ଭାବେ ଦେଖାଯାଇପାରିବ ନାହିଁ। ତଥାପି ଏହି ଘଟଣାକୁ ନେଇ ଏବେ ବିଭିନ୍ନ ମହଲରେ ନାନା ପ୍ରଶ୍ନ ଉଠୁଛି। ପରିବାର ଏତଲାରେ କୌଣସି ନାମ ନ ଦେଇଥିବା ସତ୍ତ୍ୱେ ସେହି ମାମଲାରେ ଦେବାଶିଷ ନାୟକଙ୍କ ପକ୍ଷରୁ ଅଗ୍ରୀମ ଜାମିନ ଆବେଦନ କରାଯିବାକୁ ନେଇ ସସ୍ପେନ୍ସ ବଢ଼ିଛି। ଅନ୍ୟପଟେ ମୃତ ଯନ୍ତ୍ରୀ ରଶ୍ମି ରଞ୍ଜନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଇଞ୍ଜିନିୟର ସଂଘ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନିରପେକ୍ଷ ଓ ବୈଜ୍ଞାନିକ ତଦନ୍ତ ଦାବି କରିସାରିଛି। ସେହିପରି ପୁଲିସ ମଧ୍ୟ ମୋବାଇଲ ଡାଟା, କଲ୍ ଡିଟେଲ୍ ରେକର୍ଡ, ସିସିଟିଭି ଫୁଟେଜ୍, ଫରେନସିକ୍ ରିପୋର୍ଟ, ପୋଷ୍ଟମର୍ଟମ ରିପୋର୍ଟ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଆଧାରରେ ତଦନ୍ତ ଜାରି ରଖିଛି। ଏବେ ସମଗ୍ର ଘଟଣାରେ ପୋଲିସ ତଦନ୍ତ ସହ ହାଇକୋର୍ଟରେ ଦାଖଲ ହୋଇଥିବା ଅଗ୍ରୀମ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

# ଘରେ ପଶିଗଲା ଭାଲୁ; ସୁରକ୍ଷିତ ଉଦ୍ଧାର


ନୀଳଗିରି, ୨୨।୭ (ସମିସ): ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ପାଟଣା ଗାଁର ନେତ୍ରାନନ୍ଦ ବେହେରାଙ୍କ ଘରଭିତର କାଠ ପଲାଭିତରେ ପଶିଯାଇଥିଲା ଏକ ଭାଲୁ। ନେତ୍ରାନନ୍ଦ ସକାଳୁ ଉଠି ବାହାରକୁ ଆସି ହଠାତ କାଠପଲା ଭିତରୁ ଶବ୍ଦଶୁଣି ଭୟଭୀତ ହୋଇ ଏକ



ଭାଲୁ ଶୋଇଥିବାର ଦେଖିବାକୁ ପାଇଥିଲେ। ଭାଲୁଟି କୁଆଡେ ନଯାଇ ଧୀରସ୍ଥିର ଶୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଭାଲୁଟି ଅସୁସ୍ଥଥିବାର ଅନୁମାନ କରାଯାଇଛି। ଏହିଖବର ଗ୍ରାମରେ ପ୍ରଚାରିତ ହେବାପରେ ଭାଲୁଟିକୁ ଦେଖିବାପାଇଁ ଗାଁଲୋକ ରୁଣ୍ଡ ହୋଇଯାଇଥିଲେ। ଭାଲୁକୁ ଉକ୍ତସ୍ଥାନରୁ ବାହାରକରି ଜଙ୍ଗଲକୁ ଘଉଡାଇବା ପାଇଁ ଚେଷ୍ଟାକରି ବିଫଳ ହେବାପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଖବର ପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସାଇରନ ବଜାଇ ଭାଲୁକୁ ସୁରକ୍ଷିତ ଭାବେ କାଠପଲାରୁ ବାହାର କରି ଗ୍ରାମର ଉଦ୍ୟମୀ ଯୁବକମାନଙ୍କ ସହଯୋଗରେ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ଲଗାତାର ଭାବେ ତିନିଦିନଧରି ଉକ୍ତ ଗ୍ରାମକୁ ଭାଲୁପଶୁଥିବାରୁ ଗ୍ରାମର ଲୋକମାନେ ଆତଙ୍କିତ ଭାବେ ରହୁଥିବାର କୁହାଯାଉଛି। ଜଙ୍ଗଲରେ ଖାଦ୍ୟଅଭାବ ଯୋଗୁଁ ବନ୍ୟଜନ୍ତୁମାନେ ଗାଁ ମୁହାଁ ହେଉଥିବା କୁହାଯାଉଛି। ବନବିଭାଗ ଜଙ୍ଗଲୀଜନ୍ତୁମାନଙ୍କ ସୁରକ୍ଷା ପ୍ରତି ଯେତିକି ଯତ୍ନବାନ ହେଉଛି ସାଧାରଣଜନତାଙ୍କ ପ୍ରତି ମଧ୍ୟ ସେତିକି ଯତ୍ନବାନ ନହେବା ଦୁଃଖ ଓ ପରିତାପର ବିଷୟ।

ସକାଳ
THE SAKALA

# ସମ୍ପାଦକୀୟ



ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

## ଶିକ୍ଷା ବ୍ୟବସ୍ଥାର ବିକଳ ବାସ୍ତବତା

ଏକକ ଶିକ୍ଷକ ବା ବିଦ୍ୟାଳୟ ପିଛା ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀ ଏକ ବିଚିତ୍ରମୟ ପ୍ରସଙ୍ଗ। କିନ୍ତୁ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଲା ଏଭଳି ଉଦ୍‌ବେଗଜନକ ସ୍ଥିତି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ୟୁଡାଇଜ୍ ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟାନୁଯାୟୀ ଓଡ଼ିଶାରେ ଚଳିତ ଶିକ୍ଷା ବର୍ଷରେ ୧୪୫୮ଟି ବିଦ୍ୟାଳୟ ଏକକ ଶିକ୍ଷକରେ ଚାଲିଛି। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି ୨୦୨୪-୨୫ରେ ଏକକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟ ସଂଖ୍ୟା ୧୦୮୯ ଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ସୁଦ୍ଧା ଆଉ ୩୬୯ଟି ବିଦ୍ୟାଳୟ ଏହି ଅବାଞ୍ଛିତ ତାଲିକାରେ ଯୋଡ଼ି ହୋଇଯାଇଛି। ଅପରପକ୍ଷରେ ଏକକ ଶିକ୍ଷକ ବିଦ୍ୟାଳୟରେ ୨୦୨୪-୨୫ ରେ ୪୭, ୯୪୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଗତବର୍ଷ ସେମାନଙ୍କ ସଂଖ୍ୟା ଥିଲା ୫୯, ୬୭୨। ଅର୍ଥାତ୍ ଆଉ ୧୧, ୭୩୨ ଜଣ ପିଲା ଯୋଡ଼ି ହୋଇଛନ୍ତି। ଏଥିରୁ ପାଠପଢ଼ାର ମାନ କିଭଳି ରହୁଥିବ ତାହା ଅନୁମେୟ। ତେଣୁ ବୋଧହୁଏ ରାଜ୍ୟ ସରକାର ନୂତନ ଭାବେ ମୁଦ୍ରିତ ପାଠ୍ୟପୁସ୍ତକକୁ ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ କରିବାକୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ବରଂ ପିଲାମାନେ ଇଂରାଜୀ ଓ ଘରୋଇ ମାଧ୍ୟମ ମୁହାଁ ହୁଅନ୍ତୁ ବୋଲି ପରୋକ୍ଷରେ ଚାହୁଁଛନ୍ତି। ଏହାଦ୍ୱାରା ଘରୋଇ ବିଦ୍ୟାଳୟ ମାଲିକ ଓ ସରକାରୀ ବାବୁଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଆହୁରି ରଙ୍ଗିନ ହୋଇପାରିବ।

ଏହା କେବଳ ରାଜ୍ୟର ସ୍ଥିତି ନୁହେଁ। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ପ୍ରାୟତଃ ଭୁଶୁଡ଼ି ପଡ଼ିଛି। କେଉଁଠି ପାଠପଢ଼ା ପାଇଁ ଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଆଉ କେଉଁଠି ପିଲା ଆସୁନାହାନ୍ତି। ନୂତନ ଜାତୀୟ ଶିକ୍ଷା ନୀତି ଯେଉଁ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇଥିଲେ ତାହା ବସ୍ତୁତଃ ଦୂରେଇ ଯାଉଛି। ଅଧିକନ୍ତୁ କେନ୍ଦ୍ର ସରକାର ମଧ୍ୟ ଦେଶର ସରକାରୀ ବା ସର୍ବସାଧାରଣ ଶିକ୍ଷା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ନୁହନ୍ତି। ପରୀକ୍ଷା ମୂଲ୍ୟାଙ୍କନରେ ବିଭ୍ରାଟ, ପ୍ରଶ୍ନପତ୍ର ପ୍ରଘଟ ଆଦି ଘଟଣାରେ ସରକାର ଉତ୍ତରଦାୟିତ୍ୱ ନେବାକୁ ଅମଙ୍ଗ ଥିବା କାରଣରୁ ଏବେ ରାଜଧାନୀ ଦିଲ୍ଲୀ ଦୋହଲୁଛି। ଏଭଳି ପରିସ୍ଥିତିରେ ଆଉ ଏକ ଆଶ୍ଚର୍ଯ୍ୟଚକିତ କଲା ଭଳି ଖବର ଆସିଛି। ବିଗତ ୧୦ ବର୍ଷ ଭିତରେ ୪୫ଟି ଜାତୀୟ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଦୁଇଟିରେ ତଦନ୍ତ ହୋଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇଜଣ ଅଭିଯୁକ୍ତ ଇତିମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାକୁ ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି।

ଦେଶର ଶିକ୍ଷା ବ୍ୟବସ୍ଥା ପ୍ରତି କେନ୍ଦ୍ର ସରକାର କେତେ ଉଦାସୀନ ଓ ସମ୍ବେଦନଶୂନ୍ୟ ତାହା ଉପରୋକ୍ତ ତଥ୍ୟ ବ୍ୟତୀତ ବଜେଟ୍ ବ୍ୟୟବରାଦରୁ ମଧ୍ୟ ପ୍ରତିଫଳିତ ହେଉଛି। 'ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି' ସଂସ୍ଥାର 'ଇକୋନୋମିକ୍ ଆଉଟ୍‌ଲୁକ୍' ତଥ୍ୟ ଅନୁଯାୟୀ ପ୍ରତିବର୍ଷ ବଜେଟ୍ ଅଟକଳ ହାରାହାରି ୧୦.୪% ହାରରେ ବୃଦ୍ଧି ପାଉଛି। ଅଥଚ ଶିକ୍ଷା ମନ୍ତ୍ରଣାଳୟର ବଜେଟ୍ ଅଟକଳ ହାର ହ୍ରାସ ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ବଜେଟ୍ ବ୍ୟୟ ଅଟକଳରେ ଶିକ୍ଷା ମନ୍ତ୍ରଣାଳୟର ଭାଗ ୪.୬% ଥିବା ବେଳେ ୨୦୨୫-୨୬ରେ ତାହା ୨.୫%କୁ ହ୍ରାସ ପାଇଛି। ଉଭୟ ଗଣଶିକ୍ଷା ବାବଦ ବ୍ୟୟ ଅଟକଳ ୧୨ ବର୍ଷରେ ୫୦% ଏବଂ ଉଚ୍ଚଶିକ୍ଷା ବଜେଟ୍ ଅଟକଳ ୬୦% ହ୍ରାସ ପାଇଛି। ଅପରପକ୍ଷରେ ଭିତ୍ତିଭୂମି ବାବଦ ବ୍ୟୟ ବରାଦ ତିନିଗୁଣା ବୃଦ୍ଧି ପାଇଛି। ଏନ୍‌ଡିଏ ସରକାର ଦକ୍ଷତା ବିକାଶ ଜରିଆରେ ବିଶ୍ୱଗୁରୁ ହେବାର ସ୍ଲୋଗାନ୍ ଦେଉଛନ୍ତି। ଅପରପକ୍ଷରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ୨୦୧୫-୧୬ରେ ମୋଟ ବ୍ୟୟ ଅଟକଳର ମାତ୍ର ୦.୦୬% ପାଇଥିବା ବେଳେ ୨୦୨୫-୨୬ରେ ପାଇଛି ୦.୦୫%।

ଭିତ୍ତିଭୂମିରେ ଅଧିକରୁ ଅଧିକ ବ୍ୟୟ କରି ମଧ୍ୟ ଶିକ୍ଷା ଓ ଦକ୍ଷତା ବିକାଶରେ ବ୍ୟୟ ବରାଦକୁ ଗୌଣ କଲେ ଫଳ କ'ଣ ହୁଏ ତାହା ଏବେ ଭାରତର ବିଭିନ୍ନ ସ୍ଥାନରେ ହଜାର ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ସଡ଼କ, ସୁଡ଼ଙ୍ଗ, ବ୍ରିଜ୍ ଆଦି ଭୁଶୁଡ଼ି ପଡୁଥିବାରୁ ଖବରରୁ ପ୍ରମାଣିତ। ନିକଟରେ ଭାରତରେ ଅନୁଷ୍ଠିତ ଏଆଇ ବିଶ୍ୱ ଶିଖର ସମ୍ମିଳନୀରେ ଆମ ଦେଶର ଗୋଲଗୋଟିଆ ବିଶ୍ୱବିଦ୍ୟାଳୟ ଚୀନ୍ ନିର୍ମିତ ଏକ ରୋବୋଟ୍ ପ୍ରଦର୍ଶନ କରି ଲୋକହସା ହୋଇଥିଲା। ଶିକ୍ଷା ଓ ତାଲିମ୍‌କୁ ଅଣଦେଖା କଲେ ଏଭଳି ହଟହଟା ଓ ଲଜ୍ଜିତ ହେବାକୁ ପଡ଼େ, ତାହା ସରକାର ବୋଧହୁଏ ବୁଝିବା ସ୍ଥିତିରେ ନାହାନ୍ତି। ଅପରପକ୍ଷରେ ଆମଠାରୁ ଦୁଇବର୍ଷ ବିଳମ୍ବରେ ସ୍ୱାଧୀନତା ପାଇଥିବା ଚୀନ୍ ଆଜି ଅର୍ଥନୀତି, କାରିଗରୀ କୌଶଳରେ ଆମଠାରୁ କାହିଁ କେତେ ଆଗରେ। ଏହାର ମୂଳ ଭିତ୍ତି ଥିଲା ଶିକ୍ଷା। ପ୍ରଥମରୁ ହିଁ ଚୀନ୍ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ସରକାରୀ ପୁଞ୍ଜି ନିବେଶ କରି ପ୍ରାଥମିକ ଓ ବୈଷୟିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବାର ଯୋଜନା କରିଥିଲା। ଏହାର ସୁଫଳ ଏବେ ବିଶ୍ୱବାସୀ ଦେଖୁଛନ୍ତି।

ଭାରତରେ ଶିକ୍ଷା ବ୍ୟବସ୍ଥା ପ୍ରତି ଉଦାସୀନତାର ପରାଭବ ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ସରକାର ଏବେ ଭୋଗୁଛନ୍ତି। ଜେନ୍‌ଜେଡ୍‌ଙ୍କ ମନରେ ଥିବା ସୁପ୍ତ ଆକ୍ରୋଶ ଏବେ ବ୍ୟାପକ ବିକ୍ଷୋଭର ରୂପ ନେଇ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏବେ ମଧ୍ୟ ସମୟ ଅଛି। ସରକାର ଯଥାଶୀଘ୍ର ନିଜର ତ୍ରୁଟି ସୁଧାରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣନ୍ତୁ। ପ୍ରଶ୍ନ ପତ୍ର ପ୍ରଘଟ ମହାପାପ ଏବଂ ପାପୀଙ୍କୁ ଦଣ୍ଡ ମିଳିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଶିକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ମଧ୍ୟ ଆହୁରି ଜଘନ୍ୟ ପାପ ପଦବାଚ୍ୟ। ଏଥିପାଇଁ ଉତ୍ତରଦାୟୀମାନଙ୍କୁ ଦଣ୍ଡିତ କରାଯିବ ତ? ଏହି ପ୍ରଶ୍ନ ଏବେ ଦେଶର ସମ୍ବେଦନଶୀଳନ ଜନତା ପଚାରୁଛନ୍ତି। ତଦନ୍ତର ପରିସରକୁ କେବଳ ରୂପାୟନ କ୍ଷେତ୍ରରେ ସୀମିତ ନ କରି ଯୋଜନା ସ୍ତରକୁ ମଧ୍ୟ ପ୍ରସାରିତ କରିବାକୁ ପଡ଼ିବ ଏବଂ କ୍ଷୟକ୍ଷତିକୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସମ୍ପତ୍ତିରୁ ଭରଣା କରିବାକୁ ସରକାର ନିର୍ଦ୍ଦେଶ ଦେବାକୁ ହେବ। ସର୍ବୋପରି ଶିକ୍ଷା ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳ ହୋଇ ଅଧିକ ବ୍ୟୟ ବରାଦ ନ କଲେ ଆଉ ମାତ୍ର ଅଳ୍ପ କିଛି ବର୍ଷ ପରେ ବାଂଲାଦେଶ ଓ ପାକିସ୍ତାନର ଚିତ୍ର ଭାରତରେ ମଧ୍ୟ ଦେଖିବାକୁ ମିଳିବ।

## ଗଣତନ୍ତ୍ର: ଏକ ଦୃଷ୍ଟିପାତ

ରତ୍ନାକର ସେଠୀ

ଅନେକ ଲୋକ କହନ୍ତି ଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଗଣତନ୍ତ୍ର ଶାସନରେ ଲୋକମାନେ ନିଜକୁ ନିଜେ ଶାସନ କରିଥା'ନ୍ତି। ଅର୍ଥାତ୍ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ତେଣୁ ଗଣତନ୍ତ୍ର ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଂଗେ ସଂଗେ ସମଷ୍ଟିଗତ ପ୍ରଗତି ହିଁ ଏହି ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଇଥାଏ।

ବର୍ତ୍ତମାନ କିନ୍ତୁ ଗଣତନ୍ତ୍ର ଶାସନ ଏକ ସଂଖ୍ୟାର ଖେଳ। ଯେଉଁ ଦଳ ବା ମେଣ୍ଟକୁ କୁହୁକ ସଂଖ୍ୟା ସ୍ପର୍ଶ କରେ ସେ ସରକାର ଗଠନ କରେ। ଗଣତନ୍ତ୍ର ମୁଣ୍ଡଗଣତି କରେ, କିନ୍ତୁ ମୁଣ୍ଡର ମସଲାକୁ ବିଚାର କରେ ନାହିଁ। ଏହି ଶାସନରେ ଅଶିକ୍ଷିତ, ଅଜ୍ଞ, ଅଯୋଗ୍ୟ ଲୋକମାନେ ମଧ୍ୟ ଦକ୍ଷ, ବିଜ୍ଞ ଓ ବିଚାରବନ୍ତ ଲୋକମାନଙ୍କ ସହ ସମାନ ବୋଲି ଗଣ୍ୟ ହୁଅନ୍ତି। ଲୋକମାନଙ୍କୁ ଗଣତନ୍ତ୍ର ଏହିପରି ଆଖିଠାର ମାରି ପ୍ରଶ୍ନବାଚୀ ସୃଷ୍ଟି କରେ। ଆମ ଦେଶରେ ଜନସାଧାରଣଙ୍କ ଅଭିଜ୍ଞତାରୁ ଜଣାଯାଏ ଗଣତନ୍ତ୍ର ଶାସନ କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ-ଅଛୁଆଁ ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ ଲଙ୍କାରେ ହରି ଶବ୍ଦ ପରି। ପୁଞ୍ଜିପତିର ବିଶାଳ ପ୍ରସାଦ ଓ ଭିକାରିର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ। ଆଉ ମଧ୍ୟ ସମଷ୍ଟିଗତ ପ୍ରଗତି ଆକାଶ କଇଁଆ ପରି କପୋଳକଳ୍ପିତ। ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଗଣତନ୍ତ୍ର ବୋଲି ଯାହା ଘୋଷଣା କରାଯାଏ ତାହା ବୋଧହୁଏ ସତ୍ୟ ନୁହେଁ।

ଗଣ ଦ୍ୱାରା ଶାସନ ଅର୍ଥ ନୁହେଁ ଜନତା ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନ କର୍ତ୍ତା ହେବେ ଏବଂ ନିଜେ ନିଜକୁ ଶାସନ କରି ବସିବେ। ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ। ଗଣତନ୍ତ୍ର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବା ହିଁ ସ୍ୱାଭାବିକ। ଶାସନ କର୍ତ୍ତା ସିଧାସଳଖ ଜନତାର ପ୍ରତିନିଧ ହୋଇଥା'ନ୍ତି। ଲୋକ ପ୍ରତିନିଧିଙ୍କୁ ସେମାନେ ନିଜେ ବାଛନ୍ତି। ତାଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରିଥା'ନ୍ତି। ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶରେ ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ, ଦକ୍ଷତା ଆଦି ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ବ୍ୟକ୍ତିଙ୍କୁ ହିଁ ପ୍ରତିନିଧି ରୂପେ ବାଛି ନେଇଥା'ନ୍ତି। ଯେଉଁ ଦେଶରେ ଜନତା ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ପ୍ରଚାର ବ୍ୟବସ୍ଥା ବିଶେଷ ଭାବରେ କାର୍ଯ୍ୟ କରିଥାଏ। ଏପରି ଦେଶମାନଙ୍କରେ ଶାସନ କ୍ଷମତା ପାଇବା ଆଶାରେ ଜନତାର ପ୍ରତିନିଧି ହେବାକୁ ବିରାଡ଼ି ବୈଷ୍ଣବ ପରି ବାହାରି ପଡ଼ିଥା'ନ୍ତି। ନିଜେ ନିଜର ପେଁକାଳି ବଜାଇ ସଭା ସମିତିରେ ଛାତିପଟି ବାହୁସ୍ଫୋଟ ଓ ଧୂଆଁବାଣ ଛାଡ଼ି ଉଡ଼ାଟିଆ ଲୋକଙ୍କ ସାହାଯ୍ୟରେ ତୁମ୍ବ ବାଡ଼େଇ ଥା'ନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ କୁତ୍ସାରଟନା କରିଥା'ନ୍ତି। ଲୋକଙ୍କୁ ଭୟ ଦେଖାଇ ପ୍ରଚାର ବେଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରିଥା'ନ୍ତି। ଯେଉଁଠାରେ ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ନାହିଁ, ସେଠାରେ ପ୍ରଚାର ବ୍ୟବସ୍ଥା ହିଁ ଜୟ ହୋଇଥାଏ।




ରାଜନୈତିକ ଲୋକମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା। ତେଣୁ ଦଳୀୟ କନ୍ଦଳ, ରାଜନୈତିକ ହିଂସା, ପ୍ରତିହିଂସା, ହତ୍ୟା, ନିରୀହ ଲୋକଙ୍କୁ ଭୟ ପ୍ରଦର୍ଶନ ଇତ୍ୟାଦି ଦୈନନ୍ଦିନ ବ୍ୟାପାରରେ ପରିଗଣିତ ହୋଇଛି। ପ୍ରତିଦିନ ନୂତନ ନୂତନ ଦଳ ଗଠିତ ହେଉଛି। ତା' ଫଳରେ ଶାସନ କ୍ଷେତ୍ରରେ ସଂକଟ ସୃଷ୍ଟି ହେଉଛି। ବ୍ରିଟିଶ ଶାସନ କାଳରେ ଜାତୀୟ ସଂହତି ସ୍ୱାଧୀନତାର ପରବର୍ତ୍ତୀ କାଳରେ ଚୂର୍ଣ୍ଣଭୂତ ହୋଇଯାଇଛି। କେବଳ ରାଜନୈତିକ ସ୍ୱାର୍ଥ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦିନକୁ ଦିନ ସଂପ୍ରସାରିତ କରାଯାଉଛି। ଭୋଟ ଲୋଭରେ ବିଭିନ୍ନ ଜାତିର ମୌଳିବାଦୀମାନଙ୍କୁ ଉତ୍ସାହିତ କରାଯାଉଛି। କେତେକ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ଜାତୀୟତା ବିରୋଧ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଆଇନ ଅନୁସାରେ ଦୋଷୀମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରୁନାହିଁ। ଏହାଫଳରେ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସବୁଠାରୁ ଦୁଃଖର କଥା ରାଜନୈତିକ ଲୋକ ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କୁ ସାଥୀ କରି ଭୋଟରେ ଜୟଯୁକ୍ତ ହେବାକୁ ଚେଷ୍ଟା କରୁଛନ୍ତି। ରାଜନୀତି ଜୀବନରେ ସାଧୁତା, ଚରିତ୍ରବତ୍ତା ଓ ମୂଲ୍ୟବୋଧ ନରହିବାରୁ ସମଗ୍ର ସାମାଜିକ ଜୀବନ ଭ୍ରଷ୍ଟ ହୋଇଯାଇଛି। ବାହୁବଳ ଦେଖାଇ ବହୁ ଅପରାଧୀ ପ୍ରତିନିଧି ଭାବେ ନିର୍ବାଚିତ ହୋଇ ଯାଇଛନ୍ତି।

ଭାରତରେ ରାଜନୈତିକ ଘଟଣାବଳୀର ସମୀକ୍ଷା କଲେ ଏକ ବିକଳ ଚିତ୍ର ଦେଖିବାକୁ ମିଳିଥାଏ। କ୍ଷମତାସୀନ ନେତୃବୃନ୍ଦ କୋଟି କୋଟି ଟଙ୍କାର ଦୁର୍ନୀତିରେ ଲିପ୍ତ ରହିବା, ସେମାନଙ୍କୁ ଦଣ୍ଡ ଦିଆଯାଇ ନପାରିବା, ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୁକ୍ତ ହେଲେ ମଧ୍ୟ ନୈତିକ ଦୃଷ୍ଟିରୁ ପଦତ୍ୟାଗ ନକରି ବାହୁବଳରେ କ୍ଷମତାକୁ ଜାବୁଡ଼ି ଧରିବା, ଗିରଫ ବେଳେ ମଧ୍ୟ ଜେଲଖାନାରେ ଥାଇ ରାଜ୍ୟଶାସନ କରିବା ଆସ୍ପର୍ଦ୍ଧା ପ୍ରକାଶ କରିବା ସାଧୁ ଲୋକପ୍ରତିନିଧିଙ୍କଠାରୁ ଆଶା କରାଯାଏ ନାହିଁ। ଆଧୁନିକ ଗଣତନ୍ତ୍ର ରାଷ୍ଟ୍ରରେ ଗଣତନ୍ତ୍ରଙ୍କ ଶାସନ ବଦଳି ନାହିଁ। କେବଳ ପ୍ରତିନିଧିମାନେ ବଦଳି ଯାଇଛନ୍ତି। ଭୋଟ ନ ପାଇବା ପୂର୍ବରୁ ସେମାନେ ବଡ଼ ବଡ଼ ପ୍ରତିଶ୍ରୁତି ପ୍ରଦାନ କରିଥା'ନ୍ତି। ଭୋଟ ସରିଗଲା ପରେ ତାଙ୍କର ପ୍ରତିଶ୍ରୁତି ପାଣିଫୋଟକା ପରି ଫାଟି ଯାଇଥାଏ। କ୍ଷମତା ହାତରେ ପଡ଼ିଗଲେ ସେମାନେ କ୍ଷମତାର ଉପଯୁକ୍ତ ବ୍ୟବହାର କରି ନଥା'ନ୍ତି। ଯେଉଁଠି ଶିକ୍ଷିତ ଭୋଟ ଦାତାମାନେ ଉଦାସୀନ ସେଇଠି ଅନେକ କ୍ଷେତ୍ରରେ ଲୋକପ୍ରତିନିଧିଙ୍କର ଜୟ ହୋଇଥାଏ। ପ୍ରତିନିଧି ଯେତେବେଳେ ନିଜ ହାତରେ କ୍ଷମତା ପାଇଥା'ନ୍ତି, ସେତେବେଳେ ସେମାନେ ସ୍ୱର୍ଗକୁ ଟାଳି ଦେଇଥା'ନ୍ତି। ଗରିବ ଦେଶର ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିଲା ବେଳେ କେତେବେଳେ ଉଦରସ୍ଥ କରନ୍ତି ତ ପୁଣି କେତେବେଳେ ପକେଟସ୍ଥ କରିଥା'ନ୍ତି। ମାଙ୍କଡ଼ ଓ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ନ୍ୟାୟରେ ତରାଜୁର ଦିପାଖ ଓଜନ ସମାନ କରୁ କରୁ ଗୋଟିଏ ପଟୁ ପଳାଏ ଉଦରସ୍ଥ କରନ୍ତି ତ ସେମାନଙ୍କ ମଧ୍ୟରୁ କେତେଜ ମାଙ୍କଡ଼ ଚିତ୍ ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରିଥା'ନ୍ତି।

ଯଥା ସମୟରେ ରାଜନୀତି ଖେଳ ଭାଙ୍ଗି ଯାଇଥାଏ। ପୁଣି ନୂତନ ଅଭିନୟ ଓ ନୂତନ ଖେଳ ଆରମ୍ଭ ହୋଇଥାଏ। ସେଥିରେ କେବଳ ସମୟର ବ୍ୟବଧାନ ଫରକ ରହିଥାଏ। ସେହି ଜନତା, ସେହି ପ୍ରତିନିଧି ସେହି ଖେଳ ଚାଲିଥାଏ। ଗଧିଆ ମେଣ୍ଢାର ପୋଷାକରେ ମେଣ୍ଢାଙ୍କ ଗହଣରେ ମେଣ୍ଢାଶାଳ ଭିତରେ ପଶି ଗୋଟିକ ପରେ ଗୋଟିଏ ମେଣ୍ଢା ଖାଇବାକୁ ଆରମ୍ଭ କରି ଦେଇଥାଏ। ଗଣତନ୍ତ୍ର ଶାସନରେ ସେପରି ହେବା ଉଚିତ ନୁହେଁ। ଯେପର୍ଯ୍ୟନ୍ତ ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବ ସେପର୍ଯ୍ୟନ୍ତ ଗଣତତନ୍ତ୍ରର ସଫଳତା ବିଡ଼ମ୍ବନା ମାତ୍ର।

ଅଧ୍ୟାପକ (ବି.ଆର. ବିଜ୍ଞାନ ମହାବିଦ୍ୟାଳୟ)
ହାଟସାହି (କେନ୍ଦ୍ରାପଡ଼ା), ମୋ: ୯୦୯୦୧୫୩୦୭୬

## ଜୀବନ ପାଇଁ କଳା

ପ୍ରଶାନ୍ତ ମିଶ୍ର

ଫ୍ରାନ୍ସର ଦାର୍ଶନିକ ଭିକ୍ଟର କୁଜନ୍ ଊନବିଂଶ ଶତାବ୍ଦୀରେ ପ୍ରଥମେ 'କଳା ପାଇଁ କଳା' ବାକ୍ୟାଂଶଟିକୁ ବ୍ୟବହାର କରିଥିଲେ। ସେ ସମୟର ଅନ୍ୟ ସୌନ୍ଦର୍ଯ୍ୟବାଦୀଙ୍କ ଭଳି କୁଜନଙ୍କର ବି ବିଶ୍ୱାସ ଥିଲା ଯେ କଳା ଚିରକାଳ ସ୍ୱାଧୀନ। ଔଚିତ୍ୟ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଉଦ୍ଦେଶ୍ୟ ସାଧନ କି ବାର୍ତ୍ତା ପ୍ରଦାନ କଳାର କାର୍ଯ୍ୟ ନୁହେଁ। ତେବେ ଥିଓଫିଲ ଗୌଟିୟରଙ୍କ ଦ୍ୱାରା 'କଳା ପାଇଁ କଳା' ବାକ୍ୟାଂଶଟି ଏକ ସ୍ଲୋଗାନରେ ପରିଣତ ହୋଇଥିଲା। ବହୁ କବି ଲେଖକ କେବଳ ଶୈଳୀସର୍ବସ୍ୱ, ସୌନ୍ଦର୍ଯ୍ୟପ୍ରଧାନ ରଚନାରେ ମନୋନିବେଶ କରିଥିଲେ ଏହାର ପ୍ରଭାବରେ। ସେମାନଙ୍କର ଯୁକ୍ତି ଥିଲା - ଯାହା ସୁନ୍ଦର ତାହା ପ୍ରୟୋଜନୀୟ କି ବ୍ୟବହାର ଉପଯୋଗୀ ନୁହେଁ। ସବୁ ବ୍ୟବହାର ଉପଯୋଗୀ ପ୍ରୟୋଜନୀୟ ଜିନିଷ ଅସୁନ୍ଦର। କାରଣ ସେହି ଜିନିଷମାନଙ୍କ ସହ ମଣିଷର ଆକାଂକ୍ଷା, ଅଭିଳାଷ ଓ ସ୍ୱାର୍ଥପରତା ଜଡ଼ିତ। ବାସ୍ତବରେ ସୁନ୍ଦର ଜିନିଷର ଅସ୍ତିତ୍ୱ ହିଁ ମୂଲ୍ୟବାନ। ତାହା କୌଣସି ବାହ୍ୟିକ ଅନୁମୋଦନର ଅପେକ୍ଷା ରଖେନାହିଁ। ଆମେ ଏଭଳି ଚିନ୍ତାଧାରାର ସମର୍ଥକ ଭାବେ ଫ୍ରାନ୍ସର ପ୍ରତୀକବାଦୀ କବି ଶାର୍ଲ ବୋଦଲେୟାର, ଷ୍ଟେଫାନ ମାଲାର୍ମେ, ପଲ୍ ଭାରଲେନ୍, ଆର୍ଥର ର୍ୟାଂବୋ ପ୍ରମୁଖଙ୍କୁ ନେଇପାରିବା। ଓସ୍କାର ୱାଇଲ୍ଡ ବି 'କଳା ପାଇଁ କଳା' ମତବାଦର ଜଣେ ଦୃଢ଼ ସମର୍ଥକ ଥିଲେ।

ଏକଦା ବନ୍ଧୁ ବେର୍ଣ୍ଣଲ୍ କ୍ଲେଗଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ - କଳା ଏକ ଅଦରକାରୀ ଜିନିଷ। ଏହାର ଲକ୍ଷ୍ୟ କେବଳ ସାମୟିକ ମିଜାଜ(ମୁଡ୍) ସୃଷ୍ଟି କରିବା। ନିର୍ଦ୍ଦେଶ ଦେବା କି କୌଣସି କାର୍ଯ୍ୟକୁ ପ୍ରଭାବିତ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ନିଜର ଆନନ୍ଦ ପାଇଁ ଫୁଲ ଫୁଟିଥାଏ। ତାକୁ ଦେଖି ଆନନ୍ଦର ଏକ ମୁହୂର୍ତ୍ତକୁ ଆମେ ଉପଭୋଗ କରିଥାଉ। ଏଇଠି ପ୍ରଶ୍ନ ଉଠେ - କଳା ଯଦି ଅଦରକାରୀ, ଫୁଲ ଭଳି ନିଜର ଆନନ୍ଦ ପାଇଁ ହିଁ ଫୁଟେ, ତେବେ ତା'କୁ ଫୁଟାଇବାର ଆବଶ୍ୟକତା କ'ଣ? ସୌନ୍ଦର୍ଯ୍ୟବାଦୀମାନେ ଏତେ ଲେଖାଲେଖି କରୁଥିଲେ କାହିଁକି? ଲେଖିବା ପଛରେ ନିଶ୍ଚୟ ସେମାନଙ୍କର କିଛି ଅଭିପ୍ରାୟ ଥିଲା। ଉଭୟ ଶାରୀରିକ ଓ ମାନସିକ ଶ୍ରମ ବି ସେମାନେ ସ୍ୱୀକାର କରିଥିଲେ ଲେଖିବା ପାଇଁ। ପୃଷ୍ଠଭୂମିରେ ସେମାନଙ୍କର ତତ୍କାଳୀନ ସମାଜ ମଧ୍ୟ ରହିଥିଲା। କୌଣସି ଶୂନ୍ୟସ୍ଥାନରେ ସେମାନେ ନିଜ ନିଜର ରଚନାକୁ ରୂପରେଖ ଦେଇ ନଥିଲେ। ତେଣୁ ମନେହୁଏ 'କଳା ପାଇଁ କଳା' ଏକ ଉଦ୍ଭଟ ବିଚାର; ସମାଜ-ନିରପେକ୍ଷ, ଉଦ୍ଦେଶ୍ୟମୁକ୍ତ କଳାସୃଷ୍ଟି ସମ୍ଭବ ନୁହେଁ।

କଳା ପାଇଁ କଳା ସୃଷ୍ଟିର ଉଦ୍ୟମ ବି କୌଣସି ନା କୌଣସି ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଥାଏ। ସ୍ଥଳବିଶେଷରେ ଏକ ରାଜନୈତିକ କାର୍ଯ୍ୟ ବି। ରାମାୟଣ, ମହାଭାରତ, ଇଲିଆଡ୍, ଓଡ଼ିଶୀ ଭଳି ବିଶ୍ୱବିଖ୍ୟାତ ମହାକାବ୍ୟ ସବୁ ରାଜନୀତି-ଆଧାରିତ। ଓସ୍କାର ୱାଇଲ୍ଡ କଳା 'ଅଦରକାରୀ'(ୟୁଜଲେସ୍) ବୋଲି ମତ ରଖିଥିଲେ ବି ନୀତି ନୈତିକତାକୁ ନେଇ ନିଜ ସୃଷ୍ଟି ଜରିଆରେ ସେ ଅନେକ କଥା କହିଛନ୍ତି। ତାଙ୍କ କଳା ପାଇଁ କଳା ସୃଷ୍ଟିର ଉଦ୍ୟମକୁ ପିଠି କରି କଳା ଜୀବନ ସହିତ ଯୋଡ଼ି ହୋଇଯାଇଛି। ଜୀବନ ପାଇଁ ହିଁ କଳାର ସୃଷ୍ଟି। ସାହିତ୍ୟ ଏକ କଳା ଭାବେ କେବଳ ସୌନ୍ଦର୍ଯ୍ୟ ଉପଭୋଗ କି ମନୋରଞ୍ଜନ ସକାଶେ ଉଦ୍ଦିଷ୍ଟ ନୁହେଁ। ଏହା ମଣିଷ ଓ ତା' ସମାଜର ହିତ ସହ ସମ୍ପୃକ୍ତ। ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରିବା ସହିତ ସାହିତ୍ୟ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱର ଉତ୍ତୋଳନ କରିଥାଏ ଏବଂ ଆବଶ୍ୟକ ସ୍ଥଳେ କ୍ରାନ୍ତିର କଥା କହିଥାଏ।

ମାକ୍ସିମ୍ ଗର୍କିଙ୍କ ମା' ସମାଜବାଦୀ ବାସ୍ତବତାର ଭିତ୍ତିସ୍ଥାପନକାରୀ ଏକ ଉପନ୍ୟାସ। ଏହା ଜଣେ ଶ୍ରମଜୀବୀ ମହିଳାଙ୍କ କଥା କହେ, ଯିଏ ନିଜ ସନ୍ତାନର ବୈପ୍ଳବିକ କାର୍ଯ୍ୟକଳାପ ଓ ସଂଘର୍ଷ ଦ୍ୱାରା ଅନୁପ୍ରାଣିତ ହୋଇ ନିଜେ ବିପ୍ଳବରେ ସହାୟତା କରିବାକୁ ଆଗେଇ ଆସିଥିଲେ। ଜନସାଧାରଣଙ୍କ ଭିତରେ କ୍ରାନ୍ତି - ଅନୁକୂଳ ରାଜନୈତିକ ଚେତନା ଜାଗ୍ରତ କରିବା ଉକ୍ତ ଉପନ୍ୟାସର ଉଦ୍ଦେଶ୍ୟ ଥିଲା। ନିକୋଲାଇ ଅସ୍ତ୍ରୋଭସ୍କିଙ୍କ 'ହାଉ ଦ ଷ୍ଟିଲ୍ ୱାଜ୍ ଟେମ୍ପେର୍ଡ' ଏକ ଆତ୍ମଜୀବନୀମୂଳକ ରଚନା। ଜଣେ ଗରିବ ଯୁବକ ପାଭେଲ୍ ଏହାର ମୁଖ୍ୟ ଚରିତ୍ର। ବଲସେଭିକ୍ ବିପ୍ଳବରେ ଭାଗ ନେଇ ସେ ଉଦାହରଣ ସୃଷ୍ଟି କରିଥିଲା। କ୍ରାନ୍ତି ପାଇଁ ଉତ୍ସର୍ଗୀକୃତ ଜୀବନ ହିଁ ଅର୍ଥପୂର୍ଣ୍ଣ - ସମ୍ଭବତଃ ଏହି ବିଶ୍ୱାସକୁ ଜନସାଧାରଣଙ୍କ ଭିତରେ ଉଜାଗର କରିବା ପାଇଁ ଅସ୍ତ୍ରୋଭସ୍କି ଉପନ୍ୟାସଟି ଲେଖିଥିଲେ। ରୁଷୀୟ କ୍ରାନ୍ତିର କବି ବିଖ୍ୟାତ 'କ୍ଲାଉଡ୍ ଇନ୍ ଟ୍ରାଉଜର୍ସ' କବିତାର ରଚୟିତା ମାୟକୋଭସ୍କି, ଚୀନ୍ ସାହିତ୍ୟରେ ଆଧୁନିକତାର ଭଗୀରଥ ତଥା 'ଡାଏରୀ ଅଫ୍ ଏ ମ୍ୟାଡମ୍ୟାନ୍'ର ଲେଖକ ଲୁ ସୁନ୍, ଏପିକ୍ ଥିଏଟରର ସୃଷ୍ଟିକର୍ତ୍ତା କବି ଓ ନାଟ୍ୟକାର ବର୍ତ୍ତୋଲ ବ୍ରେଖ୍, ଇଂରେଜ ନାଟ୍ୟକାର ବର୍ଣ୍ଣାଡ଼ ଶ', ଚିଲ୍ଲିର ଗଣକବି ପାବ୍ଲୋ ନେରୁଦା ପ୍ରଭୃତିଙ୍କୁ ବି ଜୀବନ ପାଇଁ କଳାସୃଷ୍ଟିର ପକ୍ଷଧର ଭାବେ ଅକୁଣ୍ଠ ଗ୍ରହଣ କରା ଯାଇପାରେ।

ଆମ ଓଡ଼ିଆ ସାହିତ୍ୟରେ ବି ଜୀବନ ପାଇଁ କଳାସୃଷ୍ଟିର ବହୁ ଉଜ୍ଜ୍ୱଳ ଉଦାହରଣ ରହିଛି। ନିଜ ଜୀବନକୁ ନର୍କରେ ଫିଙ୍ଗି ଜଗତ ଉଦ୍ଧାରର କାମନା କରିଥିବା କବି ଭୀମ ଭୋଇ ସମ୍ଭବତଃ ଏହାର ଶ୍ରେଷ୍ଠତମ ଉଦାହରଣ। ପରବର୍ତ୍ତୀ ସମୟରେ ଫକୀର ମୋହନ ସେନାପତି, ଭଗବତୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଗୋଦାବରୀଶ ମହାପାତ୍ର, ଅନନ୍ତ ପଟ୍ଟନାୟକ, ରଘୁନାଥ ଦାସ, ମନମୋହନ ମିଶ୍ର, ରବି ସିଂ, ବ୍ରଜନାଥ ରଥଙ୍କ ସମେତ ଅନ୍ୟ ଅନେକ କବି ଓ ଲେଖକ ଏହି ଧାରାକୁ ଆଗେଇ ନେଇଛନ୍ତି। ସେମାନଙ୍କ ରଚନା ଓଡ଼ିଆ ସାହିତ୍ୟକୁ ଅଧିକ ଜନାଭିମୁଖୀ କରିଛି। 'କଳା ପାଇଁ କଳା' - ନାଇଜେରୀୟ ଲେଖକ ଚିନୁଆ ଆଚିବିଙ୍କ ଭାଷାରେ କହିଲେ - 'ଡିଓଡରାଇଜ୍ଡ ଡଗ୍ ସିଟ୍'। ଅନ୍ୟ ପକ୍ଷରେ 'ଜୀବନ ପାଇଁ କଳା' ବାର୍ତ୍ତାବାହୀ। ସେଥିପାଇଁ ବୋଧେ ଜେମ୍ସ ବାଲ୍‌ଡୱିନ୍ କହିଥିଲେ - ୱାନ୍ କାଣ୍ଟ ରାଇଟ୍ ଏ ଲାଇନ୍ ୱିଥ୍‌ଆଉଟ୍ ଏ ମେସେଜ୍।

କାଶୀନଗର (ଗଜପତି),
ମୋ: ୭୮୭୩୫୭୩୫୬୯

## ଶିଳାଭିଲେଖ ଓ ଶ୍ରୀଜଗନ୍ନାଥ

ପଣ୍ଡିତ ଦୈତ୍ୟାରି ମହାପାତ୍ର

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ସଂସ୍କୃତ ସାହିତ୍ୟ ଓ ଅଭିଲେଖରେ ଶ୍ରୀଜଗନ୍ନାଥ ଓ ତାଙ୍କ କ୍ଷେତ୍ର ସମ୍ପର୍କରେ ବହୁ ଐତିହାସିକ ତଥ୍ୟର ସନ୍ଧାନ ମିଳେ। ଅନଙ୍ଗଭୀମଦେବଙ୍କ ଲିଙ୍ଗରାଜ ମନ୍ଦିର ଶିଳାଲେଖ ଏ କ୍ଷେତ୍ରରେ ପ୍ରଥମ ବୋଲି କୁହାଯାଏ। ଅନଙ୍ଗଭୀମଦେବଙ୍କ ରାଜତ୍ୱର ୨୩ଅଙ୍କ ବା ୧୨୩୦ଖ୍ରୀଷ୍ଟାବ୍ଦରେ ରଚନା କରାଯାଇଥିବା ଉକ୍ତ ଶିଳାଲେଖରେ ଚତୁର ସାଗର ପର୍ଯ୍ୟନ୍ତାଧିପତି ଭାବରେ ସମ୍ମାନିତ ଅନଙ୍ଗଭୀମଦେବ ନିଜକୁ ଭଗବତ ପୁରୁଷୋତ୍ତମପୁତ୍ର ଓ ରାଜପୁତ୍ର ବା ରାଉତ ଭାବରେ ଘୋଷଣା କରିଛନ୍ତି ଏବଂ ରାଜତ୍ୱର ଶେଷଭାଗରେ ଶ୍ରୀଜଗନ୍ନାଥଙ୍କର ପରମ ସେବକ ଭାବେ ରାଜକାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କ ରାଜତ୍ୱର ୩୪ଅଙ୍କରେ (ଖ୍ରୀ୧୨୩୮) ଲିଙ୍ଗରାଜ ମନ୍ଦିରରେ ଖୋଦିତ ଅନ୍ୟ ଏକ ଶିଳାଲେଖରେ ସମଗ୍ର ଓଡ଼ିଶାକୁ 'ପୁରୁଷୋତ୍ତମ ସାମ୍ରାଜ୍ୟ' ଭାବରେ ଘୋଷଣା କରାଯାଇଛି। ଗଙ୍ଗବଂଶର ପ୍ରସିଦ୍ଧ ନରପତି (ଖ୍ରୀ୧୨୩୮-୧୨୬୪)ରେ କପିଳାସ ପର୍ବତ ଶିଖରରେ ଅବସ୍ଥିତ ଶିଖରେଶ୍ୱର ଶିବ ମନ୍ଦିର ଗାତ୍ରରେ ଖୋଦିତ ଅନ୍ୟ ଏକ ଅଭିଲେଖରେ ନିଜକୁ 'ଶ୍ରୀପୁରୁଷୋତ୍ତମ ପୁତ୍ରଃ' ଭାବେ ଅଭିହିତ କରିଥିଲେ।

ମଧ୍ୟପ୍ରଦେଶର ସାତନା ଜିଲ୍ଲାରେ ମୌହାର ଗ୍ରାମରୁ ଆବିଷ୍କୃତ ଦଶମ ଶତାବ୍ଦୀର ଏକ ତାମ୍ରଲେଖରେ ଉଡ୍ରଦେଶ (ଓଡ଼ିଶା) ଜଗନ୍ନାଥଙ୍କ କୀର୍ତ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ତାମ୍ରଲେଖର ପଞ୍ଚତ୍ରିଂଶ ଶ୍ଳୋକରେ କୁହାଯାଇଛି- 'ସମୁଦ୍ର ମଜ୍ଜନାନ୍ନୁନଂ ମୋଡ୍ରେଷୁ ପୁରୁଷୋତ୍ତମ, ଦୃଷ୍ଟ୍ୱା ତୁ କାନ୍ତି କେଭୂୟଃ ପୁରାଗଚ୍ଛତ୍ୟଂ ଶିଶୁ।' ଏହି ଶତାବ୍ଦୀରେ ଦଣ୍ଡୀ ମହାଦେବୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଦାନପଟାରେ ଗ୍ରହୀତା ଭଟ୍ଟପୁତ୍ର ପୁରୁଷୋତ୍ତମଙ୍କ ନାମ ରହିଥିବା ଜଣାଯାଏ - 'ଶ୍ରୀକେଦାରେ ପ୍ରୟାଗେ ଚ ପୁଷ୍କରେ ପୁରୁଷୋତ୍ତମେ, ଭୀମେଶ୍ୱରେ ନର୍ମଦାୟାଂ ଶ୍ରୀଗୋପାଳପୁରେ ତଥା।'

ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ମାଳବ ରାଜାଙ୍କର ଏକ ଶିଳାଲିପିରେ ଶ୍ରୀଜଗନ୍ନାଥ ଧାମର ନାମୋଲ୍ଲେଖ ରହିଛି। ସମ୍ଭବତଃ ଏହି ଶିଳାଲେଖ ଖ୍ରୀ୧୧୦୪ରେ ଲେଖାଯାଇ ଏଥିରେ ସମୁଦ୍ର ଓ ପୁରୁଷୋତ୍ତମ କ୍ଷେତ୍ରର ନାମ ଉଲ୍ଲେଖ ରହିଛି।



ଗଙ୍ଗବଂଶର ପ୍ରତିଷ୍ଠାତା ଓ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାତା ଚୋଳଗଙ୍ଗଦେବଙ୍କ ପ୍ରଦତ୍ତ ଅଭିଲେଖରେ ଶ୍ରୀଜଗନ୍ନାଥଙ୍କ ସ୍ତୁତି ବର୍ଣ୍ଣିତ ହୋଇଛି। ଚୋଳଗଙ୍ଗଦେବଙ୍କ ପୌତ୍ର ୨ୟ ରାଜରାଜ ଦେବଙ୍କ ଦାସଗୋବାତାମ୍ର ଶାସନରେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ସ୍ଥଳରେ ବର୍ଣ୍ଣନା କରାଯାଇଛି। ରାଜା କପିଳେନ୍ଦ୍ରଦେବଙ୍କ ଗୋପୀନାଥପୁର ଅଭିଲେଖାରେ ଶ୍ରୀଜଗନ୍ନାଥ ଧାମ ଓ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗରେ ଉଲ୍ଲେଖ ଅଛି। ଚନ୍ଦ୍ରାଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିର ଅଭିଲେଖରେ ଶ୍ରୀକୃଷ୍ଣ ରୂପୀ ଶ୍ରୀଜଗନ୍ନାଥଙ୍କୁ ସ୍ତୁତିଛଳରେ ନିମ୍ନମତେ ବର୍ଣ୍ଣନା କରାଯାଇଛି-

'ତିର୍ତ୍ତୀର୍ଥମଣ୍ଡନାଖ୍ୟସ୍ୟ ତୀରେ ନାନାବନୀଘନେ, ଶ୍ରୀକୃଷ୍ଣ ଶ୍ରୀବଳାବାସ ବାସିତେ ନନ୍ଦନାୟତେ।'

ଏତଦ୍‌ବ୍ୟତୀତ ରାଜରାଜ ୧ମଙ୍କ କାଳ ଡିଣ୍ଡିମ ତାମ୍ରପତ୍ର ନାଗପୁର ଶିଳାଲେଖ, ଗୋପାଳଦେବଙ୍କ ପୂଜାରିପାଲି ଅଭିଲେଖ, ମହ୍ଲାର ଶିଳାଲେଖ, ରତନପୁରରୁ ଆବିଷ୍କୃତ ପୃଥ୍ୱୀଦେବ ୨ୟଙ୍କ ଅଭିଲେଖ, ଜଲ୍ଲାଳ ୨ୟଙ୍କ ଶିଳାଲେଖ, ରତନଦେବ ୩ୟଙ୍କ ଖରୋଦଶିଳାଲେଖ, ପ୍ରତାପମଲ୍ଲଙ୍କର ପେଣ୍ଡ୍ରାବନ୍ଧ ତାମ୍ରଲେଖ ଗୁଡ଼ିକରେ ଶ୍ରୀଜଗନ୍ନାଥ କ୍ଷେତ୍ରର ବହୁଳ ବର୍ଣ୍ଣନା କରାଯାଇଛି।

ସଂସ୍କୃତ ଅଭିଲେଖ ପରି ବହୁ ଓଡ଼ିଆ ଅଭିଲେଖରେ ଶ୍ରୀଜଗନ୍ନାଥ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ଲୀଳା, ରୂପ, ଗୁଣ ସମ୍ପର୍କରେ ବହୁ ତଥ୍ୟର ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ଭାନୁଦେବ (ଖ୍ରୀ୧୩୦୮-ଖ୍ରୀ୧୩୨୭)ଙ୍କ ରାଜତ୍ୱର ୧୩ଶ ବର୍ଷରେ ଖୋଦିତ ଅଭିଲେଖ ହେଉଛି ସର୍ବପ୍ରଥମ ଓଡ଼ିଆ ଅଭିଲେଖ। ଏଥିରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀଦେବାଧିଦେବ ରୂପେ ଅଭିହିତ କରାଯାଇଛି। ରାଜା ୨ୟଭାନୁଦେବ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ଶାସକରାଜା ରୂପେ ଘୋଷଣା କରିଛନ୍ତି। ଗଜପତି କପିଳେଶ୍ୱର ଦେବ (ଖ୍ରୀ୧୪୩୫-୧୪୬୬) ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ ବୋଲି ତାଙ୍କ ଅଭିଲେଖରୁ ଜଣାଯାଏ। ଖ୍ରୀ୧୪୩୬ରେ ଶ୍ରୀଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରରେ ଖୋଦିତ ଶିଳାଲେଖରୁ ଜଣାଯାଏ ଯେ ତାଙ୍କ ରାଜତ୍ୱର ଚତୁର୍ଥ ଅଙ୍କରେ ଶ୍ରୀପୁରୁଷୋତ୍ତମ କଟକରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମୟରେ ମନ୍ଦିରର ବହୁ କର୍ମଚାରୀଙ୍କ ଉପସ୍ଥିତିରେ ସେ ଓଡ଼ିଶାରେ ଚଳି ଆସୁଥିବା ଲବଣକର ମୁକ୍ତ କଲେ ବୋଲି ଶପଥ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅନ୍ୟ କେହି ରାଜା ଏହି ନୀତିକୁ ଲଙ୍ଘନ କଲେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦ୍ରୋହୀ ହେବେ ବୋଲି ଘୋଷଣା କରିଥିଲେ। ଖ୍ରୀ୧୪୫୯ରେ ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ଅନ୍ୟ ଏକ ଶିଳାଲେଖ ମାଧ୍ୟମରେ କପିଳେନ୍ଦ୍ରଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଘୋଷଣାପତ୍ର ଖୋଦିତ ହୋଇଛି। ଖ୍ରୀ ୧୪୬୪ରେ ଜୟବିଜୟ ଦ୍ୱାରର ବାମ ପାର୍ଶ୍ୱରେ ଖୋଦିତ ଶିଳାଲେଖାରୁ ଜଣାଯାଏ କପିଳେନ୍ଦ୍ର ଦେବ ତାଙ୍କ ହୃଦୟର ଦାରୁଣ ଦୁଃଖ ଜଗନ୍ନାଥଙ୍କ ନିକଟରେ ଗୁହାରି କରିଛନ୍ତି।

ଶ୍ରୀପୁରୁଷୋତ୍ତମ ଦେବଙ୍କ ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରରେ ବାମ ପାର୍ଶ୍ୱରେ ଥିବା ଶିଳାଲେଖରୁ ଜଣାଯାଏ ସେ ମହାପ୍ରଭୁଙ୍କ ସେବକ ବ୍ରାହ୍ମଣମାନଙ୍କୁ ଯେଉଁ ଦାନ କରିଥିଲେ ତାହାକୁ ପୁଣି ଦୃଢ଼ ଭାବେ ଅନୁମୋଦନ କରାଇଥିଲେ। ଦାନ କରାଯାଇଥିବା ଭୂସମ୍ପତ୍ତିକୁ ଯେ ଚୋରି କରିବ ସେ ଜଗନ୍ନାଥଙ୍କ ନିକଟରେ ଅପରାଧୀ ହେବ ବୋଲି ଘୋଷଣା କରିଥିଲେ। ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖ୍ରୀ୧୪୬୭ରେ ଖୋଦିତ ଏକ ଶିଳାଲେଖରେ ଶ୍ରୀକ୍ଷେତ୍ରକୁ ପୁରୁଷୋତ୍ତମଦେବଙ୍କର ଶୁଭ ଆଗମନ ସକାଶେ ସେ ମଣି, ମୁକ୍ତା, ହୀରା, ନୀଳା, ପ୍ରଭୃତି ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଛନ୍ତି ବୋଲି ଜଣାଯାଏ। ପ୍ରତାପରୁଦ୍ର ଦେବଙ୍କ ଜୟବିଜୟ ଦ୍ୱାର ଶିଳାଲେଖରୁ ଜଗନ୍ନାଥଙ୍କ ପୂଜା ବେଳେ ଗୀତଗୋବିନ୍ଦ ନାଟ ପ୍ରସଙ୍ଗ ଘୋଷଣା କରାଯାଇଛି। ନାଟୁଣୀ ଗୀତଗୋବିନ୍ଦ ଛଡ଼ା ଅନ୍ୟ ଗୀତି ଶିଖିପାରିବେ ନାହିଁ, ଗାଇପାରିବେ ନାହିଁ ଅନ୍ୟ କୌଣସି ବିଷୟ ନାଟ ହୋଇପାରିବ ନାହିଁ ବୋଲି ସେଥିରେ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଗଜପତିମାନଙ୍କର ରାଜତ୍ୱ ବାସ୍ତବରେ ଜଗନ୍ନାଥଙ୍କର ରାଜତ୍ୱ ଥିଲା ବୋଲି ଓଡ଼ିଆ ଶିଳାଲେଖଗୁଡ଼ିକ ଅଦ୍ୟାପି ପ୍ରମାଣ ଯୋଗାଇଥା'ନ୍ତି।

ଭଦ୍ରକ, ମୋ: ୮୭୬୩୫୪୮୨୦୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମନଗଢ଼ା ମନ୍ତବ୍ୟ ଦେଇ ଫସିଗଲେ ବିଜେପି ସାଂସଦ

■ ଭର୍ତ୍ତୃହରିଙ୍କୁ କଟୁ ଭର୍ତ୍ସନା କଲେ ବିଜେଡିର ୫ ସାଂସଦ
■ ନବୀନଙ୍କ ପାଇଁ ଲୋଡ଼ାନାହିଁ ଭର୍ତ୍ତୃହରିଙ୍କ ସାର୍ଟିଫିକେଟ
■ ଛାତ୍ରଛାତ୍ରୀଙ୍କୁ ନିସ୍ତୁକ ମାଡ଼ ସମୟରେ ନିରବତାକୁ ନେଇ ପ୍ରଶ୍ନ
■ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କାହିଁକି ଚୁପ୍ ଥିଲେ ଭର୍ତ୍ତୃହରି

ଭୁବନେଶ୍ୱର,୨୨।୭(ସମିସ): ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଆକ୍ରମଣ ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିଟ୍ ବିଭ୍ରାଟକୁ ନେଇ ସାରା ଦେଶରେ ଅସନ୍ତୋଷ ଚରମ ରୂପ ଧାରଣ କରିଛି। ଏହି ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ଗତକାଲି ନୂଆଦିଲ୍ଲୀରେ ଦେଇଥିବା ମନ୍ତବ୍ୟ ଉପରେ ମନଗଢ଼ା ଟିପ୍ପଣୀ ଦେଇ ଫସିଯାଇଛନ୍ତି ବିଜେପି ସାଂସଦ ଭର୍ତ୍ତୃହରି ମହତାବ। ନବୀନଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାନ୍ତର, ଅରୁଚିକର, ଅଶୋଭନୀୟ ଓ ନିମ୍ନରୁଚିର ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ ଭର୍ତ୍ତୃହରିଙ୍କୁ ତାଙ୍କର ରାଜନୈତିକ ଜୀବନର ଇତିହାସ ସ୍ମରଣ କରାଇ ଦେଇଛନ୍ତି ।

ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ବିଜେଡି ଓ ଆମର ନେତା ନବୀନ ପଟ୍ଟନାୟକ 'କ୍ରକୋଚ' ଆନ୍ଦୋଳନକୁ ସମର୍ଥନ କରୁନାହାନ୍ତି। ମାତ୍ର ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ବର୍ବର ଆକ୍ରମଣ, ଲାଠିମାଡ଼, ରବର ବୁଲେଟ୍ ଓ ପାଣି ମାଡ଼ ଆଦି ଘଟଣାକୁ ନେଇ ଆମେ ଦୁଃଖ ପ୍ରକାଶ କରିଛୁ ଏବଂ ଆମର ନେତା ଏହାକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ଏହାକୁ ନେଇ ନବୀନ ପଟ୍ଟନାୟକ ଅତ୍ୟନ୍ତ ମର୍ମାହତ ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି । ମାତ୍ର ଭର୍ତ୍ତୃହରି ବାବୁ ସମ୍ଭବତଃ ନବୀନ ବାବୁଙ୍କ ବକ୍ତବ୍ୟକୁ ନ ଶୁଣି ଅନ୍ୟଦ୍ୱାରା ପ୍ରରୋଚିତ ହୋଇ ଏଭଳି ବକ୍ତବ୍ୟ ଦେଇଛନ୍ତି। ବିଜେପିରୁ ସାଂସଦ ହେବା ପୂର୍ବରୁ ଭର୍ତ୍ତୃହରିବାବୁଙ୍କୁ ନବୀନବାବୁଙ୍କ ୬ଥର ସାଂସଦ ପଠାଇଥିଲେ। ନବୀନ ବାବୁ ହିଂସାକୁ କେତେ ମାତ୍ରାରେ ନିନ୍ଦା ତଥା ବିରୋଧ କରନ୍ତି, ତାହା ଭର୍ତ୍ତୃହରି ବାବୁ ଭଲ ଭାବେ ଜାଣିଛନ୍ତି। ତେଣୁ ଭର୍ତ୍ତୃହରି ବାବୁଙ୍କ ମୁହଁରୁ ଏପରି କଥା ଶୋଭା ପାଏନାହିଁ। ବୋଧହୁଏ ସେ ବିଜେପିରୁ ଥିବାରୁ ଏପରି କହିଥାଇପାରନ୍ତି। ମାତ୍ର ୨୦ ତାରିଖରେ ଯେପରି ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ କରାଗଲା ସେ ସମ୍ପର୍କରେ ଭର୍ତ୍ତୃହରିବାବୁ କାହିଁକି ନିରବ ରହିଛନ୍ତି? ଗତ ୨ ବର୍ଷରେ ଓଡ଼ିଶାରେ ୨୦ଥରରୁ ଉର୍ଦ୍ଧ୍ୱ ପେପର ଲିକ୍ ଘଟଣାରେ ଭର୍ତ୍ତୃହରି କାହିଁକି ଚୁପ୍ ରହିଛନ୍ତି? ଓଡ଼ିଶାରେ ୧୭୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ସାମ୍ନାକୁ ଆସିଛି। ଏନେଇ ସେ କାହିଁକି ଚୁପ୍ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡ. ସଂତୃପ୍ତ ମିଶ୍ର କହିଛନ୍ତି ଯେ ଭର୍ତ୍ତୃହରି ମହତାବଙ୍କ ଅବାନ୍ତର, ଅନାବଶ୍ୟକ ଏବଂ ଅଶୋଭନୀୟ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ସେ ନବୀନ ବାବୁଙ୍କର ବକ୍ତବ୍ୟକୁ ଶୁଣିଥିଲେ ବା ପଢ଼ିଥିଲେ, ଏପରି କଥା କହି ନ ଥାନ୍ତେ। କଠିନ ପରିଶ୍ରମ କରି ଜୀବନରେ ସଫଳତା ପାଇଥିବା ଲୋକମାନେ ପରିଶ୍ରମର ମୂଲ୍ୟ କ'ଣ ତାହା ଜାଣନ୍ତି। ଏ କଥା ସେ ବୁଝି ପାରିବେ ନାହିଁ । ଯଦି ତାଙ୍କର ସତ୍‌ସାହସ ଅଛି, ତେବେ ସେ ଛାତ୍ରଛାତ୍ରୀଙ୍କ ସହ ଯାହା ସବୁ ଘଟିଛି ଓ ଘଟୁଛି; ସେ ସମ୍ପର୍କରେ କଟକରେ ଆସି ଓଡ଼ିଶାର ସ୍କୁଲ ଓ କଲେଜ ପିଲାଙ୍କ ନିକଟରେ ମନ୍ତବ୍ୟ ରଖନ୍ତୁ। ପ୍ରଶ୍ନପତ୍ର ଲିକ୍, ବାରମ୍ବାର ପରୀକ୍ଷା, ଲାଠି ଚାର୍ଜ ସବୁ ଠିକ୍ ବୋଲି କହନ୍ତୁ ବୋଲି ଡ଼. ମିଶ୍ର ଆହ୍ୱାନ ଦେଇଛନ୍ତି । ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଭର୍ତ୍ତୃହରିଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ। ନିଟ୍‌ରେ ଯେଉଁ ପ୍ରକାର ଭାବରେ ସ୍କାମ୍ ଘଟିଲା ଏବଂ ସେଥିପାଇଁ ଯେ ସ୍ୱତଃପ୍ରବୃତ୍ତ ଭାବରେ ଭାରତବର୍ଷ ସାରା ଛାତ୍ରଛାତ୍ରୀମାନଙ୍କର ହୃଦୟରେ ଆବେଗ ବଢ଼ିଲା ଏବଂ ପ୍ରତିବାଦ ବଢ଼ିଲା, ସେଇ ପ୍ରତିବାଦ ସହିତ ବିଜେଡି ଓ ନବୀନ ବାବୁ ଅଛନ୍ତି। ସେହିପରି ନବୀନ ବାବୁ ଓ ବିଜୁ ଜନତା ଦଳ ପ୍ରତ୍ୟେକଟି ହିଂସାକୁ ଖଣ୍ଡନ କରି ଆସିଛନ୍ତି। ଯଦି କୌଣସି ଜାଗାରେ ଛାତ୍ରଛାତ୍ରୀମାନେ ହିଂସା କରିଛନ୍ତି ତାହା ବି ଗ୍ରହଣୀୟ ନୁହେଁ। ସେଥିପାଇଁ ଆମର ନେତା ସ୍ୱର ଉତ୍ତୋଳନ କରିଥିଲେ। ନବୀନ ବାବୁଙ୍କ କାର୍ଯ୍ୟକାଳରେ ୩୨ରୁ ଅଧିକ ମନ୍ତ୍ରୀମାନଙ୍କୁ ରିଜାଇନ୍ କରିବାକୁ ପଡ଼ିଥିଲା ନହେଲେ ସେମାନଙ୍କୁ କାଢ଼ି ଦିଆଯାଇଥିଲା। ନବୀନ ବାବୁଙ୍କ ସରକାରରେ ଯେ ଭୁଲ କରିଛି, ତାର ମନ୍ତ୍ରୀ ପଦ ଯାଇଛି। ନବୀନ ବାବୁଙ୍କୁ ଓଡ଼ିଶାବାସୀ ଭଲ ପାଆନ୍ତି। ଆଜି ଆମେ ସରକାରରେ ଥାଉ ନଥାଉ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥାଆନ୍ତୁ ନଥାଆନ୍ତୁ କିନ୍ତୁ ଓଡ଼ିଶାବାସୀଙ୍କ ହୃଦୟରେ ଆଜିବି ସେ ତାଙ୍କର ମୁଖ୍ୟମନ୍ତ୍ରୀ ଅଛନ୍ତିବୋଲି ସସ୍ମିତ୍ କହିଛନ୍ତି ।

ସାଂସଦ ସୁଲତା ଦେଓ କହିଛନ୍ତି ଯେ ଯିଏ ଶିକ୍ଷାର ମୂଲ୍ୟ ବୁଝେ ନାହିଁ, ସେ ଶିକ୍ଷା ସମ୍ପର୍କରେ ଜାଣିବ କିପରି? ଯିଏ ଆଜି ଏତେ ବଡ଼ ବଡ଼ କଥା କହୁଛନ୍ତି, ସେ କାହିଁକି ଓଡ଼ିଶାରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ମାଳ ମାଳ ଭୁଲ ପ୍ରସଙ୍ଗରେ ଚୁପ୍ ରହିଛନ୍ତି। ପିଲାଙ୍କୁ ମାଡ଼ ହବ, କଣ୍ଟା ଲଗା ବାଡ଼ିରେ ପିଟା ହବ, ଆଉ ସାଧା ପୋଷାକରେ ପୋଷାକରେ ପୁଲିସ ପିଲାଙ୍କୁ ବାଡ଼େଇବେ ପିଲାଙ୍କୁ, ତାହେଲେ ତାଙ୍କୁ କେହି କିଛି କହିବେନି। ଆପଣଙ୍କର ମାନସିକତା କେମିତି ତାହା ଓଡ଼ିଶାର ସମସ୍ତ ଲୋକ ଜାଣିସାରିଲେଣି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି। ସାଂସଦ ସୁଭାଶିଷ ଖୁଣ୍ଟିଆ ମଧ୍ୟ ଭର୍ତ୍ତୃହରିଙ୍କ ବୟାନର କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁ ଏପରି ଏକ ନେତୃତ୍ୱ ଯେ ଓଡ଼ିଶାର ସ୍ୱାର୍ଥ ପାଇଁ, ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ, ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଏବଂ ଆଗାମୀ ଦିନରେ ଦେଶର ଭବିଷ୍ୟତଙ୍କ ସହିତ ଠିଆ ହୋଇଛନ୍ତି। ନବୀନ ବାବୁଙ୍କ ବ୍ୟକ୍ତିତ୍ୱକୁ ସାରା ଭାରତବର୍ଷ ଜାଣିଛି ଏବଂ ସର୍ବା ସଦାସର୍ବଦା ସେ ସବୁବେଳେ ନ୍ୟାୟର ସହିତ ରହିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଆପଣଙ୍କୁ ଉଚିତ ଜବାବ ଦେବେ। ଆପଣଙ୍କ ଏ କୁମ୍ଭୀର କାନ୍ଦଣା ଏବଂ ନବୀନ ବାବୁଙ୍କ ବିରୁଦ୍ଧରେ ମନ୍ତବ୍ୟକୁ ନେଇ ରାଜ୍ୟବାସୀ ଆପଣଙ୍କୁ କ୍ଷମା କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ ନବବଧୂଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା

## ସ୍ୱାମୀ, ଶାଶୂ ଓ ଶଶୁରଙ୍କୁ ଆଜୀବନ ଜେଲ୍

କଟକ,୨୨।୭(ସମିସ): ଯୌତୁକ ପାଇଁ ନବବଧୂଙ୍କୁ ନିର୍ଯାତନା ଓ ହତ୍ୟା ସଂକ୍ରାନ୍ତ ଏକ ମାମଲାରେ କଟକ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଅଭିଯୁକ୍ତ ସ୍ୱାମୀ ଅଲ୍ଲାରଖା ଖାନ୍, ଶଶୁର ଦିଲ୍ଲୀପ ଖାନ୍ ଏବଂ ଶାଶୂ ଜହର ବିବି ଓରଫ୍ ବେବିନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ଆଜୀବନ ଜେଲ ଓ ୫ ହଜାର ଟଙ୍କା ଲେଖାଁଏ ଜରିମାନାରେ ଦଣ୍ଡିତ କରିଛନ୍ତି ଅଦାଲତ। ଆଇପିସିର ଧାରା ୩୦୪ ବି/୩୪, ୪୯୮-ଏ, ଯୌତୁକ ନିରୋଧ ଆଇନର ଧାରା ୪ ଅଧୀନରେ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୨୦୧୫ ନଭେମ୍ବର ୮ ତାରିଖରେ ମୁସଲିମ୍ ରୀତିନୀତି ଅନୁଯାୟୀ ମସ୍ତାରୀ ବିବି (ମୁସ୍ତାରୀ ବିବି)ଙ୍କ ସହ ଅଲ୍ଲାରଖା ଖାନ୍‌ଙ୍କ ବିବାହ ହୋଇଥିଲା। କନ୍ୟା ପକ୍ଷ ପକ୍ଷରୁ ନଗଦ ୫୦ହଜାର ଟଙ୍କା, ସୁନା ଗହଣା ଏବଂ ଘରକରଣା ସାମଗ୍ରୀ ଦିଆଯାଇଥିବା ବେଳେ ବାକି ୧୦ହଜାର ଟଙ୍କା ପରେ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିବାହର କିଛି ଦିନ ପରେ ବାକି ୧୦ହଜାର ଟଙ୍କା ପାଇଁ ସ୍ୱାମୀ, ଶଶୁର ଓ ଶାଶୂ ମିଶି ମସ୍ତାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିବାହର ମାତ୍ର ତିନି ମାସ ପରେ, ୨୦୧୬ ଫେବୃଆରୀ ୧୧ ତାରିଖ ସକାଳେ ସୁତାହାଟସ୍ଥିତ ଶାଶୂଘରୁ ମସ୍ତାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ବେକରେ ଗଭୀର କ୍ଷତ ଚିହ୍ନ ରହିଥିଲା ଏବଂ ଅଭିଯୁକ୍ତ ପରିବାର ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ମୃତକଙ୍କ ମା'ଙ୍କ ଏତଲା ଆଧାରରେ ଲାଲବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ଅଦାଲତରେ ୧୯ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଅଦାଲତ ଆଜୀବନ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି।

## ଏସ୍‌ସି, ଏସ୍‌ଟି ମାମଲା ପାଇଁ ଖୋଲିବ ୬ ଟି ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର,୨୨।୭(ସମିସ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ଦ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି।

ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ। ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼ିକର ଦ୍ୱରିତ ନିଷ୍ପତ୍ତି ହୋଇପାରିବ। ପୁଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍‌ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି। ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି। ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି।

ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା

## କୁଶପୁତ୍ତଳିକା ଦାହ କଲା କଂଗ୍ରେସ

ଭୁବନେଶ୍ୱର,୨୨।୭(ସମିସ): ଶିକ୍ଷା ବ୍ୟବସ୍ଥାର ସଂସ୍କାର ଓ ପ୍ରଶ୍ନପତ୍ର ଲିକ ଘଟଣାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ବର୍ବରୋଚିତ ଲାଠିଚାର୍ଜ ଓ ରାହୁଲ ଗାନ୍ଧୀଙ୍କ ପ୍ରତି ପୁଲିସର ଦୁର୍ବ୍ୟବହାର ପ୍ରତିବାଦରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛି କଂଗ୍ରେସ। ଦଳ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଅତ୍ୟନ୍ତ ଅମାନୁଷିକ ବର୍ବରୋଚିତ ଲାଠି ଚାର୍ଜ କରିବା ଅତ୍ୟନ୍ତ ନିନ୍ଦନୀୟ, ଯନ୍ତ୍ରଣାଦାୟକ ଓ ହୃଦୟବିଦାରକ। ଛୋଟ ଛୋଟ ଝିଅମାନଙ୍କ ଡ୍ରେସକୁ ଚିରି ପକାଇବା ସହିତ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟିବା ଅତ୍ୟନ୍ତ ହୃଦୟ ବିଦାରକ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଉଭୟ ନିଜେ ସଂସଦରେ ଉପସ୍ଥିତ ଥିବା ସମୟରେ କାହା ଇଙ୍ଗିତରେ ଏହା ଘଟଣା ଘଟିଛି, ତାହା ସ୍ପଷ୍ଟ ହେବା ଆବଶ୍ୟକ। ନିଟ୍ ପ୍ରଶ୍ନପତ୍ର ଘଟଣାରେ ୨୨ ନିରୀହ ଛାତ୍ର ଆତ୍ମହତ୍ୟା କରିଛନ୍ତି ବୋଲି କଂଗ୍ରେସ କହିଛି । ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଆୟୋଜିତ ଏହି ପ୍ରତିବାଦ ସଭା ପରେ କଂଗ୍ରେସ ନେତୃବୃନ୍ଦମାନେ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ମାଡ଼ିଯାଉଥିଲା ବେଳେ ପୁଲିସ ବାଟରେ ରାସ୍ତା ଅବରୋଧ କରିଥିଲା। ଫଳରେ କଂଗ୍ରେସ ନେତାମାନେ ସେହିଠାରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ରାଜେଶ ନିଲଠିଆ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ଶିବାନନ୍ଦ ରାୟ, ଅନନ୍ତ ସେଠୀ, ପ୍ରକାଶ ଜେନାଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଡ଼କରୁ ସଂସଦ...

ଦଳର ସାଂସଦ କଳା ପୋଷାକ ପିନ୍ଧି ସଂସଦ ପରିସରରେ ପ୍ରତିବାଦ ଆନ୍ଦୋଳନ କରିଛନ୍ତି। କଂଗ୍ରେସ ସାଂସଦଙ୍କ ସହ ସମାଜବାଦୀ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି।

ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିଥିଲେ ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ସଂସଦ ଚଳାଇ ଦିଆଯିବ ନାହିଁ। ଏହାକୁ ନେଇ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଟ୍ଟଗୋଳ ଜାରି ରହିବାରୁ ସଂସଦକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଭୟ ସଦନରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ କେଉଁ ନିୟମ ଅନୁସାରେ ଆଲୋଚନା ହେବ, ସେନେଇ ବାଚସ୍ପତି ସର୍ବଦଳୀୟ ବୈଠକ ପରେ ନିଷ୍ପତ୍ତି ନେବେ। ଏପଟେ ବିଜେପି କଂଗ୍ରେସର ପ୍ରତିବାଦକୁ ସମାଲୋଚନା କରି ଅଭିଯୋଗ କରିଛି ଯେ, ଦଳ ଛାତ୍ରଛାତ୍ରୀଙ୍କୁ ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି।

### ମନାକଲେ ସୁପ୍ରିମକୋର୍ଟ...

ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବେଞ୍ଚରେ ଆଜି ଆବେଦନକାରୀ ଏହି ମାମଲା ଉଠାଇ ଏହାର ତୁରନ୍ତ ଶୁଣାଣି କରିବାକୁ କହିଥିଲେ। ତେବେ ଏହାର ତୁରନ୍ତ ଶୁଣାଣି କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ମନା କରିଦେଇଥିଲେ। ପୁଲିସ ବର୍ବରତାର ଭିଡିଓ ଦେଖିବାକୁ ସେ କହିବାରୁ ପ୍ରଧାନ ବିଚାରପତି କହିଲେ ଯେ ଏଥିପାଇଁ ସମୟ ନାହିଁ। ଏହା ଉପରେ ସମୟ ନଷ୍ଟ ନକରିବାକୁ ସେ କହିଥିଲେ।

ଅନ୍ୟପକ୍ଷରେ ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଡିକେ. ଉପାଧ୍ୟାୟଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ଗୁରୁତର ସହ ନେଇ ସମସ୍ତ ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂକୁ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲମାନେ ଅଭିଯୋଗ କରିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ନାଗରିକଙ୍କ ଉପରେ ପୁଲିସ ପକ୍ଷରୁ ଚରମ ବର୍ବରତା ପ୍ରଦର୍ଶନ କରାଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମହିଳା ପ୍ରଦର୍ଶନକାରୀଙ୍କ ସହ ଆପତ୍ତିଜନକ ବ୍ୟବହାର କରାଯାଇଛି। ମହିଳା ବିକ୍ଷୋଭକାରୀଙ୍କ ସହ ଅସଦାଚରଣ କରାଯିବା ସହିତ ସେମାନଙ୍କର କପଡ଼ା ଚିରାଯାଇଛି। ପୁଲିସ କଣ୍ଟା ଲଗା ଲାଠି ବ୍ୟବହାର କରିଛି। ଏହି ହିଂସାରେ ୯୦ରୁ ଅଧିକ ପ୍ରଦର୍ଶନକାରୀ ଆହତ ହୋଇଥିବା ବେଳେ ଏକ ୨୧ ବର୍ଷୀୟା ଯୁବତୀଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡ଼ିଥିଲା।

ଆବେଦନକାରୀଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ୍ କହିଛନ୍ତି ଯେ, ଶିଶୁ ଓ ମହିଳାଙ୍କ ଉପରେ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି ଏବଂ ପୁଲିସ କର୍ମୀମାନେ ସାଧା ପୋଷାକରେ ରହି ପ୍ରଦର୍ଶନକାରୀଙ୍କୁ ମାଡ଼ ମାରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପୁଲିସ ପକ୍ଷରୁ ହୋଇଥିବା ଅତ୍ୟାଚାରର ପ୍ରମାଣ ସ୍ୱରୂପ ତାଙ୍କ ପାଖରେ ୧୧୦ଟି ଭିଡିଓ ରହିଛି। ଅନ୍ୟପକ୍ଷରେ, ଦିଲ୍ଲୀ ପୁଲିସ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍ (ଏଏସ୍‌ଜି) ଏସଭି. ରାଜୁ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଆବେଦନଗୁଡ଼ିକ କେବଳ ସମୟ ନଷ୍ଟ କରିବା ଏବଂ ପ୍ରସିଦ୍ଧି ହାସଲ କରିବା ପାଇଁ କରାଯାଇଛି। ୧୪୪ ଧାରା ଥିବା ସ୍ଥାନରେ ପ୍ରଦର୍ଶନକାରୀମାନେ ଶାନ୍ତିପୂର୍ଣ୍ଣ ନଥିଲେ ବରଂ ଉଚ୍ଛୃଙ୍ଖଳ ହୋଇ ପଥର ମାଡ଼ କରିଥିଲେ। ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଆବେଦନକାରୀମାନେ ଏଫ୍‌ଆଇଆର୍ ଦାଖଲ ନକରି ସିଧାସଳଖ କୋର୍ଟକୁ ଆସିଥିବାରୁ ଏହା କେବଳ ପ୍ରଚାର ଓ ପ୍ରସିଦ୍ଧି ପାଇଁ ବୋଲି ସେ କହିଥିଲେ। ଏପରି ସମ୍ବେଦନହୀନ ମନ୍ତବ୍ୟରେ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ 'ପ୍ରଚାର ପାଇଁ ଉଦ୍ଦିଷ୍ଟ ଆବେଦନ' କିପରି କୁହାଯିବ ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ମୁଖ୍ୟ ବିଚାରପତି ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏହା ବେଆଇନ ସମାବେଶ ଥିଲା, ତାକୁ ନିୟନ୍ତ୍ରଣ କରିବାର ଅନ୍ୟ ଆଇନଗତ ପ୍ରକ୍ରିୟା ରହିଛି। ଏତେ ସଂଖ୍ୟକ ଲୋକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହେଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୃଥକ ଭାବେ ଏଫଆଇଆର କରିବା ପାଇଁ କହିବା ଯୁକ୍ତିଯୁକ୍ତ ନୁହେଁ। ପୁଲିସ ବର୍ବରତା ଦେଶର ବିବେକୁ ଦୋହଲାଇ ଦେଇଛି ବୋଲି ସେ କହିଥିଲେ। ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ଓ ପୁଲିସକୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୧ରେ ହେବ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀ...

ଦେଶରେ ତାଙ୍କ ଇସ୍ତଫା ଦାବି କରାଯାଉଛି। କେବଳ ଭାରତରେ ନୁହେଁ, ବିଦେଶରେ ଥିବା ଆମ ଦୂତାବାସ ସମ୍ମୁଖରେ ମଧ୍ୟ ତାଙ୍କ ଇସ୍ତଫା ଦାବି କରାଯାଇଛି। ପରୀକ୍ଷାକୁ ନେଇ ଯାହା ସବୁ ଘଟିଛି, ଏହାପରେ ସେ ଇସ୍ତଫା ଦେଇଦେବା ଉଚିତ୍। ସେହିପରି ଜନ୍ତରମନ୍ତରରୁ ସଂସଦ ଯିବା ବାଟରେ ପୁଲିସର ମାତ୍ରାଧିକ ତଥା ବର୍ବରୋଚିତ ବଳପ୍ରୟୋଗକୁ ମଧ୍ୟ ନିନ୍ଦା କରିଛନ୍ତି ନବୀନ। ପୁଲିସ ଛାତ୍ରଛାତ୍ରୀଙ୍କ ଉପରେ ଯେଉଁ ଅନାବଶ୍ୟକ ବଳପ୍ରୟୋଗ କରିଛି, ସେନେଇ ସମସ୍ତେ ଗଭୀର ଭାବେ ଆଘାତ ପାଇଛନ୍ତି। କେବଳ ଛାତ୍ରଛାତ୍ରୀ ନୁହେଁ, ସଂସଦର ବିରୋଧୀ ଦଳର ନେତା ଏବଂ ଅନ୍ୟାନ୍ୟ ବରିଷ୍ଠ ରାଜନେତାଙ୍କ ସହ ମଧ୍ୟ ପୁଲିସ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରିଥିଲା। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି।

### ୧୫ ବିଇଡି କଲେଜକୁ...

ହେବାରୁ ଏହି କଲେଜଗୁଡ଼ିକ ରକ୍ଷା ପାଇଥିଲେ। ଏନ୍‌ସିଟିଇ ମଧ୍ୟ ନିଜଆଡ଼ୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ହାଇକୋର୍ଟରେ ମାମଲା ହୋଇଥିଲା। ଏହି ମାମଲାର ଏନ୍‌ସିଟିଇକୁ ପକ୍ଷ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଶୋଇପଡ଼ିଥିବା ଏନ୍‌ସିଇଆର୍‌ଟି ଆଉଥରେ ଚେଇଁଛି। ଏଥର ଆଉ ସରକାରଙ୍କୁ ନୁହେଁ, ବରଂ ସ୍ୱୀକୃତି ଦେଇଥିବା କଲେଜଗୁଡ଼ିକୁ ସିଧାସଳଖ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଫଳରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସ୍ୱୀକୃତି ହାତେଇଥିବା ବିଇଡି କଲେଜଗୁଡ଼ିକର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।


**AFFIDAVIT**
I, NAZULNA KHAN, aged about 59 years, W/o-MUJAHID KHAN, Res-KAZI BAZAR, PO-BUXIBAZAR, PS-LALBAG, Dist.-CUTTACK, PIN-753001, Odisha, declared by this Affidavit No.843/2026 Dated.16.07.2026, That now onwards I shall Be Known as NAZULNA ANSARI That for all future Purposes

**AFFIDAVIT**
I SHAIKH MOHAMMAD, S/O CHANDU , RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11546, DT - 21.07.2026. THAT NOW ON WARDS I SHALL BE KNOWN AS SK MOHAMMAD FOR ALL FEATURES PURPOSES.

**AFFIDAVIT**
I SHAIKH ASSAN ALI, S/O SK MOHAMMAD, RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11547, DT - 21.07.2026. THAT NOW ON WARDS I SHALL BE KNOWN AS SK ASSAN ALI FOR ALL FEATURES PURPOSES.

**AFFIDAVIT**
I, PRAPHULLA SUTAR, aged about 59 years, S/o- NADAR SUTAR resident of JHIMANI KOTHI, JAGATSINGHPUR, 754141, Odisha, declared by this Affidavit No.852/2026 Dated. 22.07.2026 that now onwards I shall Be Known as **PRAFULLA SUTAR** for all future Purposes .

**AFFIDAVIT**
By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.- Tumgaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

**AFFIDAVIT**
By virtue of an affidavit no10041,swarn before the Executive Magistrate Jajpur on dtd 14/07/2026. I Manoj Kumar Das, aged-43yrs, S/o- Kartika Das, permanent resident of At-Amrutia, P.o-Barundai, P.s-Panikoili, Dist-Jajpur-755025, declared that I have changed my minor daughter's name from DIBYASHREE DAS to DIBYA DARSHANI DAS. Henceforth she shall be known as **DIBYA DARSHANI DAS** for all future purposes
**Sd/-Manoj kumar das**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 22.07.2026. I, **Madhabi Podh** (applicant name), W/o Biren Podh, permanent & current resident of AT: Ghantabahali, PO: Malisira, PS: Titilagarh, Dist: Balangir, State: Odisha, PIN: 767037 declare that I have changed my minor son's name from **Drupa Podh** (old name) to **Durbas Podh** (new name). Henceforth, he shall be known as **Durbas Podh** (new name) for all future purposes.
**Madhabi Podh**

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated-20/07/2026 I, Ramesh Soren, permanent resident, of At- Khalapal Po- Khalapal, Ps- Ghasipura, Dist- Kendujhar, State- Odisha, Pin- 758025, Currently residing At- Khalapal, Po- Khalapal, Ps- Ghasipura, Dist- Kendujhar, State- Odisha, Pin- 758025, declare that I have changed my name from **Amarjyoti Soren** to **Ramesh Soren** Henceforth, I shall be known as **RAMESH SOREN** for all purposes.
**RAMESH SOREN**

**AFFIDAVIT**
By virtue of an affidavit sworn before The Executive Magistrate Bhubaneswar dated 18.07.2026. I, **Prasanta Kumar Lenka,** resident of Plot No- 1215/1503, Khandagiri Bari, Khandagiri, Bhubaneswar, Dist: Khurda, Odisha, PIN: 751030 declare that I have changed my name from **Prasanta Lenka** to **Prasanta Kumar Lenka**. Henceforth, I shall be known as **Prasanta Kumar Lenka** for all purposes.
**Prasanta Kumar Lenka**

**AFFIDAVIT**
**I Sanju Devi**, aged about 52years, resident of village- Bhainchua, Po-Bhainchua, PS-Balianta-752 100, Dist.-Khorda, Odisha declare by this Affidavit dated 17.07.2026 that the names Manju Kumari, Manju Devi and Sanju Devi are one and the same person. **Sanju Devi** shall be used for all present and future legal and official purposes.

**OFFICE OF THE MUNICIPAL COUNCIL, MALKANGIRI**
Odisha, Pin-764045 Ph: 06861-230244
e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।
୦୧ ॥ ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ ।
୦୨ ॥ ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ ।
୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।
୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ ।
୦୫ ॥ ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ ।
୦୬ ॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ ।
୦୭ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌର ପରିଷଦ, ମାଲକାନଗିରି

WORKS DEPARTMENT 34001/519/2627
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
E-Mail Id – eepwdrkl@gmail.com
Government of Orissa "e" Procurement Notice
Bid Identification No.: 11 / 2026-27
Dated: 21.07.2026

1. Number of works: **02 (Two) number of Work**
2. Estimated cost: **Rs. 2.68 Lakhs to 4.66 Lakhs**
3. Period of completion: **1 (One) calendar month**
4. Date & Time of availability of bid document in the portal: **Dt. 24.07.2026 at 11.00 A.M.**
5. Last date/Time for receipt of bids in the portal: **Dt. 01.08.2026 up to 05.00 P.M.**
6. Date of opening of Bid: **Dt. 03.08.2026 at 11.00 A.M.**
7. Name and Address of the Officer Inviting Bid: **Superintending Engineer, (R & B) Division, Rourkela, UditNagar.**

Further details can be seen from the e-procurement portal: **http://tendersorissa.gov.in**

Superintending Engineer
Rourkela (R&B) Division
OIPR-34001/34068/1/26-27/0006

**OFFICE OF THE PANCHAYAT SAMITI, GHATGAON**
At/Po/Via-Ghatagaon, Dist-Keonjhar, Pin-758027 (ODISHA)
E-Mail: ghatgaonblock@gmail.com
BID ID NO.-TCN No.-01-Ghatgaon/2026-27
19001/161/2627
**TENDER CALL NOTICE**

The Block Development Officer, Ghatgaon, Keonjhar on behalf of Governor of Odisha invites online percentage rate bid through e-procurement from the **"C & D", "B" class contractors with CDMS Registration** for the projects as detailed in the Annexure-I to this Bid Notice. The eligible criteria and the details of the tender documents can be downloaded from the website **www.tendersodisha.gov.in** and viewed only from the website **www.kendujhar.nic.in**. Interested bidders fulfilling the eligibility criteria may submit their proposals through website **www.tendersodisha.gov.in**. The bid documents will be available in the above website from **10.00 hours of 26.07.2026 to 17.30 hours of 05.08.2026**. The bidders should submit their proposals complete in all respect through Online before **17.30 hours of 05.08.2026**. The tender will be opened on **06.08.2026 at 11.00 AM** in the **Conference Hall of Office of the Ghatgaon Block**. The undersigned reserves the right to reject the bidder(s) if any document(s) found incorrect/false at any stage of bidding.

Sd/- Block Development Officer
Ghatgaon
OIPR-19001/19026/1/26-27/0001

**OFFICE OF THE PANCHAYAT SAMITI, PATNA**
**No.: 2811 / Date: 18-07-2026**
**NOTICE INVITING TENDER** 19001/162/2627

It is hereby notified for the information of the general public that the Bhimkund Development Committee has decided to lease out the management and operation of the Watch Tower (View Point), Vehicle Parking Stand, Public Toilet and Picnic Platforms (Pindis) constructed at Bhimkund for a period of three (03) years, from 14.08.2026 to 13.08.2029, through an open tender process under the following terms and conditions.

The Watch Tower, Picnic Platforms, Public Toilet and Vehicle Parking Stand shall be auctioned as a single package. The minimum reserve/upset price for the tender has been fixed at Rs.30,00,000/- (Rupees Thirty Lakh only) for 3 years.

The bid document containing the detail information, terms and conditions, etc can be downloaded from website http://kendujhar.odisha.gov.in.

Modifications/corrigendum, if any, detected/ felt necessary at a later stage will be duly published and notified in the website http://kendujhar.odisha.gov.in. Hence the bidders are advised to check the website to track any modifications/ corrigendum etc. or to know the details of any information, deemed proper, in this regard.

Interested persons may submit their applications in the prescribed format in a sealed envelope by dropping it in the Tender Drop Box kept at the Office of the Block Development Officer, Patna/or sent through Registered Post/Speed Post from 20.07.2026 to 04.08.2026 up to 5.00 PM.

The tender applications will be opened on 06.08.2026 at 11.00 AM in the Conference Hall of the Patna Block Office in the presence of the Applicants/Bidders. The bidder quoting the highest valid bid shall be declared the successful bidder and awarded the contract, subject to the following terms and conditions.

| Schedule of Tender dates | Date & time |
| --- | --- |
| Publication Tender Notice | 20.07.2026, 10 am |
| Last date of Submission of Bid paper | 04.08.2026, 05 pm |
| Opening of Bid paper | 06.08.2026, 11 am |
| Declaration of successful bidder | 06.08.2026, 01 pm |

OIPR-19001/19047/1/26-27/0001 Sd./- Block Development Officer, Patna

# ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଦାରିଦ୍ର୍ୟ

## ଆଇଆଇଟି ବମ୍ବେରେ ଉଚ୍ଚଶିକ୍ଷା ପାଇଁ ଆଦିବାସୀ ଛାତ୍ର କୁଆଁରିଆ ବାସ୍କେ ମନୋନୀତ

ବାଲେଶ୍ୱର, ୨୨।୭ (ସମିସ)




ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଦାରିଦ୍ର୍ୟ। ବାଲେଶ୍ୱର ସଦର ବ୍ଲକ କଷାଫଳ ପଞ୍ଚାୟତ ଗନ୍ଧାଡି ବାଘୁଆ ଆଦିବାସୀ ସାହିର ଶ୍ୟାମସୁନ୍ଦର ବାସ୍କେ ଏବଂ ସୁକାନ୍ତି ବାସ୍କେଙ୍କ ପୁତ୍ର କୁଆଁରିଆ ବାସ୍କେ ମୋବାଇଲରେ ଫ୍ରି କୋଚିଙ୍ଗ ଭିଡିଓ ଦେଖି ଆଇଆଇଟି ବମ୍ବେରେ ଉଚ୍ଚଶିକ୍ଷା ପାଇଁ ମନୋନୀତ ହୋଇଛନ୍ତି। ଲଗାତାର ତିନି ତିନି ଥର ଆଇଆଇଟି ଶିକ୍ଷା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ଆଡମିଶନ୍ ପାଇଁ ଅର୍ଥ ସାଜିଛି ବାଧକ। ୨୦୨୪ ମସିହାରେ ଶ୍ରୀ ବାସ୍କେ ସର୍ବଭାରତୀୟ ସ୍ତରରେ ୫୪୩୫ ସ୍ଥାନ ହାସଲ କରି ଆଇଆଇଟି ଜାମ୍ ପାଇଁ ମନୋନୀତ ହୋଇଥିବା ବେଳେ ୨୦୨୫ ମସିହାରେ ପୁଣି ୪୩୨୧ ସ୍ଥାନ ହାସଲ କରି ଆଇଆଇଟି ଜାମ୍ ଅଧ୍ୟୟନ ପାଇଁ ମନୋନୀତ ହୋଇଥିଲେ। ତେବେ ପିତା ଶ୍ୟାମସୁନ୍ଦର ଦିନ ମଜୁରିଆ ହୋଇଥିବାରୁ ପୁଅର ଆଡମିଶନ୍ ପାଇଁ ଅର୍ଥ ଯୋଗାଡ କରିବାରେ ଅସମର୍ଥ ହୋଇଥିଲେ। କିନ୍ତୁ ପୁଅ କୁଆଁରିଆ ଯେପରି ହାର ମାନିବାକୁ ପ୍ରସ୍ତୁତ ନ ଥିଲେ। ଚଳିତ ବର୍ଷ ୨୦୨୬ ମସିହାରେ ତୃତୀୟ ଥର ଆଇଆଇଟି ଜାମ୍ ପରୀକ୍ଷା ଦେଇ ସର୍ବ ଭାରତୀୟ ସ୍ତରରେ ୩୫୬୩ ସ୍ଥାନ ହାସଲ କରିଆଇଆଇଟି ବମ୍ବେରେ ଆଡମିଶନ୍ ପାଇଁ ମନୋନୀତ ହୋଇଛନ୍ତି। ତେବେ ଚଳିତ ଥର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ କୁଆଁରିଆ ବାସ୍କେ ଏବେ ମୁମ୍ବାଇ ସହରର ଆଇଆଇଟି ବମ୍ବେଠାରେ ଆଡମିଶନ୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କଷାଫଳ ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସତ୍ୟଜିତ୍ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆକର୍ଶିକା ଫାଉଣ୍ଡେସନର ଗୁଗୁଲ ନିର୍ଦ୍ଦେଶକ ଚନ୍ଦନ ପାତ୍ର, ମୁଖ୍ୟବକ୍ତା ଭାବେ ଯୁବ ନେତା ବିକ୍ରମ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ସିଆରସିସି ପ୍ରଦୀପ କୁମାର ଟୁଡୁ, ପ୍ରଧାନଶିକ୍ଷକ ରଘୁନାଥ ଟୁଡୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦକ୍ଷିଣ ମୁର୍ମୁ, ଫାର୍ମାସିଷ୍ଟ ସତ୍ୟନାରାୟଣ ହୋତା, ସୁକୁଲ ମାରାଣ୍ଡି, ଶିକ୍ଷକ ପ୍ରଭାସ ଚନ୍ଦ୍ର ମାନ୍ନା, ରତିକାନ୍ତ ପାତ୍ର, ନିରଞ୍ଜନ ପାତ୍ର, ପ୍ରେମାନନ୍ଦ ପାତ୍ର, ହିମାଂଶୁ ଶେଖର ପାତ୍ର, ଚିତ୍ତରଞ୍ଜନ ପରିଡ଼ା, ଦିଲ୍ଲୀପ କୁମାର ପାତ୍ର, ସୁକୁଦେବ ମଣ୍ଡଳ, ବୁଦ୍ଧିରାମ ଟୁଡୁ, ବରେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ର କୁଆଁରିଆ ବାସ୍କେ ଙ୍କୁ ଚେକ୍, ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ପୃଷ୍ଟି ମଞ୍ଚ ଆହ୍ୱାନ ଏବଂ ଧନ୍ୟବାଦ ଦେଇଥିଲେ। ଗରିବ ମେଧାବୀ ଛାତ୍ର କୁଆଁରିଆ ବାସ୍କେଙ୍କ ଶିକ୍ଷା ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ମେଧାବୀ ଛାତ୍ର କୁଆଁରିଆ ବାସ୍କେଙ୍କୁ ଆଇଆଇଟି ଶିକ୍ଷାରେ ସହଯୋଗ କରିବାକୁ ଚାହୁଁଥିବା ସହୃଦୟ ବ୍ୟକ୍ତି ୭୦୬୪୨୧୫୪୬୩ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି।

## ହଜିଯାଇଥିବା ମୋବାଇଲ ଫୋନ୍ ଫେରିପାଇଲେ ଦୁଇ ଯୁବକ



ସିମୁଳିଆ, ୨୨।୭ (ସମିସ): ସିମୁଳିଆ ପୁଲିସ ଦୁଇ ଜଣ ଯୁବକଙ୍କୁ ମୋବାଇଲ ଫେରାଇଥିବା ଜଣାପଡ଼ିଛି। ବାଲିଖଣ୍ଡ ଗ୍ରାମର କମଳାକାନ୍ତ ପଣ୍ଡା ଏବଂ ଚାଲୁଣିଗାଁର ନୀଳମାଧବ ଦାସଙ୍କ ଦାମୀ ମୋବାଇଲ ଫୋନ ହଜିଯାଇଥିବା ପରେ ସେମାନେ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସିମୁଳିଆ ଥାନାର ଇନ୍‌ସପେକ୍ଟର-ଇନ୍-ଚାର୍ଜ ଦେବରାଜ ଜେନାଙ୍କ ନେତୃତ୍ୱରେ ଏଏସଆଇ ଅଶୋକ କୁମାର ବେହେରା ଓ ଥାନାର ଅନ୍ୟାନ୍ୟ କର୍ମଚାରୀମାନେ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲେ। ବୈଷୟିକ ସହାୟତା ଏବଂ ଦକ୍ଷ ଅନୁସନ୍ଧାନ ମାଧ୍ୟମରେ ଉଭୟ ମୋବାଇଲ ଫୋନକୁ ସଫଳତାର ସହ ଟ୍ରେସ୍ କରି ଉଦ୍ଧାର କରାଯାଇଥିଲା। ପରେ ସମସ୍ତ ଆବଶ୍ୟକୀୟ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ କରି ମୋବାଇଲ ଫୋନଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକ କମଳାକାନ୍ତ ପଣ୍ଡା ଏବଂ ନୀଳମାଧବ ଦାସଙ୍କୁ ହସ୍ତାନ୍ତର କରାଯାଇଥିଲା। ମୋବାଇଲ ଫୋନ୍ ଫେରି ପାଇ ଉଭୟ ଯୁବକ ସିମୁଳିଆ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ବାଲିଆରେ ରଥଯାତ୍ରା ମହୋତ୍ସବ

ବାଲେଶ୍ୱର, ୨୨।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ବାଲିଆ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ବାଲେଶ୍ୱର ଜିଲ୍ଲାର ମାଝିକିଆ ଗ୍ରାମସ୍ଥିତ ମା' ବୁଢ଼ୀବାସୁଲୀ କଳା ଓ ସଂସ୍କୃତି ମହାବିଦ୍ୟାଳୟର କୁନି କୁନି ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଏହା ସହ ଭଜନ-କୀର୍ତ୍ତନ ଓ ଆଦିବାସୀ ମାଦଳ ନୃତ୍ୟ ପରିବେଷଣ କରାଯାଇଥିଲା। ରଥଯାତ୍ରା ଓ ସାଂସ୍କୃତିକ ଉତ୍ସବରେ ବହୁ ସଂଖ୍ୟକ ଭକ୍ତ, ସ୍ଥାନୀୟ ବାସିନ୍ଦା ଏବଂ ଅତିଥି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସେପ୍ଟେମ୍ବର ୨୫ରେ ଓୟୁଜେ ବାଲେଶ୍ୱର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ

ବାଲେଶ୍ୱର, ୨୨।୭ (ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆଜି ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ପ୍ରତିକାର ସମ୍ପର୍କରେ ବିଶଦ ଭାବେ ଆଲୋଚନା କରଯାଇଥିଲା। ବିଶେଷ କରି ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଓ ଅଧିସ୍ୱୀକୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭ୍ୟ ସଂଗ୍ରହ ଓ ନବୀକରଣ, ଦ୍ୱିବାର୍ଷିକ ସମ୍ମିଳନୀ ପାଇଁ ଦିନ ଧାର୍ଯ୍ୟ କରାଯିବା ସହ ପୂର୍ବ ବର୍ଷ ଭଳି ଏକ ସ୍ମରଣିକା ପ୍ରକାଶନ କରାଯିବାକୁ ସ୍ଥିର କରାଯାଇଛି। ୟୁନିଅନର ଦ୍ୱିବାର୍ଷିକ ସମ୍ମିଳନୀ ସେପ୍ଟେମ୍ବର ମାସ ୨୫ ତାରିଖରେ ଅନୁଷ୍ଠିତ କରାଯିବାକୁ ସ୍ଥିର କରାଯାଇ ଏହାର ସଫଳତା ପାଇଁ ସମସ୍ତ ସଦସ୍ୟ ସହଯୋଗ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ବୈଠକରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର କୁମାର ମହାକୁଡ଼, ଉପଦେଷ୍ଟା ଶିଶିର କୁମାର ଦାସ, ଉତ୍କଳ ବନ୍ଧୁ ପଣ୍ଡା, ଅଜିତ କୁମାର ମହାନ୍ତି, ଅରୂପ କୁମାର ଦାସ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ସାଂଗଠନିକ ବୈଠକ

ବାଲେଶ୍ୱର, ୨୨।୭ (ସମିସ): ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷ ସାଂଗଠନିକ ବୈଠକ ଏବଂ ସମ୍ବର୍ଦ୍ଧନା ସଭା ସଭାପତି ନାରାୟଣ ମହନ୍ତଙ୍କ ନେତୃତ୍ୱ ଏବଂ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଦ୍ୱାରା ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ରାଜ୍ୟ ଉପ ସଭାନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ସମ୍ପାଦକ ତଥା ପୂର୍ବତନ ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ମାନସ କୁମାର ସାହୁ, ରାଜ୍ୟ ସମ୍ପାଦକ ଯୁବ ନେତା ଶଶିକାନ୍ତ ମିଶ୍ର, ପୁର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଜିଲ୍ଲା ଯୁବମୋର୍ଚ୍ଚାର ସମସ୍ତ ପଦାଧିକାରୀ ଏବଂ ୩୩ ମଣ୍ଡଳ ସଭାପତି ଓ ମଣ୍ଡଳ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଞ୍ଚଦିନିଆ ରାଜ୍ୟ ସଂହତି ଶିବିର ଉଦ୍‌ଯାପିତ




ବାଲେଶ୍ୱର, ୨୨।୭ (ସମିସ): ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତାରେ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ଆୟୋଜିତ ପାଞ୍ଚଦିନିଆ ରାଜ୍ୟ ସଂହତି ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୨୦୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପାଞ୍ଚଦିନ ଧରି ନେତୃତ୍ୱ ବିକାଶ, ଜାତୀୟ ସଂହତି, ଯୋଗ ଓ ସ୍ୱାସ୍ଥ୍ୟ ସଚେତନତା ସଡ଼କ ଓ ସାଇବର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛ ଭାରତ ଅଭିଯାନ, ସଚେତନତା ଶୋଭାଯାତ୍ରା, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତା ସହ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସଭାପତିତ୍ୱ କରି ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ କହିଥିଲେ ଯେ, ଏହି ଶିବିର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ନେତୃତ୍ୱ, ଶୃଙ୍ଖଳା, ଦଳଗତ କାର୍ଯ୍ୟଦକ୍ଷତା ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିଛି। ସମାଜ ଓ ଦେଶର କଲ୍ୟାଣ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ। କୁଳସଚିବ କୁକୁମୀନା ଦାସ ସ୍ୱେଚ୍ଛାସେବୀମାନଙ୍କୁ ଶିବିରରୁ ମିଳିଥିବା ଅନୁଭୂତିକ ସମାଜସେବାରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ପ୍ରତିମା ପ୍ରଧାନ ଓ ବାଲେଶ୍ୱର କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇ ଜାତୀୟ ସେବା ଯୋଜନାର ଆଦର୍ଶକୁ ସମାଜରେ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ। ଶିବିର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଶିବିରର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଭୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଇମାମି ଗୁଣ୍ଡିଚା ମନ୍ଦିରରେ ଆଧ୍ୟାତ୍ମିକ ସମ୍ମିଳନୀ

ରେମୁଣା, ୨୨।୭ (ସମିସ): ରେମୁଣା ଇମାମି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ଆଧ୍ୟାତ୍ମିକ ସମ୍ମିଳନୀ ମହାପ୍ରଭୁ ଜଗନ୍ନାଥଙ୍କ ଚିନ୍ତାଚେତନା ଆଧାରିତ ଆଲୋଚନାଚକ୍ର, ବ୍ରାହ୍ମଣ ସମ୍ମିଳନୀ, ବେଦସଭା ତଥା ସମ୍ବର୍ଦ୍ଧନା ସମାରୋହ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବ୍ଲକ ବ୍ରାହ୍ମଣ ମହାସଭା ଓ ଇମାମି ଜଗନ୍ନାଥ ମନ୍ଦିର କମିଟି ମିଳିତ ସହଯୋଗ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ କଲ୍ୟାଣ ପାଇଁ ମହାପ୍ରଭୁଙ୍କୁ ଆଡପମଣ୍ଡପରେ ପୂଜାର୍ଚ୍ଚନା ପୂଜକ ବ୍ରାହ୍ମଣ ବରଣ ସହ ଅନ୍ୟାନ ବୈଦିକ ନୀତିକାନ୍ତି ସମ୍ପାଦନ କରାଯାଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଓ ଧ୍ୱଜା ଆନୟନ ପୂର୍ବକ ବେଦ ବିଦ୍ୟାଳୟ ପିଲାମାନଙ୍କ ଚତୁଃବେଦ ପାଠ ପରେ



ଆଧ୍ୟାତ୍ମିକ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ସୁଶ୍ରୀ ମାନସି ପ୍ରଧାନ ଓଡିଶୀ ନୃତ୍ୟର ମଙ୍ଗଳାଚରଣ ସ୍ୱାଗତ ନୃତ୍ୟକ୍ରମରେ ପରିବେଷଣ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ମିଶ୍ର ମଞ୍ଚ ଆବାହନ ସହ ବିବରଣୀ ପାଠ କରିଥିବା ବେଳେ ପଣ୍ଡିତରତ୍ନ ଶକ୍ତିପଦ ପଣ୍ଡା ଆଭିମୁଖ୍ୟ ପ୍ରଦାନ ଓ ସଭାପତି ପଣ୍ଡିତ ହରିଶ୍ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ସମାଜ ପାଇଁ ଜଗନ୍ନାଥଙ୍କ ଧର୍ମ ଧାରା ଚିନ୍ତା ଚେତନା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ ଅଧ୍ୟାପକ ଡ଼. ପ୍ରଦୀପ୍ତ ମିଶ୍ର, ନୀଳଗିରି ମହିଳା କଲେଜ, ପଣ୍ଡିତ କମଳାକାନ୍ତ ତ୍ରିପାଠୀ, ସ୍ୱାମୀ ଚିନ୍ମୟାନନ୍ଦ ମହାରାଜ, ଡାକ୍ତର ସନ୍ଥ ସନତ ସୁଜାତା ନନ୍ଦ ଦାସ ମହାରାଜ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଉଦ୍‌ଘାଟନ କରି ବ୍ରାହ୍ମଣ ମାନଙ୍କର ବିଶ୍ୱ ଶାନ୍ତି ପାଇଁ ଏହି ପ୍ରୟାସ ବାସ୍ତବରେ ଅଭିନନ୍ଦନୀୟ ବୋଲି ମତ ପ୍ରକାଶ କରି ଇମାମି ମନ୍ଦିର ଏହି କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଥିବାରୁ ଇମାମି ଜଗନ୍ନାଥ ମନ୍ଦିର କମିଟିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଇମାମି କର୍ମକର୍ତ୍ତା ସର୍ବଶ୍ରୀ ସୁଶୀଲ କୁମାର ଗୋୟେଙ୍କା, ସୁଶୀଲ କୁମାର ଖେତାନ, ମନୋଜ କୁମାର ପାଢ଼ୀଙ୍କସମେତ ଡାକ୍ତର ଗୌର ସାଧନ ମିଶ୍ର, ପଣ୍ଡିତ ରତ୍ନାକର ହୋତା, ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ଆଦିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମରଣୋତ୍ତର ଭାବେ ସ୍ୱର୍ଗତ କିଶୋର କୁମାର ପଣ୍ଡା, ସ୍ୱର୍ଗତ ପର୍ଶୁରାମ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ବ୍ରାହ୍ମଣ ମହାସଭା ସଂଯୋଜକ ପଣ୍ଡିତ ସର୍ବେଶ୍ୱର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଶାନ୍ତିମନ୍ତ୍ର ପଠାସହ ଆଶୀର୍ବାଦ କରିଥିଲେ ସର୍ବଶ୍ରୀ ଅଜିତ କୁମାର ପଣ୍ଡା, ଅଧ୍ୟାପକ ଜଗଦେବ ପଣ୍ଡା, ସୁଧିର କୁମାର ପଣ୍ଡା, ନୟନ କୁମାର ପଣ୍ଡା, ଦୃଷିକେଶ ଦ୍ୱିବେଦୀ ପ୍ରତ୍ୟହ ସ୍କୁଲ ପିଲାଙ୍କୁ ନେଇ ଜଣା ଅଜଣା, ଭାଷଣ ଆଦି ପ୍ରତିଯୋଗିତାମାନ ଇମାମି ମହିଳା କ୍ଲବ ସଭ୍ୟାମାନେ ଅନୁଷ୍ଠିତ କରି ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରୁଥିଲେ।

## ବିଦ୍ୟୁତ୍ ତାର ଉପରେ ମାଡ଼ିଯାଇଛି ଲଟା, ହେଉନି ସଫା

କାଳିପଦା, ୨୨।୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ମହାବଳା ଜମାଶୂଳି ଏହିପରି ଅନେକ ଅଞ୍ଚଳରେ ବିଦ୍ୟୁତ ତାର ଉପରେ ଲଟା ଓ ଗଛ ଡାଳ ମାଡ଼ିଯାଇଥିବା ଦେଖିବାକୁ ମିଳିଛି। ଏହା ଫଳରେ ଯେକୌଣସି ସମୟରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେବା ସହ



ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକମାନେ ଏ ନେଇ ବାରମ୍ବାର ବିଦ୍ୟୁତ ବିଭାଗକୁ ଅବଗତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସଫେଇ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀ, ବର୍ଷା ଓ ପବନ ସମୟରେ ଲଟା ଓ ଡାଳ ତାର ସଂସ୍ପର୍ଶରେ ଆସି ବିଦ୍ୟୁତ ବିଭ୍ରାଟ ସୃଷ୍ଟି କରୁଥିବା ବେଳେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ବିଦ୍ୟୁତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଲଟା ଓ ଗଛ ଡାଳ ସଫା କରି ବିଦ୍ୟୁତ ତାରକୁ ସୁରକ୍ଷିତ କରିବା ପାଇଁ ଗଗନ ବିହାରୀ ବେହେରା, ନିଶିକାନ୍ତ ପୁହାଣ, ମନ୍ମଥ କୁମାର ଦେ, ପ୍ରଣବେଶ ସାମନ୍ତରାୟ, ଲକ୍ଷ୍ମୀଧର ଜେନା, ସୁଭାଶିଷ ଭଦ୍ର, ମୁକୁନ୍ଦ ମୁରାରୀ ସାହୁ, ଖଗେଶ୍ୱର ପ୍ରସାଦ ମାଝୀ, ସୁନାମଣି ଦେହୁରୀ, ମୃତ୍ୟୁଞ୍ଜୟ ଗୋଛାୟତ ପ୍ରମୁଖ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ରକ୍ତଦାନ ଶିବିର; ୫୬ ୟୁନିଟ୍ ସଂଗୃହୀତ

ବାଲିଆପାଳ, ୨୨।୭ (ସମିସ): ବାଲିଆପାଳର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ବାବା ମୋଟର୍ସ ସହଯୋଗରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାବା



ହିରୋ ସୋରୁମ୍ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୬ଜଣ ସେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବାଲିଆପାଳ ୟୁକୋ ବ୍ୟାଙ୍କ ମ୍ୟାନେଜର ହେମନ୍ତ ଦାସ, ବାଲିଆପାଳ ପୂର୍ବତନ ସରପଞ୍ଚ ମଧୁସୂଦନ ଦାରିକ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ବାଳନ କରଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ବେଣୁଧର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବାବା ମୋଟର୍ସର ପ୍ରୋପାଇଟର ଅମୀୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ସୋରୁମର ମ୍ୟାନେଜର ସରୋଜ କୁମାର ପ୍ରମାଣିକ, ବଳରାମ ବିଶ୍ୱାଳ, ପ୍ରଶାନ୍ତ ରଣଜିତ, ଜୟନ୍ତ ସେଠି, ଭୋଳାନାଥ ପାଣିଗ୍ରାହୀ, ସତ୍ୟଜିତ ସେନାପତି, ସୁବ୍ରତ ବାରିକ, ସେକ ଫରାଜୟୁଦ୍ଦିନ, ଚନ୍ଦନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାରର ଡାକ୍ତର ମୃଣ୍ମୟ ରେଞ୍ଜଦାର ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଟେକନିସିଆନ ଅକ୍ଷୟ ଜେନା, ସୌଭାଗ୍ୟବତୀ ପରିଡ଼ା, ମୋନାଲିସା ମହାନ୍ତି, ଖିରୋଦ ବାହେରା ରକ୍ତ ସଂଗ୍ରହ କରିଥିଲେ। ସାମ୍ବାଦିକ ଉମାକାନ୍ତ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

● ବାଲେଶ୍ୱର ଜଳବନ୍ଦୀ ସମସ୍ୟାର ସମାଧାନ ହେବ

## ସାଢ଼େ ଆଠ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ




ବାଲେଶ୍ୱର, ୨୨।୭ (ସମିସ): ବାଲେଶ୍ୱର ସହରକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରିବା ପାଇଁ ପୌରପାଳିକା ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ଏବଂ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ଉପସ୍ଥିତ ରହି ସାଢ଼େ ଆଠ କୋଟିରୁ ଅଧିକ ଟଙ୍କାର ୧୫ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସହରର ତେଲେଙ୍ଗାସାହି, ଉର୍ଦ୍ଧୁ ସ୍କୁଲ୍, ଭାସ୍କରଗଞ୍ଜ, ମୋତିଗଞ୍ଜ, ବାରବାଟୀ ଓ ରେନବୋ ହୋଟେଲ ଆଦି ଅଞ୍ଚଳରେ ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ଡ୍ରେନ୍, କଲଭର୍ଟ, କଭରିଂ ସ୍ଲାବ୍ ଏବଂ ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବ। କେବଳ ପୌରପ୍ରଶାସନ ନୁହେଁ, ବରଂ ନାଳ ଓ ଡ୍ରେନ୍ ଉପରେ କରାଯାଇଥିବା ଜବରଦଖଲ ହଟାଇବା ପାଇଁ ସାଧାରଣ ଲୋକଙ୍କ ସହଯୋଗ ମଧ୍ୟ ଏକାନ୍ତ ଆବଶ୍ୟକ। ଆଗାମୀ ଦିନରେ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ କରାଯିବ ବୋଲି ଉପସ୍ଥିତ ଅତିଥି ମତ ରଖିଛନ୍ତି। ସେହିପରି ପୌରପାଳିକା ଅଧ୍ୟକ୍ଷା କହିଛନ୍ତି ଯେ, ବର୍ଷା ଦିନରେ ଅଳ୍ପ ବର୍ଷାରେ ଲୋକଙ୍କ ଘରେ ପାଣି ପଶିବା ଓ ତଳିଆ ଅଞ୍ଚଳ ଜଳମଗ୍ନ ହେବା ଏକ ବଡ଼ ସମସ୍ୟା ହୋଇ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୮.୫ କୋଟିରୁ ଅଧିକ ଟଙ୍କାର ୧୫ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟକୁ ଅତି ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କଣ୍ଟ୍ରାକ୍ଟର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ସହରର ବୃହତ ଜଳନିଷ୍କାସନ ପାଇଁ ୨୭ କୋଟି ଟଙ୍କାର ଏକ ବିଶାଳ ପ୍ରକଳ୍ପ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଏହି ପ୍ରକଳ୍ପ ଅନୁମୋଦିତ ହୋଇଆସିଲେ ବାଲେଶ୍ୱର ସହରବାସୀ ଜଳବନ୍ଦୀ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇପାରିବେ ବୋଲି ମଧ୍ୟ କୁହାଯାଇଛି।

## ଟିପିଏନ୍‌ଓଡିଏଲ୍ ବିଦ୍ୟୁତ ବିତରଣ ଅଞ୍ଚଳରେ ୨ ମେଗାୱାଟ୍‌ର ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ

ବାଲେଶ୍ୱର, ୨୨।୭ (ସମିସ)





ଗ୍ରାମାଞ୍ଚଳ ବିଦ୍ୟୁତ୍ ଭିତ୍ତିଭୂମିକୁ ଅଧିକ ମଜବୁତ୍ କରିବା ଏବଂ ସବୁଜ ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ଆଜି ଏକ ବଡ଼ ସଫଳତା ହାସଲ କରିଛି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବୈଦ୍ୟୁତିକ ଡିଭିଜନ୍ ଅନ୍ତର୍ଗତ ବହଳଦା ସେକ୍ସନ୍‌ରେ ଥିବା ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍‌ଏସ୍) ଠାରେ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ)ର ବିଦ୍ୟୁତ୍ ନେଟୱର୍କ ସହିତ ଏକ ନୂଆ ୨ ମେଗାୱାଟ୍ ସୌର ବିଦ୍ୟୁତ୍ ପ୍ରକଳ୍ପକୁ ସଫଳତାର ସହ ସାମିଲ କରାଯାଇଛି। ଆୟୋଜିତ ସମାରୋହରେ ଶ୍ରୀ କୃଷ୍ଣଚନ୍ଦ୍ର ମଣ୍ଡଳ, ସ୍ଲିଙ୍କୋ ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକାରୀ ମନୀଷ ଦୁବେ, ଟିପିଏନ୍‌ଓଡିଏଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ ଏହି ସୌର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକର ବାସିଙ୍ଗି ଗ୍ରାମର ସ୍ଥାନୀୟ ଜମିମାଲିକ ଶ୍ରୀ କୃଷ୍ଣଚନ୍ଦ୍ର ମଣ୍ଡଳ ନିଜର ଛଅ ଏକର ଜମିରେ ଭାରତ ସରକାରଙ୍କ 'ପିଏମ୍-କୁସୁମ୍ - ଏ' ଯୋଜନା ଅଧୀନରେ ଏହି ସୌର ପ୍ରକଳ୍ପ ସ୍ଥାପନ କରିଛନ୍ତି। ମେସର୍ସ ସ୍ଲିଙ୍କୋ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିଲ୍ଡ-ଓନ୍-ଅପରେଟ୍ (ବିଓଓ) ମଡେଲ ମାଧ୍ୟମରେ ଏହି ପ୍ରକଳ୍ପର ନିର୍ମାଣ କରାଯାଇଛି। ଏହି ଯୋଜନା ଅଧୀନରେ ଶ୍ରୀ ମଣ୍ଡଳ ଗ୍ରୀଡ୍‌କୋ ଏବଂ ଟିପିଏନ୍‌ଓଡିଏଲ୍ ସହିତ ଏକ ଦୀର୍ଘକାଳୀନ ବିଦ୍ୟୁତ୍ କ୍ରୟ ଚୁକ୍ତି ସ୍ୱାକ୍ଷର କରିଛନ୍ତି ଯାହାକି ତାଙ୍କପାଇଁ ଏହା ବହୁ-ବର୍ଷର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ସହ ତାଙ୍କୁ ଜଣେ 'ସୌର ଉଦ୍ୟୋଗୀ' ଭାବେ ଅଞ୍ଚଳରେ ସୁପ୍ରତିଷ୍ଠିତ କରିପାରିଛି। ଅନୁକୂଳ ପରିବେଶରେ ଏହି ବ୍ୟବସ୍ଥାରୁ ଦୈନିକ ପ୍ରାୟ ୮, ୦୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହେବା ସହ ସମ୍ପୂର୍ଣ୍ଣ ଉତ୍ପାଦିତ ବିଦ୍ୟୁତ୍‌କୁ ଏକ ସ୍ୱତନ୍ତ୍ର ୧୧ କେଭି ଲାଇନ୍ ମାଧ୍ୟମରେ ଟିପିଏନ୍‌ଓଡିଏଲ୍ ବିଦ୍ୟୁତ ନେଟୱର୍କକୁ ପଠାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରକଳ୍ପଟି ରାଜ୍ୟର ସ୍ୱଚ୍ଛ ଓ ସବୁଜ ଶକ୍ତି ଲକ୍ଷ୍ୟକୁ ପୂରଣ କରିବା ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରାୟ ୫, ୦୦୦ରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଗୁଣବତ୍ତା ସୁଧାରିବାରେ ଏବଂ ଗ୍ରୀଡ୍ ସ୍ଥିରତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଅତ୍ୟନ୍ତ ଆନନ୍ଦର ସହ ଶ୍ରୀ ମଣ୍ଡଳ କହିଛନ୍ତି ଯେ, ଏହି ପ୍ରକଳ୍ପ ତାଙ୍କ ପରିବାରକୁ ଦୀର୍ଘଦିନ ପାଇଁ ଏକ ସ୍ଥାୟୀ ରୋଜଗାରର ପନ୍ଥା ଯୋଗାଇବା ସହିତ ସ୍ଥାନୀୟ ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇବାରେ ମଧ୍ୟ ବେଶ୍ ସହାୟକ ହୋଇପାରିବ। ସେହିଭଳି ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ଭାରତରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଆହୁରି ମଜବୁତ୍ ଓ ଦୀର୍ଘସ୍ଥାୟୀ କରିବା ପାଇଁ ବିକେନ୍ଦ୍ରୀକୃତ ଅକ୍ଷୟ ଶକ୍ତି ଉତ୍ପାଦନ ଅତ୍ୟନ୍ତ ଜରୁରୀ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସିଧାସଳଖ ବିତରଣ ସ୍ତରରେ ସୌର ପ୍ରକଳ୍ପ ସଂଯୋଗ କରିବା ଦ୍ୱାରା ପାରମ୍ପରିକ ଇନ୍ଧନ ଉପରେ ନିର୍ଭରଶୀଳତା କମିଥାଏ, ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ିଥାଏ, ସଞ୍ଚାରଣ ଜନିତ ବିଦ୍ୟୁତ୍ କ୍ଷତିର ମାତ୍ରା ହ୍ରାସ ପାଏ ଏବଂ ସ୍ଥାନୀୟ ଗ୍ରୀଡ୍‌ର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇଥାଏ। ପିଏମ୍-କୁସୁମ୍ -ଏ ଯୋଜନାରେ ଏହି ପ୍ରକଳ୍ପ ସାରା ରାଜ୍ୟରେ ସ୍ୱଚ୍ଛ ଶକ୍ତିର ବିକାଶ ପାଇଁ ଏକ ଆଦର୍ଶ ମଡେଲ୍ ସାଜିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ) ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ କିସାନ୍ ଉର୍ଜା ସୁରକ୍ଷା ଏବଂ ଉତ୍ଥାନ ମହାଭିଯାନ (ପିଏମ୍-କୁସୁମ୍) - ଏ ଯୋଜନା, ଚାଷୀ ଏବଂ ଜମିମାଲିକମାନଙ୍କୁ ନିଜର ଅବ୍ୟବହୃତ ଜମି କିମ୍ବା ଚାଷ ଜମିରେ ୫୦୦ କିଲୋୱାଟ୍‌ରୁ ୨ ମେଗାୱାଟ୍ ପର୍ଯ୍ୟନ୍ତ ଗ୍ରୀଡ୍-ସଂଯୁକ୍ତ ସୌର ପ୍ରକଳ୍ପ ସ୍ଥାପିତ କରିବା ନେଇ ସୁଯୋଗ ଏବଂ ସହାୟତା ପ୍ରଦାନ କରିଥାଏ। ଏହି ଯୋଜନା, ଦୀର୍ଘକାଳୀନ ବିଦ୍ୟୁତ୍ ବିକ୍ରି ବ୍ୟବସ୍ଥା ଦ୍ୱାରା ଜମିମାଲିକଙ୍କୁ ଆର୍ଥିକ ସୁରକ୍ଷା ଦେବା ସହ, ସଞ୍ଚାରଣ ଜନିତ ବିଦ୍ୟୁତ୍ ନଷ୍ଟ ହ୍ରାସ, ଅଞ୍ଚଳରେ ବିଦ୍ୟୁତ ଗୁଣବତ୍ତାର ସୁଦୃଢୀକରଣ ଏବଂ ସବୁଜ ଶକ୍ତିର ବହୁଳ ବ୍ୟବହାରକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

## କରଞ୍ଜିଆ ପୁଲିସକୁ ସଫଳତା

# ୪ ଆନ୍ତଃରାଜ୍ୟ ଚୋର ଗିରଫ; ମାରଣାସ୍ତ୍ର ଜବତ

କରଞ୍ଜିଆ, ୨୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ପୁଲିସକୁ ମିଳିଛି ବଡ଼ ସଫଳତା। ସୋମବାର ବିଳମ୍ବିତ ରାତିରେ ନିୟମିତ ପାଟ୍ରୋଲିଂ ସମୟରେ ପୁଲିସ ଏକ ସନ୍ଦିଗ୍ଧ ଡକାୟତ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବହୁ ପରିମାଣର ମାରଣାସ୍ତ୍ର, ଚୋରିରେ ବ୍ୟବହୃତ ସରଞ୍ଜାମ ଏବଂ ବିଭିନ୍ନ ଚୋରା ସାମଗ୍ରୀ ଜବତ କରିଛି। ଏହି ସଫଳ ଅଭିଯାନ ସମ୍ପର୍କରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୨ଟା ସମୟରେ କରଞ୍ଜିଆ ଥାନା ପୁଲିସ କାଳିକାପୁର ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିବାବେଳେ କରଞ୍ଜିଆ ପଟୁ ୪ଟି ମୋଟର ସାଇକଲରେ କିଛି ବ୍ୟକ୍ତି ଯଶିପୁର ଅଭିମୁଖେ ଯାଉଥିବା ଦେଖିଥିଲେ। ସେମାନଙ୍କ ଚଳାଚଳ ସନ୍ଦେହଜନକ ଲାଗିବାରୁ ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ପୁଲିସକୁ ଦେଖି ସମସ୍ତେ ନିଜ ନିଜ ମୋଟର ସାଇକଲ ଛାଡ଼ି ଜଙ୍ଗଲ ଆଡକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ଦୀର୍ଘ ସମୟ ଧରି ପିଛା କରି ଶେଷରେ ୪ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ପରେ ସେମାନଙ୍କ ମୋଟର ସାଇକଲ ଯାଞ୍ଚ କରାଯିବାରୁ ସେଥିରୁ ବିଭିନ୍ନ ପ୍ରକାରର ମରଣାସ୍ତ୍ର, ଗ୍ରୀଲ ଭାଙ୍ଗିବା ଉପକରଣ, ତାଲା ଭାଙ୍ଗିବା ଯନ୍ତ୍ର ଓ ଅନ୍ୟାନ୍ୟ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଥିଲା। ଏହି ସାମଗ୍ରୀ ସମ୍ପର୍କରେ ପଚରାଉଚରା କରାଯିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହାପରେ ଏଏସ୍ଆଇ ଛବିଳକାନ୍ତ ନାୟକଙ୍କ ଏତଲା ଆଧାରରେ କରଞ୍ଜିଆ ଥାନାରେ ମାମଲା ନଂ୨୮୪/୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତମାନେ ଘୋଡ଼ାଘାଗୁରି ଗ୍ରାମରେ ଏକ ଭଡ଼ା ଘରରେ ରହୁଥିଲେ। ତୁରନ୍ତ ପୁଲିସ ସେହି ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭଡ଼ା ଘରୁ ୨୬ଟି ମୋବାଇଲ ଫୋନ, ୭ଟି ଗ୍ୟାସ ସିଲିଣ୍ଡର, ୧୫ଟି ଭଙ୍ଗା ତାଲା, ୩୭ଟି ମୋବାଇଲ ଚାର୍ଜର, ୧୮ଟି ଆଧାର କାର୍ଡ, ୬ଟି ପାନ୍ କାର୍ଡ, ୮ଟି ଏଟିଏମ୍ କାର୍ଡ, ବହୁ ସଂଖ୍ୟକ ମନିପର୍ସ, ନଗଦ ୫୧, ୯୨୦ ଟଙ୍କା, ସୁନା ଅଳଙ୍କାର ସମେତ ବିଭିନ୍ନ ଚୋରା ସାମଗ୍ରୀ ଜବତ କରାଯାଇଛି। ଏହାସହ ୪ଟି ମୋଟର ସାଇକଲ ଓ ବିଭିନ୍ନ ପ୍ରକାରର ମରଣାସ୍ତ୍ର ମଧ୍ୟ ଜବତ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ହୁମାୟୁନ ସେକ, ଆସଲାମ ସେକ, ମିଣ୍ଟୁ ଏସ୍.କେ. ଓ ଆଦୁତ ସେକ। ସମସ୍ତେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ବୋଲି ପୁଲିସ ସୂଚନା ଦେଇଛି। ପ୍ରାଥମିକ ତଦନ୍ତରୁ ଏହି ଗ୍ୟାଙ୍ଗ ଦୀର୍ଘଦିନ ଧରି ମୟୂରଭଞ୍ଜ ସମେତ ବିଭିନ୍ନ ସ୍ଥାନରେ ଚୋରି କରିଆସୁଥିବା ସନ୍ଦେହ କରାଯାଉଛି। ସେମାନଙ୍କ ସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ଜବତ ସାମଗ୍ରୀଗୁଡ଼ିକ କେଉଁ କେଉଁ ଚୋରି ଘଟଣା ସହ ସମ୍ପୃକ୍ତ, ସେନେଇ ମଧ୍ୟ ପୁଲିସ ତଦନ୍ତ ଜାରି ରଖିଛି। ଏହି ସଫଳ ଅଭିଯାନ ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ଏଏସଆଇ ଛବିଳକାନ୍ତ ନାୟକ ଏବଂ ସାଲଖାନ ହେମ୍ବ୍ରମ ଉପସ୍ଥିତ ରହି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିଥିଲେ।



# ଅବକାରୀ ଚଢ଼ଉ; ୩ ଗିରଫ

● ୧୨୭ ଲିଟର ଦେଶୀ ମଦ ସହ ବାଇକ ଜବତ



ମୋରଡା, ୨୨।୭ (ସମିସ):-ମୋରଡା ଅବକାରୀ ବିଭାଗ ମଙ୍ଗଳବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୧୨୭ ଲିଟର ଦେଶୀ ମଦ, ଛଅ ଲିଟର ବିୟର ସହ ଗୋଟିଏ ବାଇକ ଜବତ କରିଛି। ଏହି ଘଟଣାରେ ଚାରୋଟି ପୃଥକ ମାମଲା ରୁଜୁ କରି ଘଟଣାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବେଳେ ଜଣେ ଫେରାର ଥିବା ସୂଚନା ମିଳିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ ଭାଲୁକଚୁଆ ଗ୍ରାମରେ ଚଢ଼ାଉ କରି ୧୦୦ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରିଥିଲା। ଏହାପରେ ଚକୁଳିଆ, ଆଣୁଆ ଓ କଣ୍ଡାଳିଆ ଗ୍ରାମରେ ଚଢ଼ାଉ କରି ମୁନଷି ହେମ୍ବ୍ରମ, ଗୁଇହା ହେମ୍ବ୍ରମଅ ଏବଂ ସୁରେଶଚନ୍ଦ୍ର ସିଂଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ ଓ ସାଢ଼େ ଛଅ ଲିଟର ବିୟର ଜବତ କରିଥିଲା।

# ୪ ନାବାଳକ ଉଦ୍ଧାର; ଦଲାଲ ଗିରଫ

● ଦାଦନ ଖଟିବାକୁ ହାଇଦ୍ରାବାଦ ଯାଉଥିଲେ




ବାରିପଦା, ୨୨।୭ (ସମିସ): ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ଖଡ଼ଗପୁର ଡିଭିଜନ୍ ପୃଥକ ଘଟଣାରେ ଦାଦନ ଖଟିବାକୁ ଯାଉଥିବା ୪ ନାବାଳକଙ୍କୁ ଉଦ୍ଧାର କରିଛି। ଅପରେସନ୍ ଏଏଏଚ୍‌ଟି ଏବଂ ଅପରେସନ୍ ନନ୍‌ହେ ଫରିସ୍ତେ ଅଧୀନରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଛି। ଖଡ଼ଗପୁର ରେଳୱେ ଷ୍ଟେସନ୍‌ରେ ଟ୍ରେନ୍ ନମ୍ବର ୧୮୦୪୫ରେ ଜଣେ ବୟସ୍କ ବ୍ୟକ୍ତି ସହ ଯାତ୍ରା କରୁଥିବା ତିନି ନାବାଳକଙ୍କୁ ଆର୍‌ପିଏଫ୍ ଅଟକାଇଥିଲା। ସେମାନଙ୍କୁ ହାଇଦ୍ରାବାଦରେ ବେକରୀରେ କାମ କରାଇବା ପାଇଁ ନେଇଯାଉଥିବା ଜଣାପଡ଼ିଥିଲା। ମୟୂରଭଞ୍ଜ ଜିଲ୍ଲାର ଏହି ତିନି ନାବାଳକଙ୍କୁ ଉଦ୍ଧାର କରି ସୁରକ୍ଷିତ ରଖାଯାଇଛି ଏବଂ ଦଲାଲଙ୍କୁ ଗିରଫ କରାଯାଇଛି। ସେହିପରି ବାଲେଶ୍ୱର ରେଳୱେ ଷ୍ଟେସନ୍‌ରେ ଏକାକୀ ବସିଥିବା ଜଣେ ୧୬ ବର୍ଷର ନାବାଳକକୁ ଉଦ୍ଧାର କରାଯାଇଛି। ସେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ଏବଂ ଚେନ୍ନାଇ ଯାଇ ଦୈନିକ ମଜୁରି କରିବାକୁ ଯାଉଥିଲେ। ତାଙ୍କୁ ବାଲେଶ୍ୱର ଚାଇଲ୍ଡ୍ ୱେଲଫେୟାର କମିଟିକୁ ହସ୍ତାନ୍ତର କରାଯାଇଛି। ଆର୍‌ପିଏଫ୍ ପିଲାମାନଙ୍କ ସୁରକ୍ଷା ପାଇଁ ଲଗାତାର କାର୍ଯ୍ୟ କରୁଛି। ସନ୍ଦେହଜନକ ଗତିବିଧି ଦେଖିଲେ ୧୩୯ ନମ୍ବରରେ ଖବର ଜଣାଇବାକୁ ନିବେଦନ କରାଯାଇଛି।

● ଚିତ୍ରଡ଼ାରେ ଦିନ ଦ୍ୱିପ୍ରହରରେ ଡକାୟତି

# ବନ୍ଧୁକ ଦେଖାଇ ୪୦ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

ମୋରଡ଼ା, ୨୨।୦୭ (ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଚିତ୍ରଡ଼ା ବଜାରରେ ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ମାମଲା ସାମ୍ନାକୁ ଆସିଛି, ଯାହା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ପ୍ରାୟ ୪୦ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ଚିତ୍ରଡ଼ା ଏନଏସି ଅଧିନ ୬୧ନଂ ରାଜ୍ୟ ରାଜପଥ ପାଟପୁର ନିକଟରେ ଅପରାହ୍ଣ ୩ଟା ସମୟରେ ଏହି ଘଟଣା ଘଟିଛି। ଅନିରୁଦ୍ଧଙ୍କର ଚିତ୍ରଡ଼ା ବଜାରରେ କୃଷ୍ଣଚନ୍ଦ୍ର ଜୁଏଲର୍ସ ନାମରେ ଏକ ସୁନା-ରୁପା ଅଳଙ୍କାର ଦୋକାନ ଥିବାବେଳେ ସେ ବିଭିନ୍ନ ଦିନରେ ସାପ୍ତାହିକ ହାଟକୁ ଅଳଙ୍କାର ବିକ୍ରି କରିବାକୁ ଯାଆନ୍ତି। ଅନିରୁଦ୍ଧଙ୍କ କହିବା ଅନୁଯାୟୀ, ସେ ମଙ୍ଗଳବାର ସକାଳେ ବାରମାଇଲ ହାଟକୁ ଅଳଙ୍କାର ନେଇ ଯାଇଥିଲେ। ହାଟରୁ ଘରକୁ ଫେରିବା ବାଟରେ ତାଙ୍କ ଗାଁ ପାଖ ପାଟପୁର ଷ୍ଟାଡିୟମ ନିକଟ ରାସ୍ତା ଉପରେ ଅପରାହ୍ଣ ପ୍ରାୟ ୩ଟା ସମୟରେ ୨ଟି ବାଇକ୍‌ରେ ପ୍ରାୟ ୫/୬ ଜଣ ଯୁବକ ଆସି ତାଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକ ଓ ଅନ୍ୟମାନେ ଭୁଜାଲି ଦେଖାଇ ତାଙ୍କଠାରୁ ଦୁଇଟି ଅଳଙ୍କାର ବ୍ୟାଗ ଏବଂ ମୋବାଇଲ ଫୋନ୍ ଛଡାଇ ନେଇ ଚାଲିଯାଇଥିଲେ। ଲୁଟ୍ ହୋଇଥିବା ୨ଟି ବ୍ୟାଗରେ ପ୍ରାୟ ୮୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୧୫ କେଜି ରୁପା ଅଳଙ୍କାର ଥିଲା। ଯାହାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସେ କହିଛନ୍ତି। ଦିନ ଦ୍ୱିପ୍ରହରରେ ସଶସ୍ତ୍ର ଡକାୟତି ହେବା ସାଧାରଣ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ଏବଂ ପୋଲିସ ପ୍ରଶାସନର ପାଟ୍ରୋଲିଂ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୀର୍ଷାପାଳ ଛକ, ରାଜାବନ୍ଧ ଏବଂ ପୁରୁଣାପାଣି ଛକ ନିକଟରେ ସିସିଟିଭି ଲଗାଇବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

● ୨୪ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମାକୋ ବାଳେଗଡ଼ା ଝାଡ଼ଖଣ୍ଡ ଚମ୍ପିଅନ, ବୁରୁଡିହି ରନର୍ସ ଅପ୍



ରାଇରଙ୍ଗପୁର, ୨୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଗମ୍ଭାରିଆ ଗ୍ରାମପଞ୍ଚାୟତର ବ୍ରାହ୍ମଣବୋଷ ଗାଁ ବିଦୁ-ଚାନ୍ଦାନ ସ୍ପୋର୍ଟ କ୍ଲବ୍ ଆନୁକୂଲ୍ୟରେ ସାଙ୍ଗ ମାଝୀ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ୪ଦିନ ଧରି ଚାଲିଥିଲା। ଚଳିତବର୍ଷ ମୋଟ ୬୪ଟି ଫୁଟବଲ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଝାଡ଼ଖଣ୍ଡର ମାକୋ ବାଳେଗଡ଼ା ଫୁଟବଲ ଦଳ (୨-୦) ଗୋଲରେ ଚାମ୍ପିଅନ୍ ହୋଇଥିଲେ। ବୁରୁଡିହି ଫୁଟବଲ ଦଳ ରନର୍ସ ଅପ୍ ବିବେଚିତ ହୋଇଥିଲେ। ଠିକ୍ ସେହିପରି ତୃତୀୟ ସ୍ଥାନରେ ତୁଫାଘୁଟୁ ଫୁଟବଲ ଦଳ ୪ର୍ଥ ସ୍ଥାନରେ ଆର୍‌କେ ଜାମବଣୀ ଫୁଟବଲ ଦଳ ବିଜେତା ହୋଇଥିଲେ। ତେବେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଧନୁର୍ଦ୍ଧର ହାଁସଦାଃ, ବାବଲି ହେମ୍ବ୍ରମ, ରାକେଶ ପାତ୍ର, ପୂର୍ବତନ ବିଧାୟକ ସାଇବା ସୁଶିଳ ହାଁସଦା, ବାବୁଲା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ରେଫରି ସଞ୍ଜୀବ ବେଶ୍ରା, ବାପି ହାଁସଦାଃ, ବୁଦ୍ଧଦେବ ମୁର୍ମୁ ଓ ମୋନଜ ସିଂ ପ୍ରମୁଖ ଥିବା ବେଳେ, ଭାଷ୍ୟକାର ଭାବେ ୪ ଦିନଧରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ଶିକ୍ଷକ ଦୁର୍ଗାଚରଣ ମହାନ୍ତ। ପୁରସ୍କାର ବିତରଣରେ ଅତିଥିଭାବେ ପୂର୍ବତନ ବିଧାୟକ ସାଇବା ସୁଶିଳ ହାଁସଦାଃ, ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ କାଶୀନାଥ ହେମ୍ବ୍ରମ, ଜିଲ୍ଲା ପରିଷଦ ସଭ୍ୟ ସୂର୍ଯ୍ୟମଣି ହାଁସଦାଃ, ସରପଞ୍ଚ ବୈଦେହୀ ହାଁସଦାଃ, ସମାଜସେବୀ ହରେକୃଷ୍ଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ପକ୍ଷରୁ ଦାବିପତ୍ର ପ୍ରଦାନ



ବାରିପଦା, ୨୨।୭ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ, ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ସମସ୍ତଙ୍କ ପାଇଁ 'ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି' ଯୋଜନାର ସଫଳ ରୂପାୟନ ନିମନ୍ତେ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ମସିହା ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ କର୍ମଚାରୀଙ୍କ ପାଇଁ ଅନୁଦାନ ନୀତି ୨୦୦୮ - ୨୦୧୮ ପ୍ରଣୟନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ମୁଖ୍ୟମନ୍ତ୍ରୀ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟିର ଘୋଷଣା କରି ୬ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ। କମିଟି ଜୁନ ମାସରେ ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ପରିବର୍ତ୍ତେ କେଜିରୁ ପିଜି ନିଃଶୁଳ୍କ ଶିକ୍ଷା ପ୍ରଦାନ ବ୍ୟବସ୍ଥା ପ୍ରଣୟନ କରିଛନ୍ତି। ଯଥାଶୀଘ୍ର ଅଧ୍ୟାପକ କର୍ମଚାରୀ ମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ମୌସୁମୀ ଅଧିବେଶନ ପୂର୍ବରୁ ନୂତନ ଅନୁଦାନ ନୀତି ଘୋଷଣା ନ କଲେ ସଙ୍ଘ ଆନ୍ଦୋଳନ ପନ୍ଥାକୁ ଆପଣେଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଚେତାବନୀ ଦେଇଛି। ଅଧ୍ୟାପକ ଡ. ପ୍ରୀତମ ପଣ୍ଡା, ରାଜୀବ କୁମାର ଗିରି, ଅଶ୍ୱନୀ କୁମାର ଘୋଷ, ଉଦିତ କୁମାର ମିଶ୍ର, ବାପୁନ ଘୋଷ, ଦିପ୍ତେନ୍ଦୁ ମହାନ୍ତ, ଶ୍ରଦ୍ଧାନନ୍ଦ ସାହୁ ପ୍ରମୁଖ ମିଳିତ ଭାବେ ସଙ୍ଘ ତରଫରୁ ଏହି ଦାବିପତ୍ର ପ୍ରଦାନ ପ୍ରଦାନ କରିଥିଲେ।

# ଜିଲ୍ଲା କୃଷି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ବାରିପଦା, ୨୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ଜ୍ଞାନ ବଲ୍ଲଭ ଦାସ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବାରିପଦା ସ୍ଥିତ କାର୍ଯ୍ୟାଳୟରେ ପୂର୍ବରୁ ଦାୟିତ୍ୱରେ ଥିବା ଲୋକନାଥ ମିଶ୍ରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଦାସ ଏହା ପୂର୍ବରୁ ବୌଦ୍ଧ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୟୂରଭଞ୍ଜ ଭାବେ ବଦଳି ହୋଇ ସେ ଏଠାରେ ଯୋଗ ଦେଇଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ବୁଢ଼ାମରା-ଚକୁଳିଆ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ

ବାରିପଦା, ୨୨।୭ (ସମିସ): ଦକ୍ଷିଣପୂର୍ବ ରେଳପଥ ଅଧୀନ ବୁଢ଼ାମରା-ଚକୁଳିଆ ନୂଆ ରେଳପଥ ନିର୍ମାଣ ଦ୍ୱାରା ଦୁଇ ରାଜ୍ୟ ଝାଡ଼ଖଣ୍ଡ ଓ ଓଡ଼ିଶାରେ ଦ୍ରୁତ ଅଗ୍ରଗତି ସହିତ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ପୂର୍ବରୁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ସମସ୍ୟା ପାଇଁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ରହିଥିଲା। ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ଉଦ୍ୟମରେ ଏବେ ଏହି ପ୍ରକଳ୍ପ କାର୍ଯ୍ୟ ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି। ନୂତନ ରୁଟ୍‌ରେ ୫ଟି ନୂଆ ଷ୍ଟେସନ ନିର୍ମାଣ ସହିତ ବୁଢ଼ାମରା ଷ୍ଟେସନ ୟାର୍ଡରେ ୨ଟି ରୋଡ୍ ଅଣ୍ଡର ବ୍ରିଜ୍ ଏବଂ ୪ଟି ରେଳୱେ କ୍ୱାର୍ଟର୍ସ ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ୫ ଅଗଷ୍ଟ ସୁଦ୍ଧା ଶେଷ କରାଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି। ନୂଆ ରେଳ ଲାଇନ ମାଧ୍ୟମରେ ପୂର୍ବ ସିଂହଭୂମ ସହିତ ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଯୋଗାଯୋଗ ସମ୍ଭବ ହୋଇପାରିବ। ଏହା ବ୍ୟତୀତ କୃଷି ଉତ୍ପାଦ, ଖଣିଜ ଦ୍ରବ୍ୟ, ଉଦ୍ୟୋଗିକ ସାମଗ୍ରୀର ପରିବହନରେ ବ୍ୟାପକ ପରିବର୍ତ୍ତନ ହୋଇପରିବ। ସୂଚନାଯୋଗ୍ୟ, ବୁଢ଼ାମରା-ଚକୁଳିଆ ରେଳପଥ ପାଇଁ ୨୦୨୪ ଡିସେମ୍ବର ୬ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଙ୍ଗିରିପୋଷି ଠାରେ ଶିଳାନ୍ୟାସ କରିଥିଲେ। ବୁଢ଼ାମରା-ଚକୁଳିଆ ୬୦କିମି ନୂତନ ରେଳପଥ ନିର୍ମାଣ ନିମନ୍ତେ ସେତେବେଳେ ୧୬୩୯କୋଟି ଟଙ୍କା ଅର୍ଥ ବ୍ୟୟ ବରାଦ କରାଯାଇଥିଲା। ଏହି ରୁଟ୍‌ରେ ୨ଟି ପୁରୁଣା ଓ ୫ଟି ନୂଆ ରେଳ ଷ୍ଟେସନ ରହିବ। ସେଗୁଡ଼ିକ ମଧ୍ୟରେ ବୁଢ଼ାମରା, ଝାରପୋଖରିଆ, ନିଉ ଜାମଶୋଳା, ବହଡ଼ାଗୋଡ଼ା, ବରୋଲ, ପୁରୁଣାପାଣି ଓ ଚାକୁଳିଆ ଷ୍ଟେସନ ରହିଛି। ଏଥି ନିମନ୍ତେ ଆବଶ୍ୟକ ଥିବା ୪୬.୨୫୨ ହେକ୍ଟର ଜମି ଅଧିଗ୍ରହଣ ପୂର୍ବକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରୁଟ୍‌ରେ ଦୁଇଟି ମେମୁ ଟ୍ରେନ୍ ଚଳାଚଳର ପ୍ରସ୍ତାବ ମଧ୍ୟ ରହିଛି। ଏହି ରେଳପଥ ମାଧ୍ୟମରେ ରୂପସା-ବାଙ୍ଗରିପୋଷି, ଖଡ଼ଗପୁର, ଟାଟା ନଗର, ହାୱଡ଼ା ଓ ମୁମ୍ବାଇ ରୁଟ୍‌କୁ ସଂଯୋଗ ହୋଇପାରିବ।



# ମୟୂରଭଞ୍ଜରେ 'ପ୍ରକଳ୍ପ ସଙ୍କଳ୍ପ'ର ଶୁଭାରମ୍ଭ

ବାରିପଦା, ୨୨।୭ (ସମିସ): ସମନ୍ୱିତ ଓ ସ୍ଥାୟୀ ଗ୍ରାମୀଣ ବିକାଶକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ୍ ଡେଭେଲପ୍‌ମେଣ୍ଟ(ସିୱାଇଏସଡି) ପକ୍ଷରୁ ଏଚ୍‌ଡିଏଫସି ବ୍ୟାଙ୍କ ପରିବର୍ତ୍ତନର ଆର୍ଥିକ ସହଯୋଗରେ 'ପ୍ରକଳ୍ପ ସଙ୍କଳ୍ପ'ର ଶୁଭାରମ୍ଭ ବାରିପଦାସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ, ଏପିଡି ଶାନ୍ତନୁ ନାୟକ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ଲଷ୍ଟର ହେଡ୍, ସିୱାଇଏସଡିର ଉତ୍ତର ଜୋନାଲ ହେଡ୍, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଏବଂ ବିକାଶ ସହଯୋଗୀମାନେ ଯୋଗ ଦେଇଥିଲେ। ପ୍ରକଳ୍ପଟି ଠାକୁରମୁଣ୍ଡା ବ୍ଲକ୍ର ୫ଟି ପଞ୍ଚାୟତ ଅନ୍ତର୍ଗତ ୨୦ଟି ଗ୍ରାମରେ କାର୍ଯ୍ୟକାରୀ ହେବ। ଏହାର ଲକ୍ଷ୍ୟ ପରିବାରର ଆୟ ବୃଦ୍ଧି, ମହିଳା ସଶକ୍ତିକରଣ, ଗୁଣାତ୍ମକ ଶିକ୍ଷା, ଜଳ ସଂରକ୍ଷଣ, ଜଳବାୟୁ ଅନୁକୂଳ କୃଷି, ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା। ପ୍ରକଳ୍ପ ଅଧୀନରେ କ୍ଷୁଦ୍ର ଜଳସେଚନ, ଫଳବଗିଚା ବିକାଶ, କୃଷକଙ୍କ ଦକ୍ଷତା ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉଦ୍ୟୋଗ ବିକାଶ, ସ୍ମାର୍ଟ ଶିକ୍ଷା ପରିବେଶ, ଯୁବକ-ଯୁବତୀଙ୍କ କୌଶଳ ବିକାଶ ଏବଂ ସ୍ଥାନୀୟ ରୋଜଗାର ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସଭାରେ ଜିଲ୍ଲାପାଳ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ପ୍ରକଳ୍ପର ସଫଳ ରୂପାୟଣ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ସିୱାଇଏସ୍ଡି ପକ୍ଷରୁ ସମୁଦାୟର ସକ୍ରିୟ ଅଂଶଗ୍ରହଣ ଓ ସ୍ଥାନୀୟ ସମ୍ପଦର ସଦୁପଯୋଗ ମାଧ୍ୟମରେ ସ୍ଥାୟୀ ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବାକୁ କୁହାଯାଇଥିଲା। ଏଚ୍‌ଡିଏଫ୍ସି ବ୍ୟାଙ୍କ ପରିବର୍ତ୍ତନ ପକ୍ଷରୁ ମଧ୍ୟ ଗ୍ରାମୀଣ ବିକାଶ ଓ ସାମାଜିକ ପରିବର୍ତ୍ତନ ପାଇଁ ନିରନ୍ତର ସହଯୋଗର ପ୍ରତିଶ୍ରୁତି ଦିଆଯାଇଥିଲା। ଉପସ୍ଥିତ ଅତିଥିମାନେ ମତପ୍ରକାଶ କରି 'ପ୍ରକଳ୍ପ ସଙ୍କଳ୍ପ' ମୟୂରଭଞ୍ଜର ଦୁର୍ଗମ ଅଞ୍ଚଳରେ ସମାବେଶୀ ଓ ସ୍ଥାୟୀ ଗ୍ରାମୀଣ ବିକାଶର ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।



## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ପ୍ରସଙ୍ଗ

# ଉଦଳା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କଲା ଭଞ୍ଜ ସେନା

ବାରିପଦା/ଉଦଳା, ୨୨।୭ (ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ଥ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି, ଅଫିସରମାନଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବୁଧବାର ଭଞ୍ଜସେନା ପକ୍ଷରୁ ଉଦଳା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ଏବାବଦରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରୁଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ପୂର୍ବ ସୂଚନା ଅନୁସାରେ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁର୍ନୀତି ହୋଇଥିବା କାର୍ଯ୍ୟ ଅଭିଯୋଗ ଚିଠା ଏବଂ ନିର୍ଦ୍ଦିଷ୍ଟ ଭାବେ ଜୈନିକ ଯନ୍ତ୍ରୀ ଯିଏ କି ଅଳ୍ପ କିଛିଦିନ ସେହି ଅଞ୍ଚଳର ଯନ୍ତ୍ରୀ ସହିତ ଏସ୍‌ଡିଓ ଭାବେ ମଧ୍ୟ ଦାୟିତ୍ୱରେ ଥିଲେ, ସେ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କର ସହିତ ମିଶି ବିଭାଗରେ ଦିଶାହୀନ କାର୍ଯ୍ୟ ଏବଂ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିବା ସମ୍ବନ୍ଧରେ ଭଞ୍ଜସେନା ପକ୍ଷରୁ ଭୁବନେଶ୍ୱର ସ୍ଥିତ ବରିଷ୍ଠ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ଗତ ଆର୍ଥିକ ବର୍ଷରେ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କର ଅଫିସ ଦ୍ୱାରା ସମ୍ପାଦିତ ହୋଇଥିବା ଏସଆର ଏବଂ ଆୱାର୍ଡ କାର୍ଯ୍ୟ ସମୂହର ଏକ ଉଚ୍ଚସ୍ତରୀୟ ତଦନ୍ତ, ମହିଷାସୁରୀ - ପଦ୍ମପୋଖରୀ ଏବଂ ଉଦଳା-ଦୁଗଧା- କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା) କାର୍ଯ୍ୟଗୁଡ଼ିକରେ ବ୍ୟବହୃତ ହେଉଥିବା ସମସ୍ତ ସମାଗ୍ରୀଗୁଡ଼ିକର ମାନ ତଦାରଖ, ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ ସହିତ ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର ଆଦି ଉଲ୍ଲେଖ ରହିଛି। ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରାକେଶ ପଣ୍ଡାଙ୍କର ନେତୃତ୍ୱରେ ବିଭିନ୍ନ ସ୍ଲୋଗାନ ଦେଇ ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା । ଯଦି ଯଥାଶୀଘ୍ର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆସନ୍ତା ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଜଣାଯାଇଅଛି। ଘେରାଉ କାର୍ଯ୍ୟକ୍ରମରେ ଭଞ୍ଜସେନା ଜିଲ୍ଲା ଛାତ୍ର ଶାଖା ସଭାପତି ଦିପକ ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ରୁଦ୍ର ନାରାୟଣ ପଟ୍ଟନାୟକ, ହରିଆ ଶିଆଳ, କିଶୋର ପୃଷ୍ଟି ,ପଦ୍ମପ୍ରୀତମ୍ ରଣା, ଦିପକ୍ ନାୟକ, ଅର୍ଜୁନ ମୁର୍ମୁ, ସୁନାରାମ ମୁର୍ମୁ, ରୋହିତ୍ ବେହେରା, ବିକାଶ ବେହେରା, ସାୟାର ମଣ୍ଡଳ, ଶୁଭେନ୍ଦୁ ଭକ୍ତା, ରତନ ମହାକୁଡ଼, ପ୍ରମୋଦ ବେହେରା, ସୁମନ୍ତ ବେହେରା, କିଶୋର ବେହେରା, ଶୁକଦେବ ଧଳା, ମୁରଲୀଧର ବିଶ୍ୱାଳ, ଆମ୍ରିତ୍ ସାହୁ, ବୁନା ଟୁଡୁ ଓ ନିତ୍ୟାନନ୍ଦ ସିଂ ପ୍ରମୁଖଙ୍କ ସମେତ ଉପଖଣ୍ଡର ବହୁ ସଂଖ୍ୟାରେ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ।

■ ଅଗଷ୍ଟ ୧୨ରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର କାର୍ଯ୍ୟାଳୟ ଘେରଉ ଚେତାବନୀ



# ପ୍ରଶାସନିକ ଉଦାସୀନତା: ଜମି ପ୍ରଦାନ ପରେ ବି ପ୍ରତିଷ୍ଠା ହେଲାନି ଦମକଳ କେନ୍ଦ୍ର

**କୁଳିଅଣା,୨୨।୭ (ସମିସ):** କୁଳିଅଣା ବ୍ଲକ୍‌ର ସୀମାନ୍ତ ତଥା ଅଳ୍ପ ଜନବସତିପୂର୍ଣ୍ଣ ଅଞ୍ଚଳ ଚାନ୍ଦୁଆଠାରେ ଏକ ସରକାରୀ କୋଠାରେ ଅସ୍ଥାୟୀ ଭାବେ ୨୦୨୨ରୁ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏହାର ନୂତନ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ମାତ୍ର ଭୌଗୋଳିକ ସ୍ଥିତିରୁ କୁଳିଅଣା ବ୍ଲକର ଅତି ସଘନ ଜନବସତିପୂର୍ଣ୍ଣ ୮ ନମ୍ବର ଜୋନର ବାସିନ୍ଦା ସଠିକ୍ ଜରୁରିକାଳୀନ ସେବା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି। କୁଳିଅଣା କିମ୍ବା ଏହାର ଆଖପାଖ ଜନବସତି ଅଞ୍ଚଳରେ ନିଆଁ ଲାଗିବା, ଜାତୀୟ ରାଜପଥରେ ଭୟାବହ ସଡ଼କ ଦୁର୍ଘଟଣା ଘଟିବା କିମ୍ବା ନଦୀରେ କେହି ଭାସିଯିବା ସମୟରେ ଚାନ୍ଦୁଆ ଅଗ୍ନିଶମ କେନ୍ଦ୍ରକୁ ଉଦ୍ଧାର ପାଇଁ ଯୋଗାଯୋଗ କଲେ ମଧ୍ୟ ଗାଡ଼ି ଏତେ ବିଳମ୍ବରେ ପହଞ୍ଚୁଛି ଯେ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଉଛି। ପ୍ରଶାସନର ଏଭଳି ଦାୟିତ୍ୱହୀନ ବ୍ୟବସ୍ଥା ବିପଦରେ ଥିବା ଲୋକଙ୍କ ପାଇଁ ଏକ କ୍ରୂର ଅଟ୍ଟହାସ୍ୟ ପାଲଟିଛି। ବାଧ୍ୟ ହୋଇ ସ୍ଥାନୀୟ ଲୋକେ ବାଙ୍ଗିରିପୋଷି କିମ୍ବା ବାରିପଦା ଅଗ୍ନିଶମ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ମାତ୍ର ଅତ୍ୟଧିକ ଦୂରତା ଯୋଗୁଁ ସେଠାରୁ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ପୂର୍ବରୁ କୁଳିଅଣା ତହସିଲ ପକ୍ଷରୁ ପାରିଆକୁଲି ମୌଜାରେ କୁଳିଅଣା ଅଗ୍ନିଶମ କେନ୍ଦ୍ର ନିମନ୍ତେ ଖାତା ନଂ ୧୪୮ ଏ ୧. ୭୦ ଡେସିମିଲ ସରକାରୀ ଜମି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀ କଟକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉପଜିଲ୍ଲାପାଳ ବାରିପଦାଙ୍କ ସୁପାରିଶକ୍ରମେ ତାଙ୍କ ମାଧ୍ୟମରେ କୁଳିଅଣା ତହସିଲଦାରଙ୍କଠାରୁ ଏହା ଗ୍ରହଣ କରାଯାଇଛି। ଏସବୁ ସତ୍ତ୍ୱେ କୁଳିଅଣାରେ ଅଗ୍ନିସେବା କେନ୍ଦ୍ର ଖୋଲିବା ପରିବର୍ତ୍ତେ ଉପାନ୍ତ ଅଞ୍ଚଳ ଚାନ୍ଦୁଆରେ କରୋନା ସମୟରେ ୧୮/୫/୨୦୨୨ରେ ଆଭାସୀ ମାଧ୍ୟମରେ ସରକାର ଅତି ତରବରିଆ ଭାବେ ଲୋକାର୍ପିତ କରିଥିଲେ। ଏବେବି ବ୍ଲକ ମୁଖ୍ୟ ଦପ୍ତରର ସରକାରୀ କ୍ୱାଟରରେ ଅଗ୍ନି ସେବା କେନ୍ଦ୍ରଟି କାର୍ଯ୍ୟ କରୁଛି।

ଚାନ୍ଦୁଆ ଆରଆଇ ସର୍କଲ ଅନ୍ତର୍ଗତ ବଡ଼ତିଳଉ ମୌଜା ଖାତା ନମ୍ବର ୧୧୮, ପ୍ଲଟ୍ ନମ୍ବର ୧/୭୯୩ ଅଧୀନରେ ୧.୫୦ ଡେସିମିଲ୍ ଜମି ଅଗ୍ନିଶମ ବିଭାଗକୁ ହସ୍ତାନ୍ତର କରାଯାଇସାରିଛି। ସେହି ସ୍ଥାନରେ ଏବେ ଅଗ୍ନିଶମ ସେବାକେନ୍ଦ୍ର ଦପ୍ତର ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ରାଜନୈତିକ ଓ ଅମଲାତାନ୍ତ୍ରିକ ଉଦାସୀନତା ଯୋଗୁଁ ଦମକଳ କେନ୍ଦ୍ର କାମ ଶେଷ ହେଉନି କିମ୍ବା ସେହି ଜମିକୁ ତହସିଲକୁ ମଧ୍ୟ ଅଗ୍ନିଶମ ବିଭାଗ ଫେରସ୍ତ କରୁନାହିଁ। କୁଳିଅଣା ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଏହା ଦେଇ ଯାଇଥିବା ଜାତୀୟ ରାଜପଥ ଏକ ପ୍ରମୁଖ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଚିହ୍ନିତ ଜମିରେ ତୁରନ୍ତ ଆଉଏକ ସ୍ଥାୟୀ ଦମକଳ କେନ୍ଦ୍ର ସ୍ଥାପନ କରିବାକୁ ସାଧାରଣ ଜନତା, ବୁଦ୍ଧିଜୀବୀ ଓ ବ୍ୟବସାୟୀ ସଂଘ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ସୁଦ୍ଧା ସରକାର ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ସରକାର ଯଦି ଏହି ଜନଦାବିକୁ ତୁରନ୍ତ ପ୍ରାଥମିକତା ଭିତ୍ତିରେ ପୂରଣ ନ କରନ୍ତି, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ୮ ନମ୍ବର ଜୋନରେ ଏହାର ପ୍ରଭାବ ପଡ଼ିବ।

## ■ ୨୯ରେ ବିଶ୍ୱ ବାଘ ଦିବସ ଫଟୋ ପ୍ରତିଯୋଗିତା ଆୟୋଜନ

**ବାରିପଦା,୨୨।୭(ସମିସ):** ଜୁଲାଇ ୨୯ ତାରିଖରେ ପାଳିତ ହେବାକୁ ଥିବା ଗ୍ଲୋବାଲ୍ ଟାଇଗର୍ ଡେ (ବିଶ୍ୱ ବାଘ ଦିବସ) ଅବସରରେ ଶିମିଳିପାଳ ଟାଇଗର୍ ରିଜର୍ଭ କର୍ତ୍ତୃପକ୍ଷ ଏକ ଆକର୍ଷକ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜନ କରିଛନ୍ତି। ଏହି ପ୍ରତିଯୋଗିତା ମାଧ୍ୟମରେ ଫଟୋଗ୍ରାଫର୍, ପ୍ରକୃତି ପ୍ରେମୀ ଏବଂ ଛାତ୍ରଛାତ୍ରୀ ଶିମିଳିପାଳର ବନ୍ୟପ୍ରାଣୀ, ମନୋରମ ଲ୍ୟାଣ୍ଡସ୍କେପ୍ ଏବଂ ଆଦିବାସୀ ସମ୍ପ୍ରଦାୟ ସହ ପ୍ରକୃତିର ଅବିଚ୍ଛିନ୍ନ ବନ୍ଧନକୁ କ୍ୟାମେରାରେ ଉତ୍ତୋଳନ କରି ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିପାରିବେ। ଶିମିଳିପାଳର ଅପୂର୍ବ ବନ୍ୟପ୍ରକୃତି, ବାଘ, ଅନ୍ୟାନ୍ୟ ବନ୍ୟପ୍ରାଣୀ, ସବୁଜ ଜଙ୍ଗଲ ଏବଂ ସ୍ଥାନୀୟ ଆଦିବାସୀଙ୍କ ଜୀବନ ଧାରାକୁ ପ୍ରତିଫଳିତ କରୁଥିବା ଫଟୋ ଏହି ପ୍ରତିଯୋଗିତାରେ ଦାଖଲ କରାଯାଇପାରିବ ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ଟୁଇଟର ହ୍ୟାଣ୍ଡଲ 'ଏକ୍ସ'ରେ ପ୍ରକାଶ କରିଛନ୍ତି। ଆୟୋଜକମାନେ କହିଛନ୍ତି ଯେ, ପ୍ରତିଯୋଗିତାରେ ନିର୍ବାଚିତ ଫଟୋଗୁଡ଼ିକ ଜୁଲାଇ ୨୬ ତାରିଖ ସୁଦ୍ଧା ଦାଖଲ କରିବାକୁ ପଡ଼ିବ। ପରେ ଫଟୋ ଗୁଡ଼ିକ ପ୍ରଦର୍ଶନୀରେ ସ୍ଥାନ ପାଇବ ଏବଂ ବିଜୟୀମାନଙ୍କୁ ଆକର୍ଷଣୀୟ ପୁରସ୍କାର ମିଳିବ। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତା ମାଧ୍ୟମରେ ଶିମିଳିପାଳ ଭଳି ଗୁରୁତ୍ୱପୂର୍ଣ୍ଣ ଟାଇଗର୍ ଲ୍ୟାଣ୍ଡସ୍କେପ୍ ରକ୍ଷା ପାଇଁ ଜନସଚେତନତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଫଟୋଗ୍ରାଫରମାନେ ତୁରନ୍ତ ନିଜର ଲେନ୍ସ ଯୋଗେ ଶିମିଳିପାଳର କାହାଣୀ କହିବା ପାଇଁ ଆହ୍ୱାନ କରାଯାଇଛି।...

## ରୋଟାରୀ ହେରିଟେଜ୍ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ



**ବାରିପଦା,୨୨।୭(ସମିସ):** ରୋଟାରୀ ଇଣ୍ଟରନ୍ୟାସନାଲର ଏକ ମହତ୍ୱ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି ଅନ୍ନପୂର୍ଣ୍ଣା ଦିବସ। ସମାଜର ତୃଣମୂଳସ୍ତରରେ ଥିବା ଅବହେଳିତ, ନିଷ୍ପେସିତ କିମ୍ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୁହଁରେ କିଛି ସମୟ ପାଇଁ ହସ ଫୁଟାଇବା। ତାହାକୁ ଦୃଷ୍ଟିରେ ରଖି ରୋଟାରୀ କ୍ଲବ ଅଫ୍ ବାରିପଦା ହେରିଟେଜ୍ ତରଫରୁ ଲକ୍ଷ୍ମୀପୋଷି ବାଉରାସ୍ଥିତ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ କ୍ଲବ ସଭାପତି ରୋଟାରୀୟାନ ତରଣୀସେନ ଧଳ ଏବଂ ସମ୍ପାଦକ ସଂଜୀବ କୁମାର ଦଣ୍ଡପାଟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାଶ ଓ ଦୃଷ୍ଟିହୀନ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧାକର ପ୍ରଧାନ ତଥା ଅନ୍ୟ ଶିକ୍ଷକ କର୍ମଚାରୀ ଙ୍କ ସହଯୋଗରେ ପିଲାମାନେ ଶୃଙ୍ଖଳିତଭାବରେ ଉପଭୋଗ କରିଥିଲେ। କ୍ଲବ ତରଫରୁ ପିପି ଅନିରୁଦ୍ଧ ପୃଷ୍ଟି, ଅମିତାଭ ପଟ୍ଟନାୟକ, ପ୍ରଦୀପ ନାୟକ, ସନ୍ତୋଷ କାସ୍ତ, ନଳିନ ଚୌଧୁରୀ, ସଭ୍ୟ ଚିତ୍ତରଞ୍ଜନ ପଳତା, ରାଜେଶ ପଡ଼ିଆରୀ, ଜ୍ୟୋତିପ୍ରକାଶ ପଣ୍ଡା ଏବଂ ରାମଚନ୍ଦ୍ର ସେଠୀ ସହଯୋଗ କରିଥିଲେ।

## ଶିକ୍ଷାନୁଷ୍ଠାନରେ ବନମହୋତ୍ସବ



**କୁଆମରା,୨୨।୭(ସମିସ):** ଗୋପବନ୍ଧୁନଗର ବ୍ଲକ୍ କୁଶଳଦା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁକାନ୍ତି ସୋରେନ ଙ୍କ ତତ୍ତ୍?।ବଧାନରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ କୁଆମରା ବନପାଳ ଅବନୀ କୁମାର ଜେନା, ସାମ୍ବାଦିକ ଚିତ୍ତରଞ୍ଜନ ଦଳେଇ, ସ୍ଥାନୀୟ ସରପଞ୍ଚ ଦୀପାଲି ସିଂ, ଶିକ୍ଷକ ପ୍ରଶିକ୍ଷକ ପ୍ରିୟବ୍ରତ ପ୍ରିୟଦର୍ଶୀ ବେହେରା, ଅନନ୍ତ କୁମାର ଦାସ, ସାମ୍ବାଦିକା ମିନତୀ ଦଳେଇ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣର ଉପକାରିତା ଓ ପ୍ରାକୃତିକ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଶହେ ରୁ ଉର୍ଦ୍ଧ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ କ୍ଷୁଦ୍ର ନାଟକ ଗଛର କାନ୍ଦ ପରିବେଷଣ ହୋଇଥିଲା। ଚନ୍ଦନ ସିଂ, ଜୁଲି ମୁର୍ମୁ, କମଳ ଲୋଚନ ମହାନ୍ତ, ଚିତ୍ତରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାତୀକୁ ନିଆଁ ଚେଙ୍କ, ଭିଡିଓ ଭାଇରାଲ୍

**କରଞ୍ଜିଆ,୨୨।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବନାଞ୍ଚଳ ଅଧୀନ ଘାଗରବେଡ଼ା ଅଞ୍ଚଳରେ ଏକ ଅମାନବିକ ଘଟଣା ସାମ୍ନାକୁ ଆସିଛି। ଏକ ବଣୁଆ ହାତୀ ଗ୍ରାମ ଭିତରକୁ ପଶି ଆସି ଏକ ଘର ନିକଟରେ ପହଞ୍ଚିଥିଲା। ଏହାପରେ କିଛି ଗ୍ରାମବାସୀ ଜଳନ୍ତା ମଶାଲ ବ୍ୟବହାର କରି ହାତୀକୁ ଘଉଡ଼ାଇବା ବେଳେ ତାହାକୁ ଆଘାତ କରିଥିବା ଅଭିଯୋଗ ଉଠିଛି। ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ତେବେ ହାତୀଟି ଆହତ ହୋଇଛି କି ନାହିଁ କିମ୍ବା ଘଟଣାର ପ୍ରକୃତ ପରିସ୍ଥିତି କ'ଣ, ସେ ନେଇ ସରକାରୀ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏହି ଘଟଣାକୁ ନେଇ ପରିବେଶପ୍ରେମୀ ଓ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ କାର୍ଯ୍ୟ କରୁଥିବା ପ୍ରକୃତିପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବନ୍ୟଜନ୍ତୁଙ୍କ ପ୍ରତି ଏଭଳି ବ୍ୟବହାର ଆଇନଗତ ଭାବେ ଦଣ୍ଡନୀୟ ହୋଇପାରେ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି। ତେବେ ଏହି ଘଟଣା ସମ୍ପର୍କରେ କରଞ୍ଜିଆ ବନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା କିମ୍ବା ବିବୃତ୍ତି ମିଳିନାହିଁ। ବନ ବିଭାଗର ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟତା ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ପଷ୍ଟ ହେବ।



## ଜିଲ୍ଲା କଂଗ୍ରେସ କମିଟିର ବିକ୍ଷୋଭ

**ରାଇରଙ୍ଗପୁର,୨୨।୭(ସମିସ):** ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦମନ କରିବା ବିରୋଧରେ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ସ୍ୱରୂପ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ କମିଟି ପ୍ରତିବାଦ କରିଥିଲେ। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଦମନ ଲୀଳା, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ପୁଲିସ ଗିରଫ କରିବା, ଭୁବନେଶ୍ୱରରେ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ପୁଲିସ ଗିରଫ କରିବା ଘଟଣା ଆଦିକୁ ବିରୋଧ କରି ତାହାର ପ୍ରତିବାଦରେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ଶ୍ୟାମ ଚରଣ ହାଁସଦାଃ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ବସନ୍ତ ପଟ୍ଟନାୟକ, ହରିଚରଣ ସାହୁ, ବୋଇଲୋଚନ ଗିରି, ରୂପକ ମହାନ୍ତି, ରାଇରଙ୍ଗପୁର ମ୍ୟୁନିସିପାଲିଟିର ଅମର ପ୍ରଧାନ ଦେଓ ହେମ୍ବ୍ରମ, ବିଡ଼ାର ମାଝୀ, କୌଶିକ ମହାନ୍ତି, ଶ୍ୟାମ ପଟ୍ଟନାୟକ, କିରଣ ବାଲ୍ମିକୀ, ଟାମ୍ବରୁ ମୁର୍ମୁ, ମହମଦ ୱାରିମ, ରାଇରଙ୍ଗପୁର ବ୍ଲକ୍‌ର ସିମାଲ ମାଝୀ, ପ୍ରଣେଶ ମଣ୍ଡଳ, ମାନସିଂ ମାଝୀ, ଅମିତ ବୈଠା, ଏସି ମହାନ୍ତ ଓ ବହଳଦା ବ୍ଲକ୍‌ର ଅସିତ ସାମନ୍ତରାୟ, ଅଭିନବ ମହାନ୍ତି, ସାମୁ ଡଗରା, ବୁବୁନ ଦାସ ଓ ଶୁଭମ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



## ବଜ୍ରାପାତରେ ଜଣେ ମୃତ

**ବାଲିବନ୍ଧ, ୨୨।୭(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଗୁମୁରା ପଞ୍ଚାୟତର ସରୁପତଳା ଗ୍ରାମରେ ଘଟିଛି ଅଘଟଣ। ଅପରାହ୍ନରେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଘଟି ଜଣେ ୪୫ ବର୍ଷୀୟା ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ଜଣକ ସ୍ୱର୍ଗତ ନବୀନଚନ୍ଦ୍ର ପାତ୍ରଙ୍କ ସ୍ତ୍ରୀ ପାର୍ବତୀ (୪୫) ବୋଲି ଜଣାପଡିଛି। ପ୍ରବଳ ବର୍ଷା ସହ ବଜ୍ରପାତ ସମୟରେ ପାର୍ବତୀ ବିଲରେ କାମ କରୁଥିଲେ। ହଠାତ ବଜ୍ରପାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ଅଚେତ ହୋଇ ପଡ଼ିଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଝୁମ୍ପୁରା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପୂର୍ବକ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ ଦିଲ୍ଲୀ ଛାତ୍ର ଆନ୍ଦୋଳନ ଉପରେ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

## କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା

**କେନ୍ଦୁଝର, ୨୨।୭(ସମିସ):** ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ ଘଟଣାକୁ ଦିଲ୍ଲୀ ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ନିନ୍ଦା କରିଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଏବଂ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଭୁବନେଶ୍ୱରରେ ପିସିସି ସଭାପତି ଭକ୍ତ ଦାସଙ୍କ ପ୍ରତି ପୁଲିସ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ବୁଧବାର କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। କଂଗ୍ରେସ ଭବନଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରାଯାଇଥିଲା। ରାଜ୍ୟ ଆଦିବାସୀ ସେଲ୍ ଅଧ୍ୟକ୍ଷ ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ଜିଲ୍ଲା ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଯୁବ ସଭାପତି ସୁନେଶ ଧୀର, ଛାତ୍ର ସଭାପତି ଶୁଭମ ରାଜ, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ଡିସିସି ସାଧାରଣ ସମ୍ପାଦକ ସୁଜଳ କୁମାର ସେଠୀ, ରଘୁନାଥ ପାତ୍ର, ରତ୍ନାକର ଜେନା, ଆଦିତ୍ୟ ଦିବ୍ୟ ସିଂହ, ପୂର୍ଣ୍ଣ ଦାସ, ଦୀନେଶ ରାଉତ, ପବିତ୍ର ପାତ୍ର, ଜଗନ ସାହୁ, ସୁବ୍ରତ ନାୟକ, ସୁଶୀଳ ଗିରି ବହୁ କର୍ମୀ ଯୋଗ ଦେଇଥିଲେ।





## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ; ଜଣେ ଗିରଫ

**ଯୋଡ଼ା, ୨୨।୭(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ସରୁଚି ବିଜାର ନିକଟରେ ସଙ୍ଘବଧ ଭାବେ ଖଣ୍ଡାରେ ବିଷ୍ଣୁ ନାଗଙ୍କୁ ମାରଣାତ୍ମକ ଆକ୍ରମଣ କରିଥିବା ମାମଲାରେ ଯୋଡ଼ା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ଆଉ ୩ ଜଣ ଫେରାର ଥିବା ବେଳେ ଗିରଫ ଅଭିଯୁକ୍ତ ହେଉଛି ସିଦ୍ଧାନ୍ତ ଶେଖର ପାତ୍ର (୨୬)। ଗତ ୧୬ ଜୁଲାଇ ଯୋଡ଼ା ପାତ୍ର ବସ୍ତିର ବିଷ୍ଣୁ ନାଗ ସୁରୁଚି ବଜାର ନିକଟରେ ଛିଡା ହୋଇଥିବା ବେଳେ ସେହି ବସ୍ତିର ୪ ଜଣ ପିଲା ମୋଟର ସାଇକଲରେ ଆସି ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜୀବନରୁ ମାରିଦେବା ଉଦ୍ଦେଶ୍ୟ ରଖି ପଛପଟୁ ଏବଂ କପାଳରେ ଖଣ୍ଡା ଚୋଟ ମାରିଥିଲେ। ବିଷ୍ଣୁଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଖବର ପାଇ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସାହଯ୍ୟରେ ଟାଟା ମେଡିକାଲକୁ ତାଙ୍କୁ ନେଇଥିବା ବେଳେ ଡକ୍ଟର ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକକୁ ସ୍ଥାନାନ୍ତରିତ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁକରି ସିଦ୍ଧାର୍ଥକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାରେ ବ୍ୟବହୃତ ମଟରସାଇକଲକୁ ଜବତ କରିଛି। ଫେରାର ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଧରାହେବେ ବୋଲି ଥାନାଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।



## ସ୍ତ୍ରୀ ଓ ସନ୍ତାନଙ୍କୁ ଫେରାଇ ଆଣିବା ଦାବିରେ ଧାରଣା

**କରଞ୍ଜିଆ,୨୨।୭(ସମିସ):** ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଥାନା ଅନ୍ତର୍ଗତ ଗୋଏଲି ଅଞ୍ଚଳର ବାସିନ୍ଦା ଦିଲ୍ଲୀପ କୁମାର ବେହେରା ସୋମବାର କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ନ୍ୟାୟ ଦାବି କରିଥିଲେ। ନିଜ ପାରିବାରିକ ସମସ୍ୟାର ସମାଧାନ, ସ୍ତ୍ରୀ ଓ ସନ୍ତାନଙ୍କୁ ଫେରାଇ ଆଣିବା ଏବଂ ଆଇନଗତ ସହାୟତା ଦାବି କରି ସେ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଦିଲ୍ଲୀପ ବେହେରା ଯଶିପୁର ଥାନାର ଭୂମିକାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦିଲ୍ଲୀପ ବେହେରାଙ୍କ କହିବା ଅନୁସାରେ, ଗତ ୬ ଅଗଷ୍ଟ ୨୦୨୫ ତାରିଖରୁ ତାଙ୍କ ସ୍ତ୍ରୀ ଘରୁ ଚାଲିଯାଇଥିଲେ। ଗଲାବେଳେ ତାଙ୍କ ସ୍ତ୍ରୀ ବିବାହ ସମୟର କିଛି ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଘର ଛାଡ଼ି ଯାଇଥିଲେ। ସେହି ଦିନଠାରୁ ଏପର୍ଯ୍ୟନ୍ତ ତାଙ୍କ ସ୍ତ୍ରୀ ଓ ସନ୍ତାନ ଘରକୁ ଫେରିନଥିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ିଥିବା କହିଛନ୍ତି। ଘଟଣା ପରେ ସେ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଦାବି ଅନୁସାରେ, ସେତେବେଳେ ତାଙ୍କ ମା'ଙ୍କର କିଛି ଗହଣା ଫେରସ୍ତ କରାଯାଇଥିଲା ଏବଂ ତାଙ୍କ ସ୍ତ୍ରୀ ଛଅ ମାସ ମଧ୍ୟରେ ଘରକୁ ଫେରିବେ ବୋଲି ଆଶ୍ୱାସନ ଦିଆଯାଇଥିଲା। କିନ୍ତୁ ଛଅ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ଫେରିନଥିବାରୁ ସେ ଗଭୀର ନିରାଶାରେ ଥିବା କହିଛନ୍ତି। କରଞ୍ଜିଆରେ ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ନିଜ ଦାବି ଉପସ୍ଥାପନ କରିଥିଲେ।



## ବର୍ତ୍ତନାରେ ବିପର୍ଯ୍ୟୟ ପରିଚାଳନା ତାଲିମ

**ବଡସାହି,୨୨।୭(ସମିସ):** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ୪ଟି ଗ୍ରାମର ସ୍ୱେଚ୍ଛାସେବୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି, ବଡ଼ସାହି ଓ 'ସଂକଳ୍ପ'ର ମିଳିତ ଉଦ୍ୟମରେ ଯୋଗୀନୂଆଗାଁ ପଞ୍ଚାୟତର ବର୍ତନା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଡିଓ ବନଜା ଦାସ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ଜିପିଡ଼ିଓ ଅବିନାଶ ପଣ୍ଡା, କୋଚିଲାଖୁଣ୍ଟାର ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ, 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ ଦାସ ମହାପାତ୍ର ପ୍ରମୁଖ ତାଲିମ ଗ୍ରହୀତାଙ୍କୁ ମାନପତ୍ର ଏବଂ ଫଳ ଚାରା ପ୍ରଦାନ କରିଥିଲେ। ଏହି ସାତଦିନିଆ ତାଲିମ କାର୍ଯ୍ୟକ୍ରମରେ ଯୋଗୀନୂଆଗାଁ ପଞ୍ଚାୟତର ବାରିହାପାଳ, ଦିଙ୍ଗିରା, ବର୍ତ୍ତନା, କୋଚିଲା ଖୁଣ୍ଟା ପଞ୍ଚାୟତର ପାଇକପଡା ଗ୍ରାମର ୪୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ୩ ଜଣ ତାଲିମଦାତ୍ରୀ ହେମାଞ୍ଜଳି ନାଏକ, ଜୁଲିମଣି ବେହେରା ଓ କବିତା ଘଡେଇ ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ ମେଡିକାଲ ଅଫିସର ସଂଜୀବ କୁମାର ବୋଇତାଇ ପ୍ରାଥମିକ ସହାୟତା, ଅଗ୍ନିଶମ ବିଭାଗର ଅଗ୍ନି ଯୋଦ୍ଧା ବିଜୟ ଦାସ, ବିଜୟ ଦତ୍ତ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ତ୍ଥୀଙ୍କୁ ବିଭିନ୍ନ କୌଶଳ ପ୍ରଦର୍ଶନ କରି ତାଲିମ ଦେଇଥିଲେ। ଉଦ୍‌ଯାପନୀ ଶେଷରେ ବର୍ତ୍ତନା ଗ୍ରାମର ସ୍ୱେଚ୍ଛାସେବୀ ଜନାର୍ଦ୍ଦନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



**କରଞ୍ଜିଆ,୨୨।୭ (ସମିସ):** ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷାବର୍ଷର ଫଳାଫଳ ପ୍ରକାଶ ପାଇଛି। ଏଥିରେ କରଞ୍ଜିଆ ବ୍ଲକ୍ ରସମତଲା ୟୁପି ସ୍କୁଲର ୭ ଜଣ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବବିତା ଦାସ ଏହି ସୂଚନା ଦେଇ କହିଛନ୍ତି ଯେ, ୨୦୨୩୨୪ ଶିକ୍ଷାବର୍ଷ ପାଇଁ ସଂଯୁକ୍ତା ହାଁସଦା, କୃଷ୍ଣାରାଣୀ ମହାନ୍ତ, ଲିଜାରାଣୀ ମହାନ୍ତ, ସ୍ୱର୍ଣ୍ଣଲତା ମହାନ୍ତ, ବବିତା ମହାନ୍ତ ଏବଂ ସ୍ୱାଗତିକା ମହାନ୍ତ ମେଧାବୃତ୍ତି ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୨୦୨୪୨୫ ଶିକ୍ଷାବର୍ଷ ପାଇଁ ମେଘମାଳା ନାୟକ ଏହି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତା ବିଦ୍ୟାଳୟର ଶିକ୍ଷାଦାନର ମାନ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାର ପ୍ରତିଫଳନ ବୋଲି ସ୍ଥାନୀୟ ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଇଛି। ରସମତଲା ୟୁପି ସ୍କୁଲର ଏହି ଗୌରବମୟ ସଫଳତା ପାଇଁ ସଫଳ ଛାତ୍ରଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟ: କର୍ମଚାରୀ ଅଭାବ; ଲୋକଙ୍କୁ ମିଳୁନି ସଠିକ୍ ସେବା

**ମହୁଲଡିହା,୨୨।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ପରିଲକ୍ଷିତ ହେଉଛି। ସଠିକ୍ ସମୟରେ ହୋଇପାରୁନି ଜନସାଧାରଣଙ୍କ କାମ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଠାକୁରମୁଣ୍ଡା ତହସିଲରେ କର୍ମଚାରୀ ଅଭାବ ହେତୁ କାର୍ଯ୍ୟ ଧିମେଇ ଯାଇଛି। ବିଭିନ୍ନ କାମରେ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। କାର୍ଯ୍ୟ ଦିବସରେ ତହସିଲକୁ ଆସିଲେ ହଇରାଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ୪ ଜଣ କନିଷ୍ଠ କିରାଣି ପଦବୀ ରହିଛି। ଚାରିଟି ପଦବୀରେ କେହି ନାହାନ୍ତି। ୪ ବରିଷ୍ଠ କିରାଣି ପଦବୀ ଥିବାବେଳେ ୨ ଜଣ ବରିଷ୍ଠ କିରାଣି କାର୍ଯ୍ୟ କରୁଛନ୍ତି। ୨ ବର୍ଷ ଧରି ରାଜସ୍ୱ ସୁପରଭାଇଜର ପଦ ଖାଲି ପଡ଼ିଛି। ଠାକୁରମୁଣ୍ଡା ତହସିଲ ଅଧୀନରେ ୫ଟି ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ଜଣେ। ୭ ଜଣ ସହକାରୀ ରାଜସ୍ୱ ନୀରିକ୍ଷକଙ୍କ ଜାଗାରେ ଅଛନ୍ତି ୨ ଜଣ। ସରକାର ନିଯୁକ୍ତି ଦେଉନାହାନ୍ତି କିମ୍ବା ଅନ୍ୟ ସ୍ଥାନରୁ ବଦଳି କରି ଭରଣା କରାଯାଉନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ସରକାରରେ ଏଭଳି ଚାଲିଛି ବିକାଶ। କେବଳ ଧର୍ମକୁ ଆଖିଠାର ଭଳି ସେବା ଯୋଗାଉଛି ତହସିଲ। ତହସିଲ ଉପରେ ଚାପ ଲମ୍ବା ନାହିଁ। ପୁଣି ଜମି ପଞ୍ଜୀକରଣ ଦାୟିତ୍ୱ ମଧ୍ୟ ରହିଛି। ଆବଶ୍ୟକ କର୍ମଚାରୀ ବିନା କେମିତି ମିଳିବ ସେବା। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ଥିବା ସ୍ୱୀକାର କରିଛନ୍ତି।





## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଐତିହ୍ୟ

- ୧୮୫୬- ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ଜନ୍ମ।
- ୧୯୦୩- ମୋଟର୍ କମ୍ପାନି ଫୋର୍ଡ ତା'ର କାର୍ ବିକ୍ରି ଆରମ୍ଭ କଲା।
- ୧୯୦୬- କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ।
- ୧୯୨୭- ଭାରତରେ ନିୟମିତ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୨୦୧୨- ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଲକ୍ଷ୍ମୀ ସେହଗଲ୍‌ଙ୍କ ଦେହାନ୍ତ।


# ଜ୍ୟାକ୍‌ଲିନ୍‌ଙ୍କ ଏଆଇ ଅବତାର

ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବେ ଡିଜିଟାଲ୍ ଅନ୍ଦାଜରେ ନିଜ ପ୍ରଶଂସକମାନଙ୍କ ସହ ଯୋଡ଼ି ହେବାକୁ ଯାଉଛନ୍ତି। ପ୍ରକୃତରେ, ଜ୍ୟାକଲିନ୍ ନିଜର ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଡିଜିଟାଲ ଅବତାର ଲଞ୍ଚ୍ କରିଛନ୍ତି, ଯାହା ମାଧ୍ୟମରେ ଏବେ ପ୍ରଶଂସକମାନେ ତାଙ୍କ ଜୀବନ ସହ ଜଡ଼ିତ ଅନେକ ଅନାଲୋଚିତ କାହାଣୀକୁ ଅତି ନିକଟରୁ ଜାଣିପାରିବେ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ଏଆଇ ଅବତାର ମାଧ୍ୟମରେ ସେ ତାଙ୍କ ପ୍ରଶଂସକଙ୍କ ସହ ଏକ ଭିନ୍ନ ସ୍ତରରେ ଯୋଡ଼ି ହୋଇପାରିବେ।" ଏହାକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଛି, ଯେପରି ଜ୍ୟାକଲିନ୍‌ଙ୍କ ପ୍ରଶଂସକମାନେ ଇଣ୍ଟରଆକ୍ଟିଭ୍ ଶୈଳୀରେ ତାଙ୍କର ବିଚାରଧାରା, ଅନୁଭୂତି ଏବଂ ପସନ୍ଦିତ ଜିନିଷଗୁଡ଼ିକ ବିଷୟରେ ଜାଣିପାରିବେ। ଜ୍ୟାକଲିନ୍‌ଙ୍କର ଏହି ଏଆଇ ଅବତାରକୁ ତାଙ୍କ ବ୍ୟକ୍ତିତ୍ୱର ଏକ ଡିଜିଟାଲ୍ ବିସ୍ତାର ବୋଲି କୁହାଯାଉଛି। ଏହା ଦେଖିବାକୁ ଅବିକଳ ଜ୍ୟାକ୍‌ଲିନ୍‌ଙ୍କ ଭଳି। ତାଙ୍କର ଡିଜିଟାଲ ଅବତାରକୁ କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱାର୍କର ଏଆଇ ଷ୍ଟୁଡିଓ 'ଗ୍ୟାଲେରି୫' ପ୍ରସ୍ତୁତ କରିଛି। ଏହାକୁ ତିଆରି କରିବା ଲାଗି ଏଆଇ କଥାବାର୍ତ୍ତା ଟେକ୍‌ନିକ୍, ଭଏସ୍ ସିନ୍ଥେସିସ୍ ଏବଂ ଇଣ୍ଟର ଆକ୍ଟିଭ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ଯାହାକି କେବଳ ଜ୍ୟାକଲିନ୍‌ଙ୍କ ଚେହେରା ନୁହେଁ, ବରଂ ତାଙ୍କ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ବି ପ୍ରତିଫଳିତ କରିପାରିବ। ତାଙ୍କର ଏହି ଏଆଇ ଅବତାରରେ ଏକ ବିଶେଷ ପ୍ରକାର ବୁକ୍ କ୍ଲବ୍ ରହିବ। ତାଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଥିବା ବହିଗୁଡ଼ିକ ବାବଦରେ ସେ ଏଠାରେ କହିବେ। ଏହା ବ୍ୟତୀତ ଏହି ପ୍ଲାଟଫର୍ମରେ ତାଙ୍କ ଜୀବନ ସହ ଜଡ଼ିତ ଅନୁଭବ, ଆତ୍ମଚିନ୍ତନ ଏବଂ ବ୍ୟକ୍ତିଗତ କାହାଣୀ ସାମିଲ ହେବ। ଏହା ଏମିତି କଣ୍ଟେଣ୍ଟ ହେବ, ଯାହାକି ଜ୍ୟାକ୍‌ଲିନ୍‌ଙ୍କ ପ୍ରଶଂସକଙ୍କୁ ତାଙ୍କ ବ୍ୟକ୍ତିତ୍ୱର ଅଲଗା ପରିଚୟ ପ୍ରଦାନ କରିବ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ବହି ହେଉ କି କୌଣସି ନୂଆ ଚିନ୍ତାଧାରା ମୋତେ ପ୍ରେରଣା ଦେଉଥିବା ଜିନିଷଗୁଡ଼ିକ ସବୁବେଳେ ମୁଁ ସେୟାର୍ କରିବାକୁ ପସନ୍ଦ କରେ। ଏହି ଏଆଇ ଅବତାର ମାଧ୍ୟମରେ ଯେଉଁ କଥାଗୁଡ଼ିକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ସହଜ ହୋଇ ନ ଥାଏ ତାହା ସେୟାର୍ କରାଯାଇ ପାରିବ।"





# ଗୋଲାପି ବାସ୍କେଟ୍‌ରେ ଜୀବନସାଥୀ ଖୋଜା

ବର୍ତ୍ତମାନର ଡେଟିଂ ଆପ୍ ଏବଂ ସୋସିଆଲ ମିଡିଆ ଯୁଗରେ ଜୀବନସାଥୀ ଖୋଜିବାର ଏକ ନିଆରା ଉପାୟ ସାମ୍ନାକୁ ଆସିଛି। ଫିନ୍‌ଲ୍ୟାଣ୍ଡ ସୁପରମାର୍କେଟ୍‌ରେ ଗ୍ରାହକଙ୍କୁ ଗ୍ରସରି କିଣିବା ସହିତ ନିଜ ପାଇଁ ଜୀବନସାଥୀ ଖୋଜିବାର ସୁଯୋଗ ମିଳିପାରୁଛି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଯେଉଁ ଗ୍ରାହକମାନେ ସିଙ୍ଗଲ୍ ଅଛନ୍ତି ଏବଂ ନିଜ ପାଇଁ ସାଥୀଟିଏ ଖୋଜୁଛନ୍ତି, ସେମାନେ ସପିଂ କରିବା ସମୟରେ ଏହି ଗୋଲାପି ବାସ୍କେଟ୍ ବ୍ୟବହାର କରିଥାନ୍ତି। ଏହି ବାସ୍କେଟ୍ ବହନ କରୁଥିବା ବ୍ୟକ୍ତି ସିଙ୍ଗଲ୍ ବୋଲି ଅନ୍ୟମାନେ ଜାଣିପାରନ୍ତି ଏବଂ ସେମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୁଏ। ଡେଟିଂ ଆପ୍‌ରେ ସ୍ୱାଇପ୍ କରିବା ଅପେକ୍ଷା ବାସ୍ତବ ଦୁନିଆରେ ଲୋକଙ୍କ ସହ ସିଧାସଳଖ ମିଶିବା ପାଇଁ ଏହାକୁ ଏକ ଭଲ ଏବଂ ସୁରକ୍ଷିତ ମାଧ୍ୟମ ଭାବେ ଦେଖାଯାଉଛି। ଆମେରିକାର କଣ୍ଟେଣ୍ଟ କ୍ରିଏଟର ରୋୟା ଫକ୍ସ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ନିଆରା ପରିକଳ୍ପନା ବାବଦରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ରୋୟା କହିଛନ୍ତି ଏହି ବାସ୍କେଟ୍‌ରେ 'ସିଙ୍କୁ କୋରି' ଲେଖା ଥାଏ। ଏହାର ଅର୍ଥ 'ସିଙ୍ଗଲ ବାସ୍କେଟ।' ଏଠାକାର କିଛି ସୁପରମାର୍କେଟରେ ଏହି ସୁବିଧା ସିଙ୍ଗଲ ଲୋକଙ୍କୁ ସହଜ ଓ ସୁରକ୍ଷିତ ପରିବେଶରେ ପରସ୍ପର ସହ ଭେଟ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା। ଏହାବାଦ୍ ଏହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଡେଟିଂ ଆପ୍ ତଥା ବାର୍ ସଂସ୍କୃତି ଭିନ୍ନ ଲୋକଙ୍କ ମଧ୍ୟରେ ସର୍ବସାଧାରଣ ସ୍ଥାନରେ କଥାବାର୍ତ୍ତା ଆରମ୍ଭ କରାଇବା। ତେବେ ଏହି ସୁବିଧା ପ୍ରତ୍ୟେକ ସୁପରମାର୍କେଟରେ ଉପଲବ୍ଧ ନାହିଁ। କିଛି ବଛା ବଛା ଷ୍ଟୋରରେ ଏହା ଦେଖିବାକୁ ମିଳେ। ସେହିପରି ଏହା କୌଣସି ବିଧିବଦ୍ଧ ଡେଟିଂ ସେବା ନୁହେଁ, ବରଂ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିବା ଏକ ପରିକଳ୍ପନା। ଗ୍ରାହକ ନିଜ ଇଚ୍ଛାରେ ବାସ୍କେଟ ଉଠାନ୍ତି ଯଦ୍ଦ୍ୱାରା ଅନ୍ୟମାନେ ଏକଥା ବୁଝନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବା ସମ୍ଭବ। ଫିନଲ୍ୟାଣ୍ଡରେ ପୂର୍ବରୁ କମଳା, ହଳଦିଆ ରଙ୍ଗକୁ ସିଙ୍ଗଲ ବାସ୍କେଟ ଭାବେ ବ୍ୟବହାର କରାଯାଉଥିଲା।





# ୩୫ ବର୍ଷ ପରେ ଶୁଝିଲେ ଉଧାର

ଆଜିର ସମୟରେ ଲୋକେ ଛୋଟ ମୋଟ ଧାର କରଜକୁ ଭୁଲି ଯାଉଛନ୍ତି। ତେବେ କେରଳର ଜଣେ ବ୍ୟକ୍ତି ୩୫ ବର୍ଷ ତଳେ ନେଇଥିବା ସାଙ୍ଗର ଉଧାରି ଟଙ୍କାକୁ ଏବେ ଶୁଝି ଚର୍ଚ୍ଚାରେ ରହିଛନ୍ତି। ଘଟଣାଟି ହେଉଛି କେରଳ ନିବାସୀ ମହମ୍ମଦ ଇସ୍ମାଇଲ ଏବଂ ତେଲେଙ୍ଗାନାରେ ରହୁଥିବା ଏଡଲା ଲଚନ୍ନାଙ୍କର। ୧୯୯୦ ମସିହାରେ ସାଉଦି ଆରବରେ ଦୁହେଁ ଏକାଠି କାମ କରୁଥିଲେ। ଏକାଠି ରହିବା ସମୟରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଏତେ ନିବିଡ଼ ହୋଇଯାଇଥିଲା ଯେ, ସେମାନେ ପରସ୍ପରର ସୁଖ ଦୁଃଖର ସାଥୀ ହୋଇଥିଲେ। ତେବେ ସେସମୟରେ କୌଣସି ଏକ ଆବଶ୍ୟକତା କାରଣରୁ ଇସ୍ମାଇଲ ନିଜ ସାଙ୍ଗ ଲଚନ୍ନାଙ୍କଠାରୁ ହଜାରେ ଟଙ୍କା ଧାର ନେଇଥିଲେ। ଅବଶ୍ୟ ଟଙ୍କା ନେବା ସମୟରେ ସେ ଶୀଘ୍ର ଫେରାଇବା ପ୍ରତିଶୃତି ବି ତାଙ୍କୁ ପ୍ରଦାନ କରିଥିଲେ। ହେଲେ ପରିସ୍ଥିତି ଏମିତି ହେଲା ଯେ, ଦୁହେଁ ପରସ୍ପରଠାରୁ ଅଲଗା ହୋଇଗଲେ। କିଛି ଦିନ ପରେ ଲଚନ୍ନା ଭାରତ ଫେରିଲେ। ସେ ସମୟରେ ମୋବାଇଲ, ଇଣ୍ଟରନେଟ୍, ସୋସିଆଲ ମିଡିଆର ସୁବିଧା ନ ଥିଲା। ଫଳରେ ଦୁହେଁ ପରସ୍ପର ସହ ଆଦୌ ଯୋଗାଯୋଗରେ ରହିଲେ ନାହିଁ। ତେବେ ୩୫ ବର୍ଷ ପରେ ବି ଇସ୍ମାଇଲ ସେହି ଉଧାର ଟଙ୍କାକୁ ଭୁଲି ନ ଥିଲେ। ବହୁ ବର୍ଷ ପରେ ନିଜ ସାଙ୍ଗକୁ ସେ ଖୋଜିବାକୁ ମନସ୍ଥ କଲେ। ଯଦିଓ ତାଙ୍କ ପାଖରେ ସାଙ୍ଗର ଫୋନ୍ ନମ୍ବର କି ଘର ଠିକଣା ନ ଥିଲା, ତଥାପି ସେ କେବଳ ଏତିକି ଜାଣିଥିଲେ ଯେ, ତାଙ୍କ ସାଙ୍ଗ ତେଲେଙ୍ଗାନାର ଧର୍ମପୁରୀ ଅଞ୍ଚଳରେ ରହୁଥିଲେ। ଏହାକୁ ଆଧାର କରି ସେ ତାଙ୍କ ସାଙ୍ଗକୁ ଖୋଜିବାକୁ ଲାଗିଲେ। ଇଣ୍ଟରନେଟ୍‌ରୁ ତଥ୍ୟ ସଂଗ୍ରହ କରିବା ପରେ ସେ ନିଜେ ତେଲେଙ୍ଗାନା ଗଲେ ଏବଂ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ଶେଷରେ ନିଜ ସାଙ୍ଗର ପରିବାର ପାଖରେ ପହଞ୍ଚିଲେ। ସେ ସମୟରେ ଲଚନ୍ନା ବିଦେଶରେ କାମ କରୁଥିଲେ। ତେଣୁ ଦୁହିଁଙ୍କ କଥାବାର୍ତ୍ତା ଭିଡିଓ କଲ୍ ମାଧ୍ୟମରେ ହେଲା। ଏହି ସମୟରେ ଇସ୍ମାଇଲ ତାଙ୍କ ପରିବାରକୁ ୨୫ ହଜାର ଟଙ୍କା ଦେଇଥିଲେ। ଯାହାକି ମୂଳ ଉଧାର ଟଙ୍କା ଠାରୁ ଅନେକ ଗୁଣ ଅଧିକ ଥିଲା। ହେଲେ ଇସ୍ମାଇଲଙ୍କ ପାଇଁ ଟଙ୍କାଠୁ ଅଧିକ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବା ବେଶି ଗୁରୁତ୍ୱ ବହନ କରିଥିଲା ବୋଲି ସେ ଜଣାଇ ଦେଲେ। ସାମାଜିକ ଗଣମାଧ୍ୟମରେ ଏହି ଘଟଣାଟି ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏପରିକି ଘଟଣାଟି ଲୋକଙ୍କ ହୃଦୟ ଜିଣିଛି।



# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ



### ମହୁ ଘରା

**ଆବଶ୍ୟକ ସାମଗ୍ରୀ**

ଚାଉଳ ଗୁଣ୍ଡ – ଦୁଇ କପ୍, ମଇଦା– ଅଧା କପ୍, କଳା ଜିରା – ଅଧା ଚାମଚ, ପାନମଧୁରୀ – ଅଧା ଚାମଚ, ଗୁଡ଼ - ଅଧା ଚାମଚ, ନଡ଼ିଆ କ୍ଷୀର– ଏକ କପ୍, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ଚାଉଳଗୁଣ୍ଡ, ମଇଦା, ଗୁଡ଼, ପାନମଧୁରୀ, କଳାଜିରା ସମେତ ନଡ଼ିଆ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଆସିଲେ ମହୁଘରା ଛାଞ୍ଚକୁ ଘୋଳରେ ବୁଡ଼ାଇ ତେଲ ଭିତରେ ଛାଡ଼ନ୍ତୁ। ଏହିପରି ଭାବେ ଏକା ସହିତ ତିନି ଚାରୋଟି ଲେଖାଏ ଛାଣନ୍ତୁ। ଦୁଇ ପାଖ ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମହୁ ଘରା'।

# ନେଲ୍ ସିରମ୍‌ରୁ ଚମକିବ ନଖ

**ସାଧାରଣତଃ ହାତକୁ ଆକର୍ଷଣୀୟ କରିବା ପାଇଁ ନଖର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଏଥିପାଇଁ ଉଭୟ ହାତ ଓ ପାଦ ନଖକୁ ସୁନ୍ଦର ରଖିବା ପାଇଁ ମହିଳାମାନେ ମେନିକ୍ୟୁୟର ଏବଂ ପେଡିକ୍ୟୁୟର୍ ଆଦି କରିଥାନ୍ତି। ଅନେକ ବଡ଼ ନଖ ରଖିବା ସତ୍ତ୍ୱେ ଯତ୍ନ ନ ନେବା ଦ୍ୱାରା ଏହା ଭାଙ୍ଗିଯାଏ। ଏଣୁ ନଖକୁ ମଜଭୁତ୍ ରଖିବା ପାଇଁ ବଜାରରେ ମିଳୁଥିବା ରାସାୟନିକ ସିରମ୍ ପରିବର୍ତ୍ତେ ଘରୋଇ ସିରମ୍ ବ୍ୟବହାର କରିପାରିବେ।**



ନଖର ଶୁଷ୍କତା ଦୂର କରିବାକୁ ଚାହୁଁଥିଲେ ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ, ଅଧା ଚାମଚ ଗ୍ଲିସେରିନ୍, ଏବଂ ଦୁଇତିନି ବୁନ୍ଦା ଲାଭେଣ୍ଡର ଏସେନ୍ସିଆଲ୍ ଅଏଲ୍‌କୁ ଭଲରେ ମିଶାନ୍ତୁ। ଏହାକୁ ଏକ ଛୋଟ ବୋତଲରେ ସଂରକ୍ଷିତ କରି ଦିନକୁ ଥରେ ନଖରେ ମସାଜ୍ କରନ୍ତୁ।


ସେହିପରି ଏକ ଚାମଚ ଅଲିଭ୍ ଅଏଲ୍, ଅଧା ଚାମଚ ଲେମ୍ବୁରସ ଏବଂ ଏକ କୋଳା ରସୁଣ ମିଶାଇ ଏହାକୁ ଏକ କାଚ ଶିଶିରେ ରଖନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହାକୁ ନଖରେ ମସାଜ୍ କରନ୍ତୁ। ଏହା ନଖ ଭାଙ୍ଗିବାରୁ ସୁରକ୍ଷା ଦେବା ସହ ବୃଦ୍ଧି କରିଥାଏ।

ତେବେ ଏହି ଘର ତିଆରି ସିରମ୍ ନଖକୁ ଆବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଏହା ନଖର ଚମକ ବୃଦ୍ଧି କରି, ନଖ ଭାଙ୍ଗିବା କମ୍ କରିଥାଏ। ଏଥିସହ ନଖ ଶୀଘ୍ର ବୃଦ୍ଧି ହୋଇଥାଏ।

# ସାୱାର୍ ମେକ୍‌ଅପ୍

**ସମୟାନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ସାୱାର ମେକ୍‌ଅପ୍ ଲୋକପ୍ରିୟ ରହିଛି। ଏହା ଚିକ୍କଣ, ଉଜ୍ଜ୍ୱଳ ଏବଂ ଆକର୍ଷଣୀୟ ଦିଶିଥାଏ। ଏଥିରେ ଫାଉଣ୍ଡେସନ ବଦଳରେ ହାଲୁକା ଟିଣ୍ଟ ବ୍ଲଶ୍, ଲିକୁଇଡ୍ ହାଇଲାଇଟର୍ ଏବଂ ମଏଶ୍ଚରାଇଜର୍ ଲଗାଯାଏ। ଏଥିରୁ ଏକ ପ୍ରାକୃତିକ ଚମକ ମିଳିଥାଏ।**

- ତ୍ୱଚାକୁ ସଫା କରି ମଏଶ୍ଚରାଇଜର, ହାଲୁକା ସ୍କିନ୍ ଟିଣ୍ଟ ବା ବିବି କ୍ରିମ୍ ଲଗାନ୍ତୁ। ଏହାପରେ କ୍ରିମ୍ ବ୍ଲଶ୍‌ରେ ଗାଲକୁ ହାଲୁକା ରଙ୍ଗ ଦିଅନ୍ତୁ। ଆବଶ୍ୟକ ହେଲେ ହାଇଲାଇଟର୍ ଲଗାନ୍ତୁ। ଆଖିରେ ମସ୍କାରା ଏବଂ ଗାଲରେ ହାଲୁକା ଟିଣ୍ଟେଡ୍ ଲିପ୍ ବାମ୍ ଲଗାନ୍ତୁ।
- ଅପେକ୍ଷାକୃତ ମେକ୍‌ଅପ୍‌ର କମ୍ କଲେ ଏହା ଆଖିକୁ ସୁନ୍ଦର ଏବଂ ନାଚୁରାଲ ଦିଶିଥାଏ।
- କଲେଜ ଛାତ୍ରୀ, କର୍ମଜୀବୀ ମହିଳାଙ୍କ ସମେତ ହାଲୁକା ମେକ୍‌ଅପ୍ ପସନ୍ଦ ମହିଳାଙ୍କ ପାଇଁ ଏହା ଭଲ ହୋଇଥାଏ।



# ପରିଚୟ ଦେଇଛି ହସ୍ତତନ୍ତ ଶିଳ୍ପ

**କୁହାଯାଏ ଦୃଢ଼ମନୋବଳ, ଆତ୍ମବିଶ୍ୱାସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ। ଏହାକୁ ପ୍ରମାଣ କରିଛନ୍ତି ବରଗଡ଼ ବରପାଲିର ୫୦ ବର୍ଷୀୟା ସୁଲୋଚନା ମେହେର। ବୁଣାକାର ଭାବେ ସେ ଭଲିକି ଭଲି ସମ୍ବଲପୁରୀ ଲୁଗାବୁଣି ସ୍ୱାବଲମ୍ବୀ ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିଛନ୍ତି। ଶାଢ଼ିରେ ସୂକ୍ଷ୍ମ କାରୁକାର୍ଯ୍ୟ ମାଧ୍ୟମରେ ପାରମ୍ପରିକ କଳାକୁ ପୁନର୍ଜୀବିତ କରି ଓଡ଼ିଶା ସମେତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।**



### ସଂଘର୍ଷରୁ ସଫଳ

ବୁଣାକାର୍ଯ୍ୟ କଠିନ ଥିବାରୁ ସୁଲୋଚନାଙ୍କ ପିତାମାତା ତାଙ୍କୁ ଜଣେ ଟେଲର ମାଷ୍ଟରଙ୍କ ସହ ବିବାହ କରିଥିଲେ। ବିବାହ ପରେ ସେ ଶାଶୁଘର ଲୋକଙ୍କୁ ବୁଣାକାର୍ଯ୍ୟ କରୁଥିବା ଦେଖିଥିଲେ। ପରେ ଏଥିପ୍ରତି ତାଙ୍କ ମନରେ ଆଗ୍ରହ ଆସିଲା। ଅବଶ୍ୟ ପ୍ରାରମ୍ଭରେ ଏଥିରୁ କମ୍ ପାରିଶ୍ରମିକ ମିଳୁଥିଲା। ତଥାପି ତାଙ୍କ ମନୋବଳ ଭାଙ୍ଗି ନ ଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଦିଆଯାଉଥିବା ଡିଜାଇନର ଟ୍ରେନିଂରେ ସେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ଧୀରେ ଧୀରେ ସମ୍ବଲପୁରୀ ତନ୍ତକଳା ଶିଖି ଏଥିରେ ସେ ସିଦ୍ଧହସ୍ତ ହୋଇଥିଲେ।

### ଲୁପ୍ତକଳାକୁ ନୂଆ ରୂପ

ସୁଲୋଚନା ଶାଢ଼ି ବୁଣିବା ସହ ଲୁପ୍ତ ପାରମ୍ପରିକ କଳାକୁ ବଜାୟ ରଖିଛନ୍ତି। ଉତ୍କଳ ଲକ୍ଷ୍ମୀ, ମଞ୍ଜୁଷା ଏବଂ ସାଚୀପତ ଭଳି ଶାଢ଼ି ସମୟ ସହ ଉଭେଇ ଯାଉଥିବାବେଳେ ସୁଲୋଚନା ଏହାକୁ ଆଧୁନିକ ସ୍ପର୍ଶ ଦେଇ ଲୋକପ୍ରିୟ କରିଛନ୍ତି। ଏବେର ମହିଳାମାନେ ମୟୂର ଚନ୍ଦ୍ରିକା ପୁଷ୍ପାହାତୀ ଏବଂ ଗଜଗାମିନୀ ଭଳି ଐତିହାସିକ ଏବଂ ପ୍ରକୃତି ଆଧାରିତ ଶାଢ଼ି ବେଶ୍ ପସନ୍ଦ କରୁଛନ୍ତି।

### ଜିଲ୍ଲାରୁ ଜାତୀୟ ସ୍ତରରେ ଲୋକାଦୃତି

ତାଙ୍କ ନିର୍ମିତ ଶାଢ଼ି ସମ୍ବଲପୁର, ଭୁବନେଶ୍ୱର ଏବଂ ଦିଲ୍ଲୀର ଅନେକ ବଡ଼ ସୋ ରୁମ୍‌ରେ ବିକ୍ରି ହେଉଛି। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ ସେ ନିଜକଳାକୁ ବିଶ୍ୱବିଦିତ କରିଛନ୍ତି। ୨୦୨୩ ମସିହାର ସେ ଲେହ-ଲଦାଖ ଗସ୍ତ କରି ସେନାକେନ୍ଦ୍ରର ୫୦ ଜଣ ମହିଳାଙ୍କୁ ବୟନଶିଳ୍ପ ତାଲିମ ଦେଇଥିଲେ।

### ଆତ୍ମନିର୍ଭର ୧୦୦୦ ମହିଳା

ସମାଜ ପ୍ରତି ତାଙ୍କର ବଡ଼ ଯୋଗଦାନ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେ ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ବୁଣାକାର୍ଯ୍ୟ, ପ୍ରାକୃତିକ ରଙ୍ଗ ବ୍ୟବହାର ସମେତ ବିଭିନ୍ନ ଡିଜାଇନିଂ ପ୍ରଶିକ୍ଷଣ ଦେଇଛନ୍ତି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭର ହୋଇପାରିଛନ୍ତି। ସୁଲୋଚନାଙ୍କ ଏହି ସଫଳତା ପଛରେ ତାଙ୍କ ସ୍ୱାମୀଙ୍କ ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ରହିଛି।

# କେଶ ଅନୁଯାୟୀ ପାନିଆ

ସାଧାରଣତଃ ଗୋଟିଏ ପାନିଆରେ ଘରର ସମସ୍ତ ଲୋକ ମୁଣ୍ଡ କୁଣ୍ଡାନ୍ତି। ହେଲେ କେଶ ବିଶେଷଜ୍ଞଙ୍କ କହିବାନୁଯାୟୀ, ତେଲ, ସାମ୍ପୁ ଭଳି, କେଶ ଅନୁଯାୟୀ ପାନିଆ ବ୍ୟବହାର କରିବା ଉଚିତ୍। ଭୁଲ୍ ପାନିଆରେ କୁଣ୍ଡାଇଲେ କେଶଝଡ଼ା ସହ କେଶମୂଳ ଦୁର୍ବଳ ହୋଇଥାଏ।

### ସିଧା, ଘନ କେଶ ପାଇଁ ସି- ଟାଇପ୍ ପାନିଆ

- ସିଧା, ଲମ୍ବା ଏବଂ ଘନ କେଶ ଥିଲେ ପେଡାଲ ବ୍ରଶ୍ ଭଲ ହୋଇଥାଏ। ଏହାର ଚଉଡ଼ା ଦାନ୍ତ ଗୋଟିଏ ଥରର କେଶର ବଡ଼ ଅଂଶକୁ କଭର କରିଥାଏ। ଏହା କେଶକୁ ଜଟ ନ କରି ସହଜରେ କୁଣ୍ଡାଇ ହୋଇଥାଏ।


### କୁଞ୍ଚ କେଶ ପାଇଁ ୱାଇଡ୍ ଟୁଥ୍

- ଛୋଟ ଏବଂ କୁଞ୍ଚ କେଶ ଶୀଘ୍ର ଅସଜଡ଼ା ହୋଇଯାଏ। ତେଣୁ ଏହାକୁ କୁଣ୍ଡାଇବା ପାଇଁ ମୋଟାଦାନ୍ତ ପାନିଆ ଭଲ। ଏହି ପାନିଆ ମଝିରେ ଗ୍ୟାପ୍ ଥିବାରୁ ଏଥିରେ ଭଲ ସେ ଜଟ ଛାଡ଼ିଯାଏ।

### ପତଳା କେଶ ପାଇଁ ନରମ ଦାନ୍ତ ପାନିଆ

- କେଶ ପତଳା ଥିଲେ କିମ୍ବା ଧରୁ ଧରୁ ଛିଡ଼ି ଯାଉଥିଲେ, ଏଥିପାଇଁ ପତଳା ଦାନ୍ତ ପାନିଆ ବ୍ୟବହାର କରିପାରିବେ। ଏହା ନରମ ଥିବାରୁ ସହଜରେ କେଶ କୁଣ୍ଡାଇ ହୋଇଥାଏ, ଏହା କେଶମୂଳରେ ଚାପ ପକାଏନି। ଏହାଦ୍ୱାରା ଦୈନିକ କେଶଝଡ଼ା ମଧ୍ୟ କମ୍ ହୋଇଥାଏ।

# ଦୋଷ ସ୍ୱୀକାର କଲେ ୱାର୍ଣ୍ଣର



ସିଡ୍‌ନୀ,୨୨।୭ (ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ମଦ୍ୟପାନ କରି ଗାଡି ଚଳାଇବା ଅପରାଧକୁ ସ୍ୱୀକାର କରିଛନ୍ତି। ଏହି ମକଦ୍ଦମାର ବିଚାର କରୁଥିବା ବିଚାରପତି ୱାର୍ଣ୍ଣରଙ୍କ ସ୍ୱୀକାରୋକ୍ତିକୁ ଗ୍ରହଣ କରିଛନ୍ତି। ଅଗଷ୍ଟ ୧୮ ରେ ଦଣ୍ଡବିଧାନ କରିବେ ବୋଲି ବୁଧବାର ଶୁଣାଣି ପରେ ବିଚାରପତି ତାଙ୍କ ରାୟରେ ଜଣାଇଛନ୍ତି। କିଛି ଦିନ ତଳେ ୱାର୍ଣ୍ଣର ଅଧିକ ମଦ୍ୟପାନ କରି ଗାଡି ଚଳାଇଥିଲା ବେଳେ ପୁଲିସ୍ ଚେକିଂରେ ଧରାପଡ଼ିଥିଲେ। ପ୍ରଥମେ ମଦ୍ୟପାନକୁ ଅସ୍ୱୀକାର କରୁଥିବା ୱାର୍ଣ୍ଣର ପରେ ଗିରଫ ହୋଇଥିଲେ। ଏଭଳି ସମୟରେ ତାଙ୍କୁ ଛାଡ଼ କରାଯାଇଥିଲା। ମକଦ୍ଦମା ଚାଲୁଥିଲାବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ନିୟମ ଅନୁଯାୟୀ ସେ ଜେଲ ମଧ୍ୟ ଯାଇପାରନ୍ତି।

# ଦିନିକିଆ ର୍‍ୟାଙ୍କିଙ୍ଗ୍: ଗିଲ୍ ଶୀର୍ଷସ୍ଥାନ ନିକଟତର

ଦୁବାଇ,୨୨।୭ (ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ନଂ-୧ ସ୍ଥାନ ହାସଲ କରିବାର ନିକଟତର ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ୧୮୮ ରନ୍ କରିଥିବା ଗିଲ୍ ପ୍ରଥମ ସ୍ଥାନରେ ଥିବା ଡାରିଲ ମିଚେଲ (୮୦୨)ଙ୍କଠାରୁ ଗୋଟିଏ ପଏଣ୍ଟ ପଛରେ ରହିଛନ୍ତି। ସେହିପରି ବିରାଟ ବିରାଟ କୋହଲି ୭୬୭ ଓ ରୋହିତ ଶର୍ମା ୭୫୮ ପଏଣ୍ଟ ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଏହି ସିରିଜ୍‌ରେ ଭାରତ ବିପକ୍ଷରେ ଥରେ ହେଲେ ଆଉଟ ନ ହୋଇ ୨୪୯ ରନ୍ କରିଥିବା ଜୋ ରୁଟ୍ ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅପରପକ୍ଷରେ ବୋଲିଂରେ ଆଫଗାନିସ୍ତାନର ରଶିଦ୍ ଖାନ୍ ନଂ-୧ ସ୍ଥାନ ବଜାୟ ରଖିଥିଲାବେଳେ ଇଂଲଣ୍ଡର ଜୋଫ୍ରା ଆର୍ଚର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଲରାଉଣ୍ଡର ଭାବେ ନ୍ୟୁଜିଲାଣ୍ଡର ମାଇକେଲ ବ୍ରେସ୍‌ୱେଲ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଆଫଗାନିସ୍ତାର ଆଜମତୁଲ୍ଲା ଓମରଜାଇ ଓ ବାଂଲାଦେଶର ମେହଦୀ ହାସନ ମିରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

# ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା



ଗ୍ଲାସ୍‌ଗୋ,୨୨।୭ (ଏଜେନ୍ସି):

ବ୍ରିଟେନ ଶାସନାଧୀନ ଦେଶଗୁଡିକ ମଧ୍ୟରେ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇ ଆସୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ଏକ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବ। ୧୧ ଦିନ ଧରି ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ଅନେକ ଲୋକପ୍ରିୟ ଖେଳକୁ ବାଦ୍ ଦିଆଯାଇଛି। ଗ୍ଲାସଗୋ ସଂସ୍କରଣରେ ଏଥର ମୋଟ ୧୦ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ଏହି ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୭୪ ଦେଶର ୩୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଭାରତରୁ ୮ଟି ନିୟମିତ ଓ ୫ଟି ପାରା ସ୍ପୋର୍ଟ୍ସରେ ୧୨୬ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ୭୮ଜଣ ପୁରୁଷ ଓ ୪୮ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳିକା ମିରାବାଇ ଚାନୁ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଭାରତର ଜାତୀୟ ପତାକା ଧରିବେ। ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିବେ ବୋଲି ପୂର୍ବରୁ ଭାରତୀୟ ଅଲିମ୍ପିକ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି।

୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଅଷ୍ଟ୍ରେଲିଆର ଭିକ୍ଟୋରିଆକୁ ଚୟନ କରାଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଭିକ୍ଟୋରିଆ ଏହି କ୍ରୀଡ଼ା ଆୟୋଜନରୁ ଓହରି ଯାଇଥିଲା। ଫଳରେ ବାତିଲ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ କାଣ୍ଟଛାଣ୍ଟ କରି ଆୟୋଜନ ଲାଗି ସ୍କଟ୍‌ଲାଣ୍ଡକୁ ମନେଇବାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ସଫଳ ହୋଇଥିଲା। ଫଳରେ କେବଳ ୧୦ଟି ଇଭେଣ୍ଟ ଏଥର ଆୟୋଜିତ ହେବ। ଏଗୁଡିକ ହେଲା ଲନ୍ ବଲ, ବାସ୍କେଟବଲ, ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବକ୍ସିଂ, ସାଇକ୍ଲିଂ, ଜୁଡୋ, ନେଟ୍‌ବଲ, ସନ୍ତରଣ ଓ ଭାରୋତ୍ତୋଳନ। ଏଥିରେ ୨୧୫ଟି ମେଡାଲ ଇଭେଣ୍ଟ ରହିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟମାନେ ଅଧିକ ପଦକ ଜିତୁଥିବା ବ୍ୟାଡ୍‌ମିଣ୍ଟନ, ରେସଲିଂ, ହକି ଓ ସୁଟିଂ ସହ ୯ଟି ଇଭେଣ୍ଟକୁ ଏଥର ବାଦ୍ ପଡ଼ିଛି। ଏଥର ଭାରତୀୟଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା, ମୁରଲୀ ଶ୍ରୀଶଙ୍କର, ତାଜିନ୍ଦର ପାଲ ସିଂ ପ୍ରମୁଖ ଦୌଡ଼କୁଦରେ ପଦକ ଜିତିବାର ସମ୍ଭାବନା ରହିଛି। ମୀରାବାଇ ଓ ବିନ୍ଦିଆରାଣୀ ଦେବୀ, ଲଭଲିନାଙ୍କଠାରୁ ଭାରତ ପଦକ ଆଶା ରଖିଛି।

## ୟର୍କସାୟର ପକ୍ଷରୁ ଖେଳିବେ କୁଲଦୀପ

ଲଣ୍ଡନ,୨୨।୭ (ଏଜେନ୍ସି): ଭାରତର ପ୍ରମୁଖ ବାମହାତୀ ସ୍ପିନର କୁଲଦୀପ ଯାଦବ ଇଂଲିଶ କାଉଣ୍ଟି କ୍ରିକେଟ ଖେଳିବା ଲାଗି ୟର୍କସାୟର ସହ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ ସେ ୱାନ୍‌ଡେ କପ୍‌ରେ ୫ଟି ମ୍ୟାଚ୍ ଓ ପରେ କାଉଣ୍ଟି କ୍ରିକେଟର ଶେଷ ୪ଟି ମୁକାବିଲାରେ ୟର୍କସାୟର ପକ୍ଷରୁ ଖେଳିବେ। ଭାରତ ଲାଗି ୧୮ଟି ଟେଷ୍ଟ ଖେଳିଥିବା ୩୧ ବର୍ଷୀୟ କୁଲଦୀପ ୭୯ଟି ୱିକେଟ ଅକ୍ତିଆର କରିଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଓଡ଼ିଶା ଜିମ୍ନାଷ୍ଟିକ ଏଚପିସିର ୩ ଖେଳାଳିଙ୍କ ଉପରେ ନଜର



ଭୁବନେଶ୍ୱର, ୨୨।୭ (ସମିସ): ଗ୍ଲାସଗୋଠାରେ ଗୁରୁବାରଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବାକୁଯାଉଛି। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶା ଏଏମ୍/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ ଏଚପିସି'ର ୩ଜଣ ଜିମ୍ନାଷ୍ଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଓ ଅଲିମ୍ପିଆନ ପ୍ରଣତି ନାୟକ। ତପନ ଓ ତପେଶ୍ୱରନାଥ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଏମଏଜି)ରେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖାଇବେ। ସେହିଭଳି ପ୍ରଣତି ମହିଳା ଟିମ୍ ଓ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଡବ୍ଲ୍ୟୁଏଜି) ଇଭେଣ୍ଟରେ ଭାଗନେବେ। 'ଏଚପିସିର ତିନିଜଣ ଆଥଲେଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିଯୋଗିତା କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏଚପିସି ପକ୍ଷରୁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ବିଶ୍ୱ ମଞ୍ଚରେ ପ୍ରତିଭାର ପ୍ରଦର୍ଶନ କରି ସେମାନେ ସଫଳତା ହାସଲ କରନ୍ତୁ' ବୋଲି ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ଓ ଉପସଭାପତି ଆଶୁତୋଷ ତେଲାଙ୍ଗ କହିଛନ୍ତି।

**ଆଜିଠୁ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ**

# ଆୟର ଓ ସୂର୍ଯ୍ୟବଂଶୀଙ୍କ ଉପରେ ନଜର

ହରାରେ,୨୨।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ସହ ଗୁରୁବାରଠାରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯାଇଥିବା ଭାରତୀୟ ଦଳ ଗୋଟିଏ ହେଲେ ଟି-୨୦ ମ୍ୟାଚ୍‌ରେ ଜିତି ପାରି ନ ଥିଲା। ଉଭୟ ସିରିଜ୍‌ରେ ସୁଇଂ, ବାଉନ୍ସ ଓ ସର୍ଟବଲ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କ ଥିବା ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଜଣେ ହେଲେ ଖେଳାଳି ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ପାରି ନ ଥିଲେ। ଫଳରେ ଦୟନୀୟ ପ୍ରଦର୍ଶନ ସହ ସ୍ୱଦେଶ ଫେରିଥିଲା। ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତଠାରୁ ଏଭଳି ପ୍ରଦର୍ଶନ କେହି ଆଶା କରୁ ନ ଥିଲେ। ଭାରତକୁ ଚାମ୍ପିଅନ କରାଇଥିବା ଟିମ୍‌ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ସଞ୍ଜୁ ସାମସନ ଏହି ସିରିଜ୍ ଲାଗି ମନୋନୀତ ହୋଇନାହାନ୍ତି। ଗତ ଦୁଇଟି ସିରିଜ୍‌ରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେଇଥିଲେ। ସଞ୍ଜୁ ସାମସନ ୩ଟି ମ୍ୟାଚ୍‌ରେ ଫେଲ୍ ମାରିବା ପରେ ଆଇପିଏଲ୍‌ର ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଥିଲା। ସେ ମଧ୍ୟ ସର୍ଟବଲ ଓ ବାଉନ୍ସର ବଲର ଉଚିତ ମୁକାବିଲା କରି ପାରି ନ ଥିଲେ। ଏଭଳି ସମୟରେ ଉଭୟ ଆୟର ଓ ସୂର୍ଯ୍ୟବଂଶୀଙ୍କ ଲାଗି ଏହି ସିରିଜ୍ ଗୁରୁତ୍ୱପୂର୍ଣ୍ଣ। ସାମସନ ଦଳରେ ନ ଥିବାରୁ ସୂର୍ଯ୍ୟବଂଶୀ ଇନିଂସ ଓପନ କରିବେ। ଜିମ୍ବାୱେ ଟିମ୍ ନିକଟରେ ଭଲ ଫାଷ୍ଟ ବୋଲର ଅଛନ୍ତି, କିନ୍ତୁ ଇଂଲଣ୍ଡ ଭଳି ପିଚ୍ ନାହିଁ। ଏଣୁ ଏଠାରେ ଭାରତୀୟ ବ୍ୟାଟର ଫେଲ୍ ମାରିଲା ଭଳି ଆଶଙ୍କା ନାହିଁ। ଭାରତୀୟ ଦଳର ପେସ୍ ବାହିନୀ ଯୁବ ଖେଳାଳିଙ୍କୁ ନେଇ ଗଠିତ। ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ଇଂଲଣ୍ଡରେ ଡେବ୍ୟୁ କରିଥିବା ପ୍ରିନ୍ସ ଯାଦବଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯାଇଛି। ଜୁଲାଇ ୨୫ ଓ ୨୬ରେ ପରବର୍ତ୍ତୀ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ।

**ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦**
**ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ, ଫ୍ୟାନ୍ କୋଡ୍**

**ଉଭୟ ଦଳ**

**ଭାରତ:** ଅଭିଷେକ ଶର୍ମା, ଇଶାନ କିଶାନ, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ରିଙ୍କୁ ସିଂ, ସୂର୍ଯ୍ୟାଂଶ ଶେଡ୍‌ଜେ, ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ପ୍ରିନ୍ସ ଯାଦବ, ହର୍ଷ ଦୁବେ, ରବି ବିଷ୍ଣୋଇ ଓ ପ୍ରଭସିମରନ ସିଂହ।

**ଜିମ୍ବାୱେ:** ସିକନ୍ଦର ରାଜା (ଅଧିନାୟକ), ବ୍ରିଆନ ବେନେଟ୍, ତାଡିୱାନ୍‌ସେ ମାରୁମାନି (ୱିକେଟ ରକ୍ଷକ), ବେନ୍ କରାନ, ଡିଓନ ମାୟର୍ସ, ରିୟାନ ବୁର୍ଲ, ବ୍ରାଡ ଇଭାନ୍ସ, ୱେଲିଂଟନ ମାସକାଦ୍‌ଜା, ୱେସ୍‌ଲୀ ମାଧେଭେରେ, ମିଲଟନ ଶୁମ୍ବା, ରିଚାର୍ଡ ଏନ୍‌ଗାରଭା, ତାନକା ଚିଭାଙ୍ଗା, ବ୍ଲେସିଂ ମୁଜାରବାନି, ତାଫଦ୍‌ଜୱା ଶିଗା, ନ୍ୟୁମ୍ୟାନ୍ ନୟାମୁରୀ।

## ୟୁଏସ୍ ଓପନରେ ସିନ୍ନର, ସାବାଲେଙ୍କା ଟପ୍ ସିଡ୍

ନ୍ୟୁୟର୍କ,୨୨।୭ (ଏଜେନ୍ସି): ୟୁଏସ୍ ଟେନିସ ଆସୋସିଏସନ ପକ୍ଷରୁ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତା ଲାଗି ସିଡେଡ ଖେଳାଳି ଓ ଅନ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ନିକଟରେ ୱିମ୍ବଲଡନ ଟେନିସ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ ହାସଲ କରିଥିବା ଇଟାଲୀର ଜାନିକ୍ସ ସିନ୍ନରଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ମହିଳା ଏକକରେ ଗତ ଦୁଇଥରର ଚାମ୍ପିଅନ ଆରିନା ସାବାଲେଙ୍କାଙ୍କୁ ମଧ୍ୟ ନଂ-୧ ର୍‍ୟାଙ୍କ ମିଳିଛି। ଆସନ୍ତା ମାସ ୟୁଏସ୍ ଓପନ ଗ୍ରାଣ୍ଡ ସ୍ଲାମ୍ ଆରମ୍ଭ ହେବ।

## କିଟ୍, କିସ୍‌ରୁ ଆରମ୍ଭ ହେବ ଏଆଇୟୁ କ୍ରୀଡ଼ା ଋତୁ

ଭୁବନେଶ୍ୱର,୨୨।୭ (ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ଆଗାମୀ ୨୦୨୬-୨୭ କ୍ରୀଡ଼ା ଋତୁର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରୁ ଏଆଇୟୁର କ୍ରୀଡ଼ାଋତୁ ଆରମ୍ଭ ହେବ। ଚେନ୍ନଇଠାରେ ଅନୁଷ୍ଠିତ ଏଆଇୟୁ'ର ୩୫ତମ ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରୁ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) କିଟ୍‌ରେ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ଋତୁରେ କିଟ୍ ଓ କିସ୍ ପୁରୁଷ ଓ ମହିଳା କ୍ରିକେଟ୍ ଏବଂ ପୁରୁଷ ହକି ଭଳି ୫ଟି ପ୍ରମୁଖ ସର୍ବଭାରତୀୟ ଓ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍ ଆୟୋଜନ କରିବ। ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୨ଟି ଚାମ୍ପିଅନସିପ୍ ସହ ଓଡ଼ିଶା ମୋଟ ୭ଟି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଛି।

**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

## ୱେଷ୍ଟଇଣ୍ଡିଜର ସାନ୍ତ୍ୱନାମୂଳକ ବିଜୟ

ବାର୍ବାଡସ, ୨୨।୭ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାର ବାର୍ବାଡସରେ ଅନୁଷ୍ଠିତ ଦିନିକିଆ ସିରିଜର ଅନ୍ତିମ ତଥା ୫ମ ମୁକାବିଲାରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୫୦ ଓଭରରେ ୯ ୱିକେଟ ହରାଇ ୨୬୯ ରନ କରିଥିଲା। ଦଳ ପକ୍ଷରୁ ଟମ୍ ଲଥାମ ୬୯, ନିକ କେଲୀ ୬୪ ଓ ୱିଲ୍ ୟଙ୍ଗ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଭିଟେଲ ଲୁଇସ ଓ ଆଲ୍‌ଜାରୀ ଜୋସେଫଙ୍କୁ ୨ଟି ଲେଖାଏ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୧୫ଟି ବଲ୍ ବଳକା ଥାଇ ୮ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସିମରନ ହେଟମାୟର ୬୯ ଓ ସିର୍ଫାନ ରଦରଫୋର୍ଡ ୬୧ ରନ କରି ଦଳକୁ ଜିତାଇଥିଲେ। ସଫଳ ବୋଲର ଭାବେ ନ୍ୟୁଜିଲାଣ୍ଡର ବାମହାତୀ ସ୍ପିନର ଜେଡେନ ଲିନକ୍ସ ଓ ଜ୍ୟାକବ ଡଫିଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପାଞ୍ଚ ମ୍ୟାଚବିଶିଷ୍ଟ ସିରିଜକୁ ୩-୨ରେ ବିଜୟୀ ହୋଇଛି। ହେଟମାୟର ମ୍ୟାଚର ଓ ନ୍ୟୁଜିଲାଣ୍ଡ ସ୍ପିନର ଜେଡେନ ଲିନକ୍ସ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ନ୍ୟୁଜିଲାଣ୍ଡ ୩-୨ରେ ସିରିଜ ଜିତିଲା**

ସକାଳ THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

**THE SAKALA**
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

**ଚାଇନା ଓପନ୍**

## ପ୍ରି-କ୍ୱାର୍ଟରରେ ସିନ୍ଧୁ

ଚାଙ୍ଗଝୋଉ, ୨୨।୭ (ଏଜେନ୍ସି): ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଚାଇନା ଓପନ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମୁକାବିଲାରେ ସିନ୍ଧୁ ୨୧-୧୪, ୯-୨୧, ୨୧-୧୦ ଗେମରେ ସାଥୀ ଖେଳାଳି ଉନ୍ନତି ହୁଡାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ସିନ୍ଧୁ ପ୍ରି-କ୍ୱାର୍ଟରରେ ଘରୋଇ ସଟଲର୍ ଚେନ୍ ୟୁ ଫେଇ'ଙ୍କୁ ଭେଟିବେ। ଗତ ସପ୍ତାହରେ ସିନ୍ଧୁ ଜାପାନ ଓପନରେ ଚାମ୍ପିଅନ ହୋଇଥିଲେ। ଯାହାକି ଦୁଇବର୍ଷ ପରେ ତାଙ୍କର ପ୍ରଥମ ଟାଇଟଲ୍ ଥିଲା। ଅନ୍ୟ ଭାରତୀୟଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ୨୧-୧୭, ୫-୨୧, ୨୧-୧୭ ଗେମରେ ବିଶ୍ୱର ୧୧ ନମ୍ବର ଖେଳାଳି ଇଣ୍ଡୋନେସିଆର ଆଲୱି ଫରହାନଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS